# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୩/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, April 13/2021 | ★★★★

୪୭ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ବଲିଉଡ୍ ଛାଡ଼ିବାକୁ ବାହାରିଥିଲେ ଅଭିଷେକ**

ଟ୍ରୋଲର ଶିକାର ହୋଇ ବଲିଉଡ୍ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ ଅଭିଷେକ ବଚ୍ଚନ। ୧୦

୧୨ **ରାହୁଲଙ୍କ ଦୃଢ଼ ବ୍ୟାଟିଂ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ମ୍ୟାଚରେ ଦୃଢ଼ ବ୍ୟାଟିଂ କରି ୯୧ ରନ ସ୍କୋର କରିଛନ୍ତି ପଞ୍ଜାବ କିଙ୍ଗ୍ସ ଅଧିନାୟକ ଲୋକେଶ ରାହୁଲ।






# ବ୍ରାଜିଲକୁ ଟପିଲା ଭାରତ

## ୨୪ ଘଣ୍ଟାରେ ୧.୬୯ଲକ୍ଷ

## ୭ ଦିନରେ ୯.୩୭ ଲକ୍ଷ ପଜିଟିଭ୍



**ନୂଆଦିଲ୍ଲୀ, ୧୨।୪**

ଭାରତରେ ଗତ ୨୪ ଘଣ୍ଟାରେ ୧,୬୮,୯୧୨ କୋଭିଡ୍ ପଜିଟିଭ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୩୫,୨୭,୭୧୭ରେ ପହଞ୍ଚିଛି। ଫଳରେ ସଂକ୍ରମଣରେ ଭାରତ ବ୍ରାଜିଲକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧୨ ଲକ୍ଷ ଅତିକ୍ରମ କରିଥିବାବେଳେ ଦିନକରେ ୯୦୪ ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୧,୭୦,୧୭୯ରେ ପହଞ୍ଚିଛି। ସେହିପରି ଦେଶରେ ଆରୋଗ୍ୟ ହାର ୯୦ ପ୍ରତିଶତକୁ ଖସିଆସିଛି।

ସାରା ବିଶ୍ୱରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩,୬୧,୩୬,୯୫୪ ମାମଲା ରହିଥିବାବେଳେ ୩,୧୧,୯୮,୦୫୫ ସଂକ୍ରମିତଙ୍କ ସହ ଆମେରିକା ପ୍ରଥମ ସ୍ଥାନରେ ରହିଛି। ଭାରତ ଦ୍ୱିତୀୟ ସ୍ଥାନକୁ ଉଠିଥିବାବେଳେ ୧,୩୪,୮୨,୦୨୩ ମାମଲା ସହ ବ୍ରାଜିଲ ତୃତୀୟ ସ୍ଥାନରେ ରହିଛି। ଭାରତରେ କ୍ରମାଗତ ୩୩ ଦିନ ହେଲା ସଂକ୍ରମଣ କାୟା ମେଲାଇ ଚାଲିଛି। ସକ୍ରିୟ ମାମଲା ସଂଖ୍ୟା ୧୨,୦୧,୦୦୯ରେ ☞ପୃଷ୍ଠା-୪

## ବାଲେଶ୍ୱରକୁ ବ୍ୟାପିଲା ପଶ୍ଚିମବଙ୍ଗ ସଂକ୍ରମଣ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

**ରାଜ୍ୟରେ ଆଉ ୧,୭୪୧ ଚିହ୍ନଟ, ୨ ମୃତ**
- ସୁନ୍ଦରଗଡ଼ରୁ ସର୍ବାଧିକ ୨୬୮ ପଜିଟିଭ୍
- ନୂଆପଡ଼ାରେ ଭୟଙ୍କର ହେଉଛି ସ୍ଥିତି
- ବାଲେଶ୍ୱର ଇମାମୀ ପେପର ମିଲ୍‌ରେ ୧୦୧ ଆକ୍ରାନ୍ତ
- ଜରୁରୀ ନ ଥିଲେ ହସ୍ପିଟାଲ ନ ଯିବାକୁ ପରାମର୍ଶ

ଛତିଶଗଡ଼ ପାଇଁ ଓଡ଼ିଶାର ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି ଆଦି ସୀମାନ୍ତ ଜିଲାରେ ସଂକ୍ରମଣ ବ୍ୟାପିଲା। ଏପଟେ ଟ୍ରେନ୍, ବସ୍ ଓ ବିମାନରୁ ଭୁବନେଶ୍ୱର ଦେଇ ରାଜ୍ୟକୁ କରୋନାର ନୂଆ ଷ୍ଟ୍ରେନ୍ ପଶି ଆସିଲା। ଏବେ ପଶ୍ଚିମବଙ୍ଗ ପଟୁ ଭୂତାଣୁ ମାଡ଼ି ଆସିଲାଣି, ଯେଉଁଥିପାଇଁ ଏବେ ବାଲେଶ୍ୱରର ସ୍ଥିତି ବଦଳିଗଲାଣି। ୩ଦିନ ତଳେ ମାତ୍ର ୩୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ହଠାତ୍ ଦୁଇଦିନରେ ଦୈନିକ ସଂକ୍ରମଣ ୫ଗୁଣ ବଢ଼ିଯାଇଛି। ଛତିଶଗଡ଼ ସୀମାନ୍ତରେ କଟକଣାକୁ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ପଶ୍ଚିମବଙ୍ଗ ପଟୁ ସେପରି କିଛି ଦୃଢ଼ ପଦକ୍ଷେପ ☞ପୃଷ୍ଠା-୪

## ଭାରତରେ ସ୍ପୁଟ୍‌ନିକ ଭି'କୁ ସବୁଜ ସଙ୍କେତ

**ନୂଆଦିଲ୍ଲୀ, ୧୨।୪**




ଭାରତରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଇଥିବାବେଳେ ପର୍ଯ୍ୟାପ୍ତ ଟିକା ଉପଲବ୍ଧ ନ ହେବାରୁ ସରକାରଙ୍କ ଚିନ୍ତା ବଢ଼ିଯାଇଥିଲା। ଏଭଳି ସମୟରେ ରୁଷିଆ ଟିକା ସ୍ପୁଟ୍‌ନିକ ଭି'କୁ ଜରୁରୀ ବ୍ୟବହାର ଲାଗି ବିଶେଷଜ୍ଞ କମିଟି ସୋମବାର ସୁପାରିସ କରିଛି। ଡିସିଜିଆଇ ଏହାକୁ ଅନୁମୋଦନ କଲେ ତୃତୀୟ ଭାକ୍ସିନ ଭାବେ ସ୍ପୁଟ୍‌ନିକ ଭି ଟିକାକରଣରେ ସାମିଲ ହେବ। ପୂର୍ବରୁ ସିରମ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ ଟିକା ଭାରତରେ ବ୍ୟବହୃତ ହେଉଛି।

ଭାରତରେ ଡ. ରେଡିସ୍ କମ୍ପାନୀ ସ୍ପୁଟ୍‌ନିକ ଭି ପ୍ରସ୍ତୁତ କରୁଛି। ମଡର୍ନା, ଫାଇଜର ପରେ ଏହି ଟିକା ସର୍ବାଧିକ ୯୧.୬ ପ୍ରତିଶତ ଫଳପ୍ରଦ ବୋଲି ଦାବି କରିଆସୁଛି। ଭାରତରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଥିବା ସ୍ପୁଟ୍‌ନିକ ଭି'କୁ ଜରୁରୀ ବ୍ୟବହାରିକ ଅନୁମତି ଦେବା ଲାଗି ଡ. ରେଡିସ୍ ପକ୍ଷରୁ ଗତ ଫେବୃୟାରୀ ୧୯ରେ ଆବେଦନ କରାଯାଇଥିଲା। ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍ଇସି)ଙ୍କ ସୁପାରିସ ପରେ ଏବେ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ)ଙ୍କ ମଞ୍ଜୁରୀକୁ ଅପେକ୍ଷା କରାଯାଉଛି। ମହାରାଷ୍ଟ୍ର, ପଞ୍ଜାବ, ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟ କୋଭିଡ୍ ଟିକା ନିଅଣ୍ଟକୁ ନେଇ ଅଭିଯୋଗ କରିଆସୁଥିବାବେଳେ ସ୍ପୁଟ୍‌ନିକ ଭି ଏହି ସମସ୍ୟାର ସମାଧାନ କରିପାରିବ ବୋଲି କୁହାଯାଉଛି।

କରୋନା ଭୂତାଣୁର ମୁକାବିଲା କରିବାରେ ସ୍ପୁଟ୍‌ନିକ ଭି ଶରୀରରେ କିଭଳି ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଛି ତା'ର ସବିଶେଷ ତଥ୍ୟ ଦେବାକୁ ଗତ ୧ ତାରିଖରେ ବିଶେଷଜ୍ଞ କମିଟି ଡ. ରେଡିସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଭାରତରେ ୧୮ରୁ ୯୯ ବର୍ଷ ବୟସ ମଧ୍ୟରେ ପ୍ରାୟ ୧୬୦୦ ଲୋକଙ୍କଠାରେ ସ୍ପୁଟ୍‌ନିକ ଭି ଟିକା ପରୀକ୍ଷା କରାଯାଇଥିଲା। ୟୁଏଇ, ଭେନିଜୁଏଲା ଏବଂ ବେଲାରୁଷ୍‌ରେ ମଧ୍ୟ ଉକ୍ତ ଟିକାର ପରୀକ୍ଷା କରାଯାଇଛି। ☞ପୃଷ୍ଠା-୪

# ମମତାଙ୍କୁ ୨୪ ଘଣ୍ଟିଆ ପ୍ରଚାର ବାସନ୍ଦ

**ନୂଆଦିଲ୍ଲୀ, ୧୨।୪**

**ଧାରଣାରେ ବସିବେ ଟିଏମ୍‌ସି ନେତ୍ରୀ**



କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍)କୁ ଘେରାଉ କରିବା ଲାଗି ଭୋଟରଙ୍କୁ ଉସୁକାଇବା ଅଭିଯୋଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀଙ୍କ ପ୍ରଚାର ଉପରେ ନିର୍ବାଚନ କମିଶନ (ଇସି) ୨୪ ଘଣ୍ଟିଆ ନିଷେଧାଦେଶ ଲଗାଇଛନ୍ତି। ସୋମବାର ରାତି ୮ଟାରୁ ଏହି ନିଷେଧାଦେଶ ଲାଗୁ ହୋଇଛି। ଇସି ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି, ମମତା ବାନାର୍ଜୀ କଟାକ୍ଷପୂର୍ଣ୍ଣ ଏବଂ ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି, ଯାହା ଆଇନଶୃଙ୍ଖଳା ଭାଙ୍ଗିବା ପାଇଁ ଯଥେଷ୍ଟ। ତାଙ୍କର ଏଭଳି ମନ୍ତବ୍ୟ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି। ନିର୍ବାଚନୀ ସଭାରେ ଏଭଳି ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବା ପାଇଁ ପୂର୍ବରୁ ଇସି ମମତାଙ୍କୁ ପରାମର୍ଶ ଦେଇଥିଲେ। ହୁଗ୍‌ଲି ରାଲିରେ ସାମ୍ପ୍ରଦାୟିକତା ଆଧାରରେ ଭୋଟ ପାଇଁ ଅପିଲ କରିବା ଅଭିଯୋଗରେ ଇସି ମମତାଙ୍କ ପାଖକୁ ଗତ ୭ ଓ ୮ ତାରିଖରେ ନୋଟିସ ପଠାଇଥିଲେ।

ଅନ୍ୟପକ୍ଷରେ ଇସିଙ୍କ ନିଷ୍ପତ୍ତିକୁ ଅସାମ୍ବିଧାନିକ ବୋଲି ମମତା କହିବା ସହ ଏହା ବିରୋଧରେ ମଙ୍ଗଳବାର ମଧ୍ୟାହ୍ନରେ ଧାରଣାରେ ବସିବେ ବୋଲି କହିଛନ୍ତି। ନିର୍ବାଚନ କମିଶନ ପକ୍ଷପାତ କରିବା ସହ ନିର୍ଦ୍ଦିଷ୍ଟ ଦଳ ପାଇଁ ସାଲିସ କରୁଥିବା ତୃଣମୂଳ କଂଗ୍ରେସ ସମାଲୋଚନା କରିଛି।

## ଭୁବନେଶ୍ୱରରେ ହେବ କ୍ୟାନ୍‌ସର ହସ୍ପିଟାଲ

### ୨୦୨୪ରେ କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ):** ଭୁବନେଶ୍ୱର ଇନ୍‌ଫୋସିଟି-୨ ନିକଟରେ ଶଙ୍କର କର୍କଟ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ସ୍ଥାପନ ହେବ। ଶ୍ରୀ ଶଙ୍କର କର୍କଟ ଫାଉଣ୍ଡେଶନ ପକ୍ଷରୁ ଏହି ଉତ୍କର୍ଷ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏଥିପାଇଁ ସୁବ୍ରତ ବାଗ୍‌ଚୀ ଓ ସୁସ୍ମିତା ବାଗ୍‌ଚୀ ୨୧୦ କୋଟି ଟଙ୍କା ସହାୟତା କରିବେ। ଏହି ହସ୍ପିଟାଲ ସ୍ଥାପନ ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ଇନ୍‌ଫୋସିଟି-୨ ନିକଟରେ ୨୦ ଏକର ଜମି ଯୋଗାଇ ଦେବେ। ୨୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ୨୦୨୪ ଜାନୁୟାରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏହାପରେ ହସ୍ପିଟାଲ ବେଡ୍ ସଂଖ୍ୟା ୫୦୦କୁ ବୃଦ୍ଧି କରାଯିବ। ହସ୍ପିଟାଲରେ ରୋଗର ପ୍ରମାଣ ଆଧାରିତ ପରିଚାଳନା ସହିତ ଉନ୍ନତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ପାଇଁ ୨୫% ଶଯ୍ୟା ଅଲଗା ରଖାଯିବ। ଅନ୍ୟ ୨୫% ଶଯ୍ୟା ବିଭିନ୍ନ ସରକାରୀ ☞ପୃଷ୍ଠା-୪

# ୫ ବର୍ଷ ବଢ଼ିଲା ଅନ୍ୱେଷା

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

**କ୍ୟାବିନେଟ୍ ନିଷ୍ପତ୍ତି**
- ଏସ୍‌ଟି/ଏସ୍‌ସି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ
- ସାମିଲ ହେବେ ୨୫ ହଜାର ପିଲା
- କାର୍ଯ୍ୟକାରୀ ହେବ ଓଡ଼ିଶା ଲାବରେଟୋରି ଟେକ୍ନିସିଆନ ସେବା ନିୟମ-୨୦୨୧
- ନିଯୁକ୍ତି ପାଇଁ ୧୦୦ ମାର୍କ ଲିଖିତ ପରୀକ୍ଷା

ସହରାଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ସହଭାଗିତାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୨୦୧୫-୧୬ରୁ ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାକୁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ପ୍ରତିବର୍ଷ ସହରାଞ୍ଚଳରେ ଅବସ୍ଥିତ ବିଭିନ୍ନ ଖ୍ୟାତିସମ୍ପନ୍ନ ସରକାରୀ, ବେସରକାରୀ, ମାନ୍ୟତା ପ୍ରାପ୍ତ ଇଂଲିଶ ମାଧ୍ୟମ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟର ୧୭ ଜିଲାର ୧୬୭ ସ୍କୁଲରେ ୨୧,୬୮୨ ଜଣ ଛାତ୍ରୀଛାତ୍ରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଶିକ୍ଷା ଦିଆଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ନିମନ୍ତେ ଆର୍ଥିକ ଓ ଆନୁଷଙ୍ଗିକ ସହାୟତା ଦିଆଯାଉଛି। ଏହି ଯୋଜନାରୁ ମିଳିଥିବା ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ☞ପୃଷ୍ଠା-୪

## ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍



ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍ ପରେ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଟୋଲ୍‌ପ୍ଲାଜାଠାରେ ପୋଲିସ ମୁତୟନ ହୋଇଛନ୍ତି।

# 'ହାଇଦର ଫେରାର ପଛରେ ପରିବାରର ସମ୍ପୃକ୍ତି'

**କଟକ ଅଫିସ, ୧୨।୪**

- ନିଲମ୍ବିତ କନଷ୍ଟେବଲଙ୍କ ଏତଲାକୁ ଭିତ୍ତିକରି ମାମଲା
- ପରିବାର ଲୋକେ ଭେଟିବା ପାଇଁ ଏସ୍‌ସିବି ଆସୁଥିଲେ
- ଅଚେତ କରି ଖସାଇ ନେଲେ

କଟକ ଏସ୍‌ସିବି ମେଡିକାଲରୁ ହାଇଦର ଫେରାର ହେବା ପରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଇତିମଧ୍ୟରେ ଘଟଣାକୁ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ହାଇଦର ଫେରାର ହେବା ଘଟଣାରେ ସମ୍ବଲପୁର ଏସ୍‌ପି ୬ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ଅପରପକ୍ଷରେ ନିଲମ୍ବିତ ହୋଇଥିବା କନଷ୍ଟେବଲ ତଥା ହାଇଦର ଫେରାର୍ ସମୟରେ ଦାୟିତ୍ୱରେ ଥିବା ମହମ୍ମଦ ମୌସିମ ଶନିବାର ରାତିରେ ଏ ନେଇ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିବା ସୋମବାର ଜଣାପଡ଼ିଛି। ତାଙ୍କ ଅଭିଯୋଗ ଅନୁସାରେ, ଏସ୍‌ସିବିରେ ହାଇଦର ଅତ୍ୟନ୍ତ ଆଡମ୍ବର ସହ ରହୁଥିଲେ। ହାଇଦରଙ୍କୁ ତାଙ୍କ ସହଯୋଗୀ ସମେତ ପରିବାରବର୍ଗ ପ୍ରତିଦିନ ପୋଲିସ ଉପସ୍ଥିତିରେ ଭେଟିବାକୁ ଆସୁଥିଲେ। ହାଇଦର ଫେରାର ହେବା ପଛରେ ସମ୍ପର୍କୀୟଙ୍କ ହାତ ରହିଛି। ମାର୍ଚ୍ଚ ୨୩ରେ ହାଇଦରଙ୍କୁ ସମ୍ବଲପୁରରୁ ☞ପୃଷ୍ଠା-୪

## ଆତ୍ମସମର୍ପଣ କଲେ ସହଯୋଗୀ ୟାକୁବ

**କଟକ ଅଫିସ, ୧୨।୪**



ୟାକୁବ୍ ଖାନ୍

ଏସ୍‌ସିବି ମେଡିକାଲରୁ ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଫେରାର ମାମଲାରେ ତାଙ୍କ ସହଯୋଗୀ ମହାନଦୀ ବିହାର ବିଏସ୍ଏନ୍ଏଲ୍ କଲୋନୀର ସଲୁ ଓରଫ ୟାକୁବ୍ ଖାନ୍ ସୋମବାର ଚାଉଳିଆଗଞ୍ଜ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଥାନାକୁ ନେବା ପୂର୍ବରୁ ସେ ଗଣମାଧ୍ୟମ ନିକଟରେ ସ୍ୱୀକାର କରିଥିଲେ ଯେ, ବହୁ ସମୟରେ ସେ ହାଇଦରଙ୍କୁ ଭେଟିବା ପାଇଁ ଏସ୍‌ସିବିକୁ ଆସେ। ଏପରି କି ଫେରାର ହେବା ଦିନ ମଧ୍ୟ ସେ ହାଇଦର ଓ ତାଙ୍କ ସାଥୀମାନଙ୍କ ପାଇଁ ବିରିୟାନୀ ଆଣିଥିଲା। ହେଲେ ହାଇଦର ଫେରାର ହେବା ପଛରେ ତାଙ୍କର ହାତ ନାହିଁ ଓ ସେ ଆଣିଥିବା ବିରିୟାନୀରେ କୌଣସି ☞ପୃଷ୍ଠା-୪

## ବଲାଙ୍ଗୀର, କଳାହାଣ୍ଡି ବିଶ୍ୱବିଦ୍ୟାଳୟର ନୂଆ କୁଳପତି

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**



ସଞ୍ଜୟ କୁମାର ଶତପଥୀ | ଉମାବଲ୍ଲଭ ମହାପାତ୍ର

ରାଜ୍ୟର ଦୁଇ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ ହୋଇଛନ୍ତି। ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ଉମାବଲ୍ଲଭ ମହାପାତ୍ର ଓ ଭବାନିପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କୁ ନିଯୁକ୍ତି ଦିଆଯାଇଛି। ସୋମବାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ୨୦୨୦ ର ଉପ-ଧାରା (୭) ସହିତ ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ଉଭୟଙ୍କୁ ୪ବର୍ଷ ପାଇଁ ନିଯୁକ୍ତ କରିଛନ୍ତି।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କର ପ୍ରାୟ ୩୩ ବର୍ଷ ଶିକ୍ଷାଦାନର ଅଭିଜ୍ଞତା ରହିଛି। ସେ ଗୋଟିଏ ପୁସ୍ତକ ରଚନା କରିଥିବାବେଳେ ୧୪ଜଣଙ୍କୁ ପିଏଚ୍‌ଡି ଓ ୨୪ଜଣ ଏମ୍‌ଫିଲ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଛନ୍ତି। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗୋଡ଼ାଣିଆ ଇସି**

**ଆଜିର ମନ୍ତବ୍ୟ**

"କରୋନାର ଦ୍ୱିତୀୟ ଲହର ମାରାତ୍ମକ ହେବାରେ ଲାଗିଥିବାବେଳେ ପ୍ରହସନବାଜି ଛାଡ଼ି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସବୁ ଲୋକଙ୍କ ନିକଟରେ ଟିକା ପହଞ୍ଚାନ୍ତୁ।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା



ହୃତ୍‌ପିଣ୍ଡରେ ବାଇପାସ୍ ସର୍ଜରି ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଏମ୍ସରୁ ଫେରିଛନ୍ତି। ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ କୋବନ୍ଦ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇନ୍ତି। ଏଥିସହିତ ଏମ୍ସ ଏବଂ ଆର୍ମି ଆର୍‌ଆର୍ ହସ୍ପିଟାଲର ଡାକ୍ତର ଓ ନର୍ସ ତାଙ୍କର ଯେଉଁଭଳି ଯତ୍ନ ନେଇଥିଲେ ସେଥିପାଇଁ ଭୂୟସୀ ପ୍ରଶଂସା କରିଛନ୍ତି ରାଷ୍ଟ୍ରପତି। ମାର୍ଚ୍ଚ ୩୦ରେ ନୂଆଦିଲ୍ଲୀର ଏମ୍ସରେ ରାଷ୍ଟ୍ରପତିଙ୍କ କାର୍ଡିଆକ୍ ବାଇପାସ୍ ସର୍ଜରି କରାଯାଇଥିଲା।



## ସଂକ୍ଷେପରେ

### ନୂଆ ସିଇସି ଭାବେ ଆଜି ଦାୟିତ୍ୱ ନେବେ ସୁଶୀଲ ଚନ୍ଦ୍ରା



**ନୂଆଦିଲ୍ଲୀ, ୧୨।୪:** ଭାରତର ନୂତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭାବେ ସୁଶୀଲ ଚନ୍ଦ୍ରା ନିଯୁକ୍ତ ହୋଇଛନ୍ତି। ସେ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିବେ। ୨୦୨୨ ମେ' ୧୪ରେ ସେ ଅବସର ନେବାକୁ ଥିବାରୁ ବର୍ଷକରୁ ସାମାନ୍ୟ ଅଧିକ ସମୟ ଏହି ପଦବୀରେ ରହିବେ। ୬୩ ବର୍ଷୀୟ ସୁଶୀଲ ୨୦୧୯ ଫେବୃୟାରୀରେ ନିର୍ବାଚନ କମିଶନ ଭାବେ ନିଯୁକ୍ତ ହୋଇଥିଲେ। ମୁଖ୍ୟ ନିର୍ବାଚନ କମିଶନର ଭାବେ ସୁନୀଲ ଆରୋରାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ସୁଶୀଲ ତାଙ୍କ ସ୍ଥାନ ନେଇଛନ୍ତି। ସିଇସି ଭାବେ ସେ ଉତ୍ତରପ୍ରଦେଶ, ପଞ୍ଜାବ, ଗୋଆ, ଉତ୍ତରାଖଣ୍ଡ ଏବଂ ମଣିପୁର ବିଧାନସଭା ନିର୍ବାଚନ ପରିଚାଳନା କରିବେ।

### ପାକିସ୍ତାନୀ ମାନବାଧିକାର କର୍ମୀ ରେହମନଙ୍କ ପରଲୋକ



**ଲାହୋର, ୧୨।୪(ପି.ଟି.):** ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିଆସୁଥିବା ଭାରତ ଜନ୍ମିତ ଖ୍ୟାତନାମା ମାନବାଧିକାର କର୍ମୀ ଆଇ.ଏ. ରେହମନଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ସ୍ଥାପନ ଲାଗି ସବୁବେଳେ ଯୁକ୍ତି ଉପସ୍ଥାପନ କରିଆସୁଥିଲେ। ଦେଶ ବିଭାଜନ ପୂର୍ବରୁ ୧୯୩୦ରେ ହରିୟାଣାରେ ରେହମନଙ୍କ ଜନ୍ମ। ୬୫ ବର୍ଷରୁ ଊର୍ଦ୍ଧ୍ୱ ସାମ୍ବାଦିକତା ଜୀବନରେ ସେ ବିଭିନ୍ନ ଖବରକାଗଜରେ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ପାକିସ୍ତାନ-ଇଣ୍ଡିଆ ପିପୁଲ୍ସ ଫୋରମ ଫର ପିସ୍ ଆଣ୍ଡ ଡେମୋକ୍ରାସିର ସେ ଥିଲେ ପ୍ରତିଷ୍ଠାତା ସଦସ୍ୟ। ସେ ପାକିସ୍ତାନ ମାନବାଧିକାର କମିଶନ ନିର୍ଦ୍ଦେଶକ ଭାବେ ଦୁଇ ଦଶନ୍ଧି କାର୍ଯ୍ୟ କରିବା ସହ ଏହାର ମହାସଚିବ ଥିଲେ। ପାକିସ୍ତାନର ହିନ୍ଦୁ ଓ ଖ୍ରୀଷ୍ଟିଆନଙ୍କ ସମେତ ସଂଖ୍ୟାଲଘୁଙ୍କ ପ୍ରତି ତାଙ୍କର ଦୃଢ଼ ସମର୍ଥନ ରହିଥିଲା।

### ମହାରାଷ୍ଟ୍ରରେ ବୋର୍ଡ ପରୀକ୍ଷା ସ୍ଥଗିତ

**ମୁମ୍ବାଇ, ୧୨।୪:** ସଂକ୍ରମଣ ବଢ଼ିଚାଲିଥିବାରୁ ମହାରାଷ୍ଟ୍ର ସରକାର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିଛନ୍ତି। ଏଚ୍‌ଏସ୍‌ସି ଦ୍ୱାଦଶ ଶ୍ରେଣୀ ଏବଂ ଏସ୍‌ଏସ୍‌ସି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଯଥାକ୍ରମେ ମେ' ଶେଷ ଏବଂ ଜୁନ୍‌ରେ ହେବ ବୋଲି ରାଜ୍ୟ ସ୍କୁଲ୍ ଶିକ୍ଷାମନ୍ତ୍ରୀ ବର୍ଷା ଗାଏକୱାଡ୍ ସୋମବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ପରାମର୍ଶ କରିବା ପରେ ଗାଏକୱାଡ ଏକ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି। ଉକ୍ତ ପରୀକ୍ଷା ଏପ୍ରିଲ ୨୩ ଏବଂ ୨୯ରୁ ଆରମ୍ଭ ହେବାକୁ ଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦେଇ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ସ୍କୁଲ୍ ଶିକ୍ଷାମନ୍ତ୍ରୀ କହିଛନ୍ତି।

## ଜଗୁଆଳିରୁ ଆଇଆଇଏମ୍ ପ୍ରଫେସର

କୁହାଯାଏ ଆଗ୍ରହ ଓ ଉଦ୍ୟମ ନିଶ୍ଚିତ ସଫଳତା ଆଣିଦିଏ, ଯାହାକୁ ପ୍ରମାଣ କରି ଦେଖାଇଛନ୍ତି କେରଳର ୨୮ ବର୍ଷୀୟ ରଣଜିତ ରାମଚନ୍ଦ୍ରନ। ଜଣେ ରାତ୍ର ଜଗୁଆଳରୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ(ଆଇଆଇଏମ୍) ରାଞ୍ଚିର ଆସିଷ୍ଟାଣ୍ଟ ପ୍ରଫେସର ହୋଇ ଅନ୍ୟମାନଙ୍କ ପାଇଁ ସେ ପ୍ରେରଣା ପାଲଟିଛନ୍ତି। ସେ ପୂର୍ବରୁ ବିଏସ୍‌ଏନ୍‌ଏଲ ଟେଲିଫୋନ ଏକ୍ସଚେଞ୍ଜରେ ରାତ୍ର ଜଗୁଆଳି ଭାବେ କାମ କରୁଥିଲେ। ଗରିବ ପରିବାରରେ ଜନ୍ମିତ ରଣଜିତ ଅର୍ଥନୀତିରେ ଡିଗ୍ରୀ ହାସଲ ପାଇଁ ଦିନବେଳା ପାଠ ପଢ଼ିବା ସହ ରାତିରେ କାମ କରୁଥିଲେ। ମାଡ୍ରାସ ଆଇଆଇଟିରୁ ଗତବର୍ଷ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ।



## ଏମ୍‌ଏଏମ୍‌ଆଇ ଛାଡ଼ିଲେ ଦୀପିକା

ଅଭିନେତ୍ରୀ ଦୀପିକା ପାଦୁକୋନ ମୁମ୍ବାଇ ଏକାଡେମୀ ଅଫ୍ ଦି ମୁଭିଂ ଇମେଜ(ଏମ୍‌ଏଏମ୍‌ଆଇ)ର ଅଧ୍ୟକ୍ଷା ପଦରୁ ଇସ୍ତଫା ଦେଇଛନ୍ତି। ୩୫ ବର୍ଷୀୟା ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ କହିଛନ୍ତି, ଏମ୍‌ଏଏମ୍‌ଆଇର ଅଧ୍ୟକ୍ଷା ରହିବା ଏକ ଭଲ ଅନୁଭୂତି ଥିଲା। ସିନେମା ଏବଂ ପ୍ରତିଭାକୁ ମୁମ୍ବାଇରେ ଏକତ୍ର କରାଇବା ବେଶ୍ ଉତ୍ସାହଜନକ। ହେଲେ କାର୍ଯ୍ୟବ୍ୟସ୍ତତା ଯୋଗୁ ଏହି ଦାୟିତ୍ୱ ତୁଲାଇବାକୁ ଅସମର୍ଥ ଥିବାରୁ ପଦ ଛାଡୁଛନ୍ତି। ଦୀପିକା ଏବେ ଶକୁନ ବାତ୍ରାଙ୍କ ଏକ ପ୍ରୋଜେକ୍ଟ ସମେତ ଶାହାରୁଖ୍ ଖାନଙ୍କ ସହ 'ପଠାନ'ରେ ବ୍ୟସ୍ତ ଅଛନ୍ତି। ଏହାସହ ବାହୁବଳୀ ଷ୍ଟାର ପ୍ରଭାସ ଓ ହ୍ରିତକ ରୋଶନଙ୍କ ସହ ଆଉ ଏକ ଫିଲ୍ମ ହାତକୁ ନେଇଛନ୍ତି। ଖୁବଶୀଘ୍ର ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ 'ଦ ଇନ୍‌ଟର୍ନ'ର ରିମେକ୍ ମଧ୍ୟ ସୁଟିଂ କରିବେ।



# ଭୟଙ୍କର ହେଉଛି ସ୍ଥିତି

**ନୂଆଦିଲ୍ଲୀ, ୧୨।୪**

ଭାରତରେ ଦିନକରେ ୧,୬୮,୯୧୨ ସଂକ୍ରମିତ ହୋଇଥିବାବେଳେ କେତେକ ରାଜ୍ୟରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ରାଜଧାନୀ ଦିଲ୍ଲୀ ସ୍ଥିତି ମଧ୍ୟ ନିୟନ୍ତ୍ରଣ ବାହାରେ। ଦିଲ୍ଲୀରେ ସୋମବାର ୧୧,୪୯୧ ଜଣ ସଂକ୍ରମିତ ହୋଇଥିବାବେଳେ ୭୭ ଜଣଙ୍କ ଜୀବନ ଯାଇଛି। ଜାତୀୟ ରାଜଧାନୀ ଅଞ୍ଚଳରେ ଏବେ ୬,୧୭୫ କଣ୍ଟେନମେଣ୍ଟ ଜୋନ୍। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀରେ କରୋନା ଜନିତ ମୃତ୍ୟୁସଂଖ୍ୟା ୧୧,୩୫୫ରେ ପହଞ୍ଚିଲାଣି। ତେଣୁ କେତେକ ସରକାରୀ ଓ ଘରୋଇ ହସ୍ପିଟାଲକୁ କୋଭିଡ୍ କେୟାର ସେଣ୍ଟରରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ୧୯ଟି ଘରୋଇ ହସ୍ପିଟାଲରେ ୮୦ ପ୍ରତିଶତ ଏବଂ ୮୨ ଘରୋଇ ହସ୍ପିଟାଲର ୬୦ ପ୍ରତିଶତ ଆଇସିୟୁ ବେଡ୍ କୋଭିଡ୍ ରୋଗୀଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ୧୦୧ଟି ଘରୋଇ ହସ୍ପିଟାଲର ୬୦ ପ୍ରତିଶତ ୱାର୍ଡ ବେଡ୍ କୋଭିଡ୍ ଚିକିତ୍ସା ପାଇଁ ବ୍ୟବହୃତ ହେବ ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଏହା ଫଳରେ କୋଭିଡ୍ ଚିକିତ୍ସା ଲାଗି ଦିଲ୍ଲୀ ସରକାରଙ୍କୁ ଅତିରିକ୍ତ ୫୬୮୯ ୱାର୍ଡ ବେଡ୍ ଏବଂ ୬୩୩ ଆଇସିୟୁ ବେଡ୍ ମିଳିଯାଇଛି। ଏହା ବ୍ୟତୀତ ୧୯ ହସ୍ପିଟାଲରୁ ଆଉ ୭୬୫ ଆଇସିୟୁ ବେଡ୍ ମିଳିବାକୁ ଯାଉଛି। ଦିଲ୍ଲୀର କୋଭିଡ୍ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ତେଣୁ ସହରର ହସ୍ପିଟାଲଗୁଡ଼ିକରେ କୋଭିଡ ରୋଗୀଙ୍କ ପାଇଁ ଶଯ୍ୟା ସଂଖ୍ୟା ବଢ଼ାଇବା ଲାଗି ଅନୁରୋଧ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ। ଦିଲ୍ଲୀବାସୀଙ୍କୁ ସବୁଠୁ ଉନ୍ନତ କୋଭିଡ୍ ଚିକିତ୍ସା ସେବା ଯୋଗାଇଦେବା ତାଙ୍କ ସରକାରର ଲକ୍ଷ୍ୟ। କେନ୍ଦ୍ରୀୟ ସରକାରୀ ହସ୍ପିଟାଲରେ ମଧ୍ୟ କୋଭିଡ୍ ବେଡ୍ ସଂଖ୍ୟା ବଢ଼ାଇବା ଲାଗି ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ଦିଲ୍ଲୀରେ ଏବେ ସଂକ୍ରମଣର ଚତୁର୍ଥ ଲହର ଚାଲିଛି, ଯାହା କି ପୂର୍ବାପେକ୍ଷା ବହୁତ ବିପଜ୍ଜନକ। ତେଣୁ ହସ୍ପିଟାଲରେ ଶଯ୍ୟା ନିଅଣ୍ଟ ହେବା ଉଚିତ ନୁହେଁ ବୋଲି ଉଚ୍ଚ ପଦାଧିକାରୀମାନଙ୍କ ବୈଠକରେ କେଜ୍‌ରିୱାଲ କହିଥିଲେ। ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ମୁଖ୍ୟ ଶାସନ ସଚିବ ବିଜୟ କୁମାର ଦେବ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ କେଜ୍‌ରିୱାଲ ଟୁଇଟର ଯୋଗେ ଲୋକମାନଙ୍କୁ କୋଭିଡ୍ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ କହିଥିଲେ। ଏଥିସହିତ ଜରୁରୀ ଆବଶ୍ୟକତା ନ ଥିଲେ ହସ୍ପିଟାଲ ନ ଯିବାକୁ ସେ ଅନୁରୋଧ କରିଛନ୍ତି। ରବିବାର ଦିଲ୍ଲୀରେ ୧୦,୭୭୪ ସଂକ୍ରମିତ ଚିହ୍ନଟ ହେବା ସହ ୪୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭,୨୫,୧୯୭ରେ ପହଞ୍ଚିଛି।



ଦିଲ୍ଲୀର ଏକ ବଙ୍କେଟ ହଲ୍‌ରେ କୋଭିଡ୍ ରୋଗୀଙ୍କ ପାଇଁ ବେଡ୍ ପ୍ରସ୍ତୁତ ହେଉଛି।

- ଦିଲ୍ଲୀରେ ଦିନକରେ ୧୧,୪୯୧ ସଂକ୍ରମିତ, ୭୭ ମୃତ
- ବଢ଼ିଲା କୋଭିଡ୍ ହସ୍ପିଟାଲ
- ଅତି ଜରୁରୀ ନ ଥିଲେ ହସ୍ପିଟାଲ ନ ଯିବାକୁ କେଜ୍‌ରିୱାଲଙ୍କ ଅନୁରୋଧ

## ହସ୍ପିଟାଲରେ କୁଢ଼କୁଢ଼ ମୃତଦେହ

**ରାୟପୁର:** ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦିନକୁ ଦିନ ଚିନ୍ତା ବଢ଼ାଇବାରେ ଲାଗିଛି। ଦ୍ରୁତ ସଂକ୍ରମଣ ସହ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ସବୁ ରାଜ୍ୟରେ ସଂକ୍ରମଣ ହାର ବଢ଼ିଚାଲିଥିବାବେଳେ ଏବେ ଛତିଶଗଡ଼ରେ ମୃତକଙ୍କ ସଂଖ୍ୟା ଭୟଙ୍କର ସ୍ଥିତି ଆଡ଼କୁ ଗତି କରୁଛି। ରାୟପୁରର ସବୁଠାରୁ ବଡ଼ ସରକାରୀ ହସ୍ପିଟାଲ ଡ. ଭୀମ ରାଓ ଆମ୍ବେଡକରରେ କୁଢ଼କୁଢ଼ ମୃତଦେହ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। ଷ୍ଟୋର ତଥା ଜାଗା ଅଭାବରୁ ଏଣେତେଣେ ମୃତଦେହ ପଡ଼ି ରହିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେଉଛି।

ଏ ବାବଦରେ ନିଜ ଅସହାୟତା ପ୍ରକାଶ କରି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି, ପୂର୍ବ ମୃତଦେହ ସତ୍କାର ହେବା ଆଗରୁ ଆହୁରି ମୃତଦେହ ପହଞ୍ଚୁଛି। ଫଳରେ କମ୍ ସମୟରେ ବହୁତ ସଂଖ୍ୟାରେ ମୃତଦେହ ସତ୍କାର କରାଯାଇପାରୁନାହିଁ। ସପ୍ତାହେ ହେଲାଣି ହସ୍ପିଟାଲର ଆଇସିୟୁ ଏବଂ ଅକ୍ସିଜେନ ସଂଯୋଗ ହୋଇଥିବା ଶଯ୍ୟା ପାଖାପାଖି ଶତ ପ୍ରତିଶତ ଭର୍ତ୍ତି ହୋଇଛି। ଆବଶ୍ୟକ ଫ୍ରିଜର ଥିଲେ ମଧ୍ୟ ଏକାସଙ୍ଗରେ ବହୁ ସଂଖ୍ୟାରେ ମୃତଦେହ ଗଚ୍ଛିତ ପାଇଁ ପ୍ରସ୍ତୁତି ହେବା କଷ୍ଟକର ହୋଇପଡୁଛି। ଶବଦାହ ଅତ୍ୟଧିକ ମାତ୍ରାରେ କରାଯାଉଥିବା ରାୟପୁର ମୁଖ୍ୟ ମେଡିକାଲ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ମୀରା ବାଘେଲ କହିଛନ୍ତି। ରିପୋର୍ଟ ଅନୁଯାୟୀ ପ୍ରତିଦିନ ରାୟପୁରରେ ପ୍ରାୟ ୫୫ ଶବଦାହ କରାଯାଉଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କରୋନା ସଂକ୍ରମିତ।

## ସୁପ୍ରିମକୋର୍ଟର ୪୪ ସଂକ୍ରମିତ

**ନୂଆଦିଲ୍ଲୀ, ୧୨।୪:** କରୋନା ସଂକ୍ରମଣ ସର୍ବୋଚ୍ଚ ଅଦାଲତର ଶୁଣାଣିକୁ ପ୍ରଭାବିତ କରିଛି। ସୁପ୍ରିମକୋର୍ଟର ୪୪ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବିଚାରପତିମାନେ ଘରେ ରହି ଭର୍ଚୁଆଲି ମାମଲାର ଶୁଣାଣି କରୁଛନ୍ତି। ସୋମବାର କୋର୍ଟ ରୁମ୍‌ରେ ଖଣ୍ଡପୀଠ ନ ବସି ବିଚାରପତିମାନେ ସେମାନଙ୍କ ବାସଭବନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ମାମଲାର ଶୁଣାଣି କରିଥିଲେ ଏବଂ କୋର୍ଟ କାର୍ଯ୍ୟ ଘଣ୍ଟାଏ ପରେ ଆରମ୍ଭ ହୋଇଥିଲା। ବିଚାର କାର୍ଯ୍ୟ ପ୍ରଭାବିତ ହୋଇନାହିଁ, ତେଣୁ ଭୟ କରିବାର କିଛି କାରଣ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କୋର୍ଟ ପରିସରକୁ ସାନିଟାଇଜ କରିବା ପାଇଁ କୋର୍ଟ କାର୍ଯ୍ୟ ଘଣ୍ଟାଏ ବିଳମ୍ବରେ ଆରମ୍ଭ ହେବ ବୋଲି ସୋମବାର ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ବାଫ୍‌ଟାରେ 'ନୋମାଡ୍‌ଲାଣ୍ଡ'ର ଯାଦୁ

**ଲଣ୍ଡନ, ୧୨।୪**

ନିର୍ଦ୍ଦେଶକ କ୍ଲୋ ଜାଓଙ୍କ ଫିଲ୍ମ 'ନୋମାଡଲାଣ୍ଡ' ସର୍ବଶ୍ରେଷ୍ଠ ଫିଲ୍ମ ସମେତ ୪ ପୁରସ୍କାର ଜିତି ବିଏଏଫ୍‌ଟିଏ ବା ବାଫ୍‌ଟା ଫିଲ୍ମ ପୁରସ୍କାର-୨୦୨୧ରେ ଶୀର୍ଷ ସ୍ଥାନ ହାସଲ କରିଛି। ଫିଲ୍ମର ମୁଖ୍ୟ କଳାକାର ଫ୍ରାନ୍‌ସେସ୍ ମାକ୍‌ଡରମାଣ୍ଡ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଆୱାର୍ଡ ପାଇଛନ୍ତି କ୍ଲୋ ଜାଓ। ଏଥିସହ ଏହି ଚଳଚ୍ଚିତ୍ର ସିନେମାଟୋଗ୍ରାଫି ବର୍ଗରେ ମଧ୍ୟ ବିଜେତା ହୋଇଛି। ଚଳିତ ମାସ ଶେଷ ଆଡ଼କୁ ଓସ୍କାର ପୁରସ୍କାର ଘୋଷଣା କରାଯିବାକୁ ଥିବାବେଳେ 'ନୋମାଡଲାଣ୍ଡ' ଏହି ବିଜେତା ଦୌଡ଼ରେ ଆଗୁଆ ରହିଛି। ଏମରାଲ୍ଡ ଫେନେଲଙ୍କ #ମି ଟୁ ଡ୍ରାମା 'ପ୍ରମିଜିଙ୍ଗ୍ ୟଙ୍ଗ ଓମ୍ୟାନ'କୁ ସର୍ବଶ୍ରେଷ୍ଠ ବ୍ରିଟିଶ ଫିଲ୍ମ ଘୋଷଣା କରାଯାଇଛି। ହିଟ୍ ନେଟ୍‌ଫ୍ଲିକ୍ସ ଡ୍ରାମା 'ଦି କ୍ରାଉନ୍' କାମିଲା ପାର୍କର୍‌ର ବାଉଲ୍‌ସ ଭୂମିକାରେ ଥିବା ଫେନେଲ ସ୍କ୍ରିନ ପ୍ଲେ ବର୍ଗରେ ବିଜେତା ହୋଇଛନ୍ତି। କୌଣସି ବ୍ରିଟିଶ ଲେଖକ, ନିର୍ଦ୍ଦେଶକ, ପ୍ରଯୋଜକଙ୍କ ପ୍ରଥମ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ରେମି ୱିକ୍ସଙ୍କ 'ହିଜ୍ ହାଉସ୍'କୁ ଯାଇଛି। ସେହିପରି ଥୋମାନ ୱିଣ୍ଟବର୍ଗଙ୍କ 'ଆନାଦର ରାଉଣ୍ଡ' ଇଂଲିଶ ଭାଷାରେ ନିର୍ମିତ ହୋଇ ନ ଥିବା ସର୍ବଶ୍ରେଷ୍ଠ ଫିଲ୍ମ ବର୍ଗରେ ପୁରସ୍କୃତ ହୋଇଛି। ଡକ୍ୟୁମେଣ୍ଟାରୀ ଫିଲ୍ମ ବର୍ଗରେ 'ମାଇ ଅକ୍ଟୋପସ୍ ଟିଚର' ବାଫ୍‌ଟା ପୁରସ୍କାର ହାତେଇଛି। ଆନ୍ଥୋନି ହପ୍‌କିନ୍ସଙ୍କ 'ଦି ଫାଦର' ସର୍ବଶ୍ରେଷ୍ଠ ଅଭିନେତା ବର୍ଗରେ ବିଜେତା ଘୋଷିତ ହୋଇଛି।

## ଚନ୍ଦ୍ରାବାବୁଙ୍କୁ ପଥର ମାଡ଼



**ହାଇଦ୍ରାବାଦ, ୧୨।୪**

ଜେଡ୍ ପ୍ଲସ ସୁରକ୍ଷା ସତ୍ତ୍ୱେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କ ଉପରେ ସୋମବାର ପଥର ମାଡ଼ ହୋଇଛି। ତିରୁପତିଠାରେ ଏକ ସଭାରେ ଉଦ୍‌ବୋଧନ ଦେଉଥିବାବେଳେ ତାଙ୍କ ଉପରକୁ କେହି ପଥର ଫିଙ୍ଗିଥିଲେ। ଜଣେ ଟିଡିପି କର୍ମୀ ଏଥିରେ ଆହତ ହୋଇଛନ୍ତି। ପରେ ଚନ୍ଦ୍ରାବାବୁ ମଞ୍ଚରୁ ଓହ୍ଲାଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଧାରଣାରେ ବସିଥିଲେ।

## ସାମ୍ପ୍ରଦାୟିକ ସଂଘର୍ଷ: ଛାବ୍ରାରେ କର୍ଫ୍ୟୁ

**ଜୟପୁର, ୧୨।୪(ଆଇଏଏନ୍‌ଏସ୍)**

ରାଜସ୍ଥାନର ବରନ ଜିଲା ଅନ୍ତର୍ଗତ ଛାବ୍ରା ସହରରେ ରବିବାର ସାମ୍ପ୍ରଦାୟିକ ସଂଘର୍ଷ ପରେ ସେଠାରେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି ହେବା ସହ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ରବିବାର ଉକ୍ତ ସହରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରୁ ଅନେକ ଦୋକାନ ଓ ଗାଡ଼ି ପୋଡ଼ିଦିଆଯାଇଥିଲା। ଅନ୍ୟ ଦୋକାନଗୁଡ଼ିକରୁ ଲୁଟ୍ ହୋଇଥିବା ପୋଲିସ କହିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ଲାଠି ଚାଳନା କରିବାକୁ ପଡ଼ିଥିଲା। ଜିଲାପାଳ, ପୋଲିସ ଆଇଜି, ଏସପି ପ୍ରମୁଖ ବରିଷ୍ଠ ଅଧିକାରୀମାନେ ସହରର ସ୍ଥିତି ଉପରେ ନଜର ରଖିଥିବାବେଳେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଉକ୍ତ ସହରରେ କର୍ଫ୍ୟୁ ଜାରି କରିବା ସହ ଉପଖଣ୍ଡ କମିଶନର ଇଣ୍ଟରନେଟ୍ ସେବାକୁ ସ୍ଥଗିତ ରଖିଛନ୍ତି। ଖବର ଅନୁଯାୟୀ ସଂଘର୍ଷର ସୂତ୍ରପାତ ଶନିବାର ହୋଇଥିଲା। ଅହମଦପୁରର କମଲ ସିଂ ବଜାରରୁ ଫଳ କିଣୁଥିବାବେଳେ ଅନ୍ୟ ସମ୍ପ୍ରଦାୟର କେତେଜଣ ତାଙ୍କୁ କମେଣ୍ଟ କରିଥିଲେ। ଏଥିରୁ ବଚସା ଆରମ୍ଭ ହୋଇ ଗଣ୍ଡଗୋଳର ରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ମାରଣାସ୍ତ୍ର ଧରି ଆକ୍ରମଣ କରିବାରୁ ୨ ଜଣ ଆହତ ହୋଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ରବିବାର ଉକ୍ତ ସ୍ଥାନରେ ଉଭୟ ପକ୍ଷର କିଛି ଲୋକ ପରସ୍ପର ମୁହାଁମୁହିଁ ହେବା ସାଙ୍ଗକୁ ଟେକାପଥର ମାଡ଼ କରିଥିଲେ। ପରେ ଏହା ଲୁଟ୍‌ପାଟ ଓ ପୋଡ଼ାଜଳାର ରୂପ ନେଇଥିଲା।





କୁମ୍ଭମେଳା ଅବସରରେ ହରିଦ୍ୱାରର ହର-କୀ-ପୌଡିଠାରେ ସାହିସ୍ନାନରେ ହଜାର ହଜାର ନାଗା ସାଧୁ ସାମିଲ ହୋଇଛନ୍ତି।

## ଶୀଘ୍ର ତରଳିବ ଆଣ୍ଟାର୍କଟିକା ବରଫ

**ଲଣ୍ଡନ, ୧୨।୪(ଆଇଏଏନ୍‌ଏସ)**

ଆଣ୍ଟାର୍କଟିକାର ଥ୍ୱାଇଟ୍ସ ଗ୍ଲେସିୟର ବା ଡୁମ୍ସଡେ ଗ୍ଲେସିୟର ଯେତେବଡ଼ ବୋଲି ପୂର୍ବରୁ ଆକଳନ କରାଯାଉଥିଲା, ତାହା ତୁଳନାରେ ଯଥେଷ୍ଟ ଅଧିକ ବିଶାଳ ବୋଲି ଜଣାପଡ଼ିଛି। ତେବେ ଏହାର ନିମ୍ନ ଭାଗରେ ଉଷ୍ମ ତଥା ଲବଣ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଏହା ପୂର୍ବାପେକ୍ଷା ଅଧିକ ତୀବ୍ର ଗତିରେ ତରଳିବା ସହ ବରଫ ପ୍ରବାହ ବଢ଼ାଇବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଏଭଳି ଦ୍ରୁତ ଗତିରେ ଉକ୍ତ ଗ୍ଲେସିୟର ତରଳିଲେ ସମୁଦ୍ର ପତ୍ତନ ବିପଜ୍ଜନକ ଭାବେ ବୃଦ୍ଧି ପାଇବା ଆଶଙ୍କା ପ୍ରକାଶ ପାଇଛି।

ଡୁମ୍ସଡେ ଗ୍ଲେସିୟର ଆକାରରେ ବ୍ରିଟେନଠାରୁ ବଡ଼। ଏହା ଦ୍ରୁତ ବେଗରେ ତରଳିଲେ ବିଶ୍ୱର ଅନେକ ଉପକୂଳ ଜଳାର୍ଣ୍ଣବ ହେବା ସମ୍ଭାବନା ରହିଛି। ପ୍ରଥମ ଥର ପାଇଁ ଗବେଷକମାନେ ଉକ୍ତ ଗ୍ଲେସିୟରର ନିମ୍ନ ଭାଗକୁ ମାପିବାରେ ସକ୍ଷମ ହୋଇଛନ୍ତି। ରାନ୍ ନାମକ ଏକ ବୁଡ଼ାଜାହାଜକୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା, ଯାହା ଗ୍ଲେସିୟରର ତଳଭାଗ ଦେଇ ଅତିକ୍ରମ କରିଥିଲା। ଏହା ଗ୍ଲେସିୟରର ଆକାର ମାପିବା ସହ ଏହା ତଳେ ପ୍ରବାହିତ ହେଉଥିବା ସାମୁଦ୍ରିକ ସ୍ରୋତର ଶକ୍ତି, ତାପମାତ୍ରା, ଲବଣାଂଶ ଏବଂ ଅମ୍ଳଜାନ ପରିମାଣକୁ ମାପିଥିଲା।



- ଥ୍ୱାଇଟ୍ସ ଗ୍ଲେସିୟର ତଳେ ଉଷ୍ମ ଜଳସ୍ରୋତ
- ଜଳାର୍ଣ୍ଣବ ହେବ ଅନେକ ଉପକୂଳ

ବିଭିନ୍ନ ସ୍ଥାନରେ ଏହି ମାପରେ ପାର୍ଥକ୍ୟ ଦେଖାଦେଇଥିବାରୁ ସେଠାରେ ବିଭିନ୍ନ ସମୁଦ୍ରର ଜଳ ପରସ୍ପର ସହ ମିଶୁଥିବା ସ୍ପଷ୍ଟ ହୋଇଛି। ତେଣୁ ପଶ୍ଚିମ ଆଣ୍ଟାର୍କଟିକା ବରଫ ଚାଦରର ଭବିଷ୍ୟତ କ୍ରମ ବିକାଶ ସମ୍ପର୍କରେ ପୂର୍ବାନୁମାନ କରିବା ନେଇ ବଡ଼ ଅନିଶ୍ଚିତତା ଦେଖାଦେଇଥିବା ସୁଇଡେନର ଗୋଥେନବର୍ଗ ୟୁନିଭର୍ସିଟି ପ୍ରଫେସର ଆନ୍ନା ୱାହଲିନ୍ କହିଛନ୍ତି। ବିଭିନ୍ନ ପାର୍ଶ୍ୱରୁ ଆସୁଥିବା ଉଷ୍ମ ଜଳପ୍ରବାହ ଗ୍ଲେସିୟରର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି କରିଥିବା ସାଇନ୍ସ ଆଡଭାନ୍ସେସ ପତ୍ରିକାରେ ପ୍ରକାଶ ପାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୬୮,୯୮,୩୨୬ | ୨୯,୫୩,୧୨୪ | ୧୧,୦୦,୮୧,୮୪୭ |
| ଭାରତ | ୧,୩୬,୧୬,୩୮୫ | ୧,୭୦,୬୭୩ | ୧,୨୧,୯୧,୫୯୮ |
| ଓଡ଼ିଶା | ୩,୫୧,୩୦୨ | ୧୯୨୮(+୫୩) | ୩,୪୦,୭୦୦ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ପୁଣି କେନ୍ଦ୍ରକୁ ଚିଠି

### ଆସିଲା ୨ଲକ୍ଷ ୭୧ହଜାର ଡୋଜ୍ ଟିକା

ଭୁବନେଶ୍ୱର,୧୨।୪(ବ୍ୟୁରୋ): ଓଡ଼ିଶାକୁ ସ୍ୱଳ୍ପ ଓ ଅନିୟମିତ ଭାବେ କୋଭିଡ୍-୧୯ ଟିକା ଯୋଗାଣ ଯୋଗୁ ରାଜ୍ୟରେ ଟିକାକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଟିକା ଦେବା ପାଇଁ ପୁଣି କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର। ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଛନ୍ତି। ଏପ୍ରିଲ ୩ ଗୋଟିଏ ଦିନରେ ରାଜ୍ୟରେ ୧୪୭୬ ଟିକାକରଣ କେନ୍ଦ୍ରରେ ୨,୭୧,୪୮୦ ଜଣ ହିତାଧିକାରୀ ଟିକା ନେଇଥିଲେ। ଏହାପରଠାରୁ ଟିକା ଯୋଗାଣରେ ଅନିୟମିତତା ଯୋଗୁ ରାଜ୍ୟ ହାରାହାରି ଅଧା ଅର୍ଥାତ୍ ପ୍ରାୟ ୭୦୦ ଟିକାକରଣ କେନ୍ଦ୍ର ବନ୍ଦ କରିବାକୁ ବାଧ ହୋଇଛି। ଦୈନିକ ୩ ଲକ୍ଷ ଟିକା ଦେବାର କ୍ଷମତା ରହିଥିଲେ ମଧ ଏବେ ଏହି ସଂଖ୍ୟା ୧ ଲକ୍ଷକୁ ଖସିଆସିଛି। ଏଭଳି ପରିସ୍ଥିତିରେ ଆମ ପକ୍ଷରେ 'ଟିକାଦାନ ଉତ୍ସବ'କୁ ଠିକ୍ ଭାବେ ପାଳନ କରିବା ସମ୍ଭବ ହେଉ ନାହିଁ ତେଣୁ ଅତ୍ୟନ୍ତପକ୍ଷେ ୧୦ ଦିନ ପାଇଁ ୨୫ ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ଓଡ଼ିଶାର ବାରମ୍ବାର ଦାବି ଓ ଚିଠି ପରେ ବି ଆବଶ୍ୟକ ପରିମାଣର ଟିକା ପଠାଉନି କେନ୍ଦ୍ର। ଏକ୍ଷେତ୍ରରେ ପାତର ଅନ୍ତର କରାଯାଉଥିବା ମଧ କେନ୍ଦ୍ରକୁ ଅବଗତ କରାଯାଇଥିଲା। ଏହାପରେ ଶନିବାର ରାଜ୍ୟକୁ ୨.୫ଲକ୍ଷ ଟିକା ଆସିଥିବାବେଳେ ସୋମବାର ଆଉ ୨ଲକ୍ଷ ୭୧ହଜାର ଡୋଜ୍ କୋଭିଶିଲ୍ଡ ଟିକା ଆସି ପହଞ୍ଚିଥିବା ସୂଚନା ମିଳିଛି। ସେପଟେ ରବିବାରଠାରୁ ଟିକା ଉତ୍ସବ ଚାଲିଥିବାବେଳେ ଟିକା ଅଭାବରୁ ଅଧିକାଂଶ କେନ୍ଦ୍ର ବନ୍ଦ ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ୭୦୦ ଟିକା କେନ୍ଦ୍ର ବନ୍ଦ ରହିଛି। ୭୭୫ଟି ଟିକା କେନ୍ଦ୍ରରେ ଟିକାକରଣ ଚାଲିଛି। ସୋମବାର ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ଖୋର୍ଦ୍ଧା, ଭୁବନେଶ୍ୱରର ୱାର୍କ ପ୍ଲେସରେ ଟିକା ଦିଆଯାଇଛି।

## ଅଜିତ ମଙ୍ଗରାଜଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ନବୀନ

ଭୁବନେଶ୍ୱର,୧୨।୪(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିପିଲି ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ଭାଇଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ଅଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଛନ୍ତି। କରୋନାରେ ଆକ୍ରାନ୍ତ ହୋଇ ଅଜିତ ମଙ୍ଗରାଜ ଏବେ ଶ୍ୱାସଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଆସନ୍ତା ୧୭ ତାରିଖରେ ପିପିଲିରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସରୁ ଅଜିତ ମଙ୍ଗରାଜ ପ୍ରାର୍ଥୀ ହୋଇଛନ୍ତି। ହେଲେ ପ୍ରଚାର ଚାଲିଥିବା ବେଳେ ଅଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାପରେ ତାଙ୍କୁ କରୋନା ହୋଇଥିବା ଜଣାପଡିଥିଲା। ତେଣୁ ଏହାପର ଠାରୁ ସେ ଚିକିତ୍ସିତ ହେଉଛନ୍ତି।

# ପିପିଲି ବିକାଶ କାମ ନିଜେ ବୁଝିବି: ନବୀନ

### ରୁଦ୍ରଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ପ୍ରଚାର

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ମୁଁ ପିପିଲି-ଡେଲାଙ୍ଗ ଯାଇଥାଆନ୍ତି। ଆପଣମାନେ ମୋତେ ଆଶୀର୍ବାଦ କରିବାକୁ ବହୁସଂଖ୍ୟାରେ ଏକାଠି ହୋଇଥାନ୍ତେ। କୋଭିଡ୍ ସମୟରେ ଏହା ଠିକ୍ ହେବ ନାହିଁ। ମୋ ପାଇଁ କିଏ ବିପଦରେ ପଡୁ ଏହା ମୁଁ ଚାହେଁ ନାହିଁ। ସେଥିପାଇଁ ଭିଡିଓ କନ୍‌ଫରେନ୍ସରେ ଆପଣମାନଙ୍କୁ ଭେଟୁଛି। କରୋନା ଦୂର ହେବା ପରେ ମୁଁ ନିଜେ ପିପିଲି-ଡେଲାଙ୍ଗ ଯାଇ ଆପଣମାନଙ୍କୁ ଭେଟିବି। ପିପିଲି-ଡେଲାଙ୍ଗର ବିକାଶ କାମ ମୁଁ ନିଜେ ବୁଝିବି। ସୋମବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ନିଜ ଦଳର ପ୍ରାର୍ଥୀ ରୁଦ୍ର ମହାରଥୀଙ୍କ ପାଇଁ ପିପିଲି ଉପନିର୍ବାଚନ ପ୍ରଚାର କରି ଏକଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପିପିଲି-ଡେଲାଙ୍ଗ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରେଷ୍ଠ ଭକ୍ତ ଦାସିଆଙ୍କ ପବିତ୍ରଭୂମି। ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରାର ସ୍ମୃତିରେ ପିପିଲି, ଡେଲାଙ୍ଗ ଧନ୍ୟହୋଇଛି। ଏହା କଳାର ଭୂମି। ପିପିଲି ଚାନ୍ଦୁଆ ଦେଶ ବିଦେଶରେ ଓଡ଼ିଶାର ସୁନାମ ଆଣିଛି। ଧନ୍ୟ ଏ ମାଟି, ଧନ୍ୟ ତା'ର ଇତିହାସ। ଏ ମାଟିକୁ ମୋର ପ୍ରଣାମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମଗ୍ର ରାଜ୍ୟ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେବର୍ଷ ପାଳନ କରୁଛି। ବେରବୋଇ ଆଶ୍ରମରେ ବାପୁ ୮ ଦିନ ରହିଥିଲେ। ଆଜି ପିପିଲି- ଡେଲାଙ୍ଗ ଯାଇଥିଲେ ମୁଁ ବହୁତ ଖୁସି ହୋଇଥାଆନ୍ତି। ଆପଣମାନଙ୍କର ମୋ ପ୍ରତି ବହୁତ ଭଲପାଇବା ରହିଛି।

ଆପଣଙ୍କ ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗ ଯୋଗୁ ଏ ଉପନିର୍ବାଚନ ହେଉଛି। ପିପିଲିର ଜନସାଧାରଣ ସବୁବେଳେ ବିଜୁ ଜନତା ଦଳ ସହିତ ରହି ଆସିଛନ୍ତି। ବିଜୁବାବୁଙ୍କ ପ୍ରତି ଓ ବିଜୁ ପରିବାର ପ୍ରତି ପିପିଲିବାସୀଙ୍କ ଭଲ ପାଇବା ରହିଛି। ଏପ୍ରିଲ ୧୭ରେ ବିଜୁବାବୁଙ୍କ ୨୩ତମ ଶ୍ରାଦ୍ଧ ପାଳନ ହେବ। ବିଜୁବାବୁ କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ଅମୂଲ୍ୟ ରତ୍ନ। ସେ ସବୁବେଳେ ଆମ ପାଇଁ ପ୍ରେରଣା ହୋଇ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିକାଶ ଆଜି ଓଡ଼ିଶାର ନୂଆ ପରିଚୟ ହୋଇଛି। ଚାଷୀମାନଙ୍କର ବିକାଶ ହେଉ ଅବା ଗରିବ ଲୋକଙ୍କର କଲ୍ୟାଣ। ମା'ମାନଙ୍କର ବିକାଶ ହେଉ ଅବା ଭିତ୍ତିଭୂମିର ବିକାଶ, ସବୁଥିରେ ଓଡ଼ିଶା ସାରା ଦେଶରେ ଆଗରେ ରହିଛି। ରାଜ୍ୟର ୭୦ ଲକ୍ଷ ମା'ମାନଙ୍କୁ ନେଇ ଗଠିତ ମିଶନ ଶକ୍ତି ବିକାଶର ସାରଥି ହୋଇଛି। ମା'ମାନଙ୍କ ସମୃଦ୍ଧି ହିଁ ପରିବାରର ସମୃଦ୍ଧି। ଆଜି ମା'ମାନେ ହେଉଛନ୍ତି ଗାଁ, ପଞ୍ଚାୟତ, ବ୍ଲକ ଆଦିରେ ଥିବା ସରକାରୀ ସମ୍ପତ୍ତିର ମାଲିକ। ମା'ମାନେ ବହୁ ସଂଖ୍ୟାରେ ଆସି ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ। କରୋନାକୁ ରୋକିବାକୁ ଓଡ଼ିଶା ମଧ୍ୟ ବହୁତ ଭଲ କାମ କରିଛି। କରୋନାର ଦ୍ୱିତୀୟ ଲହର ଭୟ ଏବେ ଦେଖାଦେଇଛି। ଆମକୁ ସତର୍କ ରହିବାକୁ ପଡ଼ିବ। କୋଭିଡ୍ ନିୟମ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଘରୁ ବାହାରିଲେ ଠିକ୍ ଭାବେ ମାସ୍କ ପିନ୍ଧି ଯାଆନ୍ତୁ ବୋଲି ସେ କହିଛନ୍ତି। ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନବୀନ ମତଦାତାଙ୍କୁ ଅନୁରୋଧ କରିଛନ୍ତି।



# ଟିକା ଉତ୍ସବ କାହିଁକି ବୋଲି ପ୍ରଶ୍ନ କଲା କଂଗ୍ରେସ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ଗତ ରବିବାରଠାରୁ ଆସନ୍ତା ୧୫ ତାରିଖ ୪ଦିନ ବ୍ୟାପୀ ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ଟିକା ଉତ୍ସବ ପାଳନ ନିମିତ୍ତ ଘୋଷଣା କରିଛନ୍ତି। ଗତ ଏପ୍ରିଲ ୮ ତାରିଖରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନାରେ ସେ ଏହି ସୂଚନା ଦେଇଥିଲେ। ସୋମବାର ହେଉଛି ଟିକା ଉତ୍ସବର ଦ୍ୱିତୀୟ ଦିନ। କିନ୍ତୁ କାହିଁକି ଏ ଉତ୍ସବ ବୋଲି କଂଗ୍ରେସ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ଯେତେବେଳେ ୮ଟି ରାଜ୍ୟ ଯଥା: ମହାରାଷ୍ଟ୍ର, ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ଆମ ରାଜ୍ୟ ଓଡ଼ିଶାରେ ଟିକା ସଙ୍କଟ ସୃଷ୍ଟି ହୋଇଛି ସେତେବେଳ ଉତ୍ସବ ସମ୍ପୂର୍ଣ୍ଣ ନିରର୍ଥକ ହୋଇପଡ଼ିଛି। ଉପରୋକ୍ତ ସମସ୍ତ ରାଜ୍ୟ ସରକାର କେନ୍ଦ୍ରକୁ ଜଣାଇ ସାରିଛନ୍ତି ଯେ ସେମାନଙ୍କର ଗଚ୍ଛିତ ଟିକା ରବିବାର/ସୋମବାର ସୁଦ୍ଧା ସରିଯିବ। ତେଣୁ ତୁରନ୍ତ ଟିକାଦାନ ଅବ୍ୟାହତ ରଖିବାକୁ ଅଧିକ ପରିମାଣର ଟିକା ଯୋଗାଇ ଦିଆଯାଉ। କିନ୍ତୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଉଦାସୀନ। ଟିକା କେନ୍ଦ୍ର ସଂଖ୍ୟା ହ୍ରାସ ପାଇଛି ଓ ଖୁବ୍‌ଶୀଘ୍ର ଟିକା କେନ୍ଦ୍ର ବନ୍ଦ ହୋଇଯିବ। ସେତେବେଳେ ଉତ୍ସବ ଏକ ପ୍ରହସନ ନୁହେଁ ତ ଆଉ କ'ଣ ବୋଲି ସେ କହିଛନ୍ତି। ଓଡ଼ିଶା ସରକାର କେବଳ ଚିଠି ଲେଖି ହାତ ଟେକିଦେବା ଅତନ୍ତ୍ୟ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟନ୍ତୁ ଟିକା ନ ମିଳିଲେ ରାଜ୍ୟ ପ୍ରତିବାଦ କରିବାର ଚେତାବନୀ ଦିଅନ୍ତୁ ବୋଲି ପଞ୍ଚାନନ କହିଛନ୍ତି। ଓଡ଼ିଶାବାସୀଙ୍କୁ ଟିକାକରଣରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତ କରାଯାଉ। ପ୍ରଧାନମନ୍ତ୍ରୀ ଅରଣ୍ୟ ଉଲ୍ଲାସରୁ ବିରତ ରହି ଟିକା ସଙ୍କଟ ଜନିତ ପରିସ୍ଥିତିରେ ଦେଶବାସୀଙ୍କ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅଣଦେଖା କରନ୍ତୁ ନାହିଁ। ଓଡ଼ିଶାର ସ୍ୱାର୍ଥ ପାଇଁ ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ଲଢ଼ନ୍ତୁ ବୋଲି କଂଗ୍ରେସ ଆହ୍ୱାନ ଦେଇଛି।

# ୧୦ ଡାକ୍ତରଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନ ଖାରଜ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ରାଜ୍ୟର ୧୦ଜଣ ଡାକ୍ତରଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ରାଜ୍ୟ ସରକାର ଖାରଜ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ଆବେଦନକାରୀ ଡାକ୍ତରମାନଙ୍କୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ରାଜ୍ୟରେ ଡାକ୍ତର ଅଭାବ ଥିବା ଦର୍ଶାଇ ସରକାର ଏସବୁ ଆବେଦନକୁ ଆଗ୍ରାହ୍ୟ କରିଦେବା ସହ ପୂର୍ବ ଭଳି ସେବା କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଡାକ୍ତର ହେଲେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟର ସିନିୟର ମେଡିକାଲ ଅଫିସର ଡା. ମନୋଜ କୁମାର ଅଗ୍ରୱାଲ, ବାରିପଦା ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ ବିଭାଗର ଡା. ପ୍ରଦୀପ କୁମାର ରଥ, ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ସୁକାନ୍ତ ପାଣିଗ୍ରାହୀ, କଳାହାଣ୍ଡି ଧର୍ମଗଡ଼ ସବଡିଭିଜିନାଲ ମେଡିକାଲର ଡା. ଅଶୋକ କୁମାର ପୁରୋହିତ, ପୁରୀ ଜିଲା ମୁଖ୍ୟ ହସ୍ପିଟାଲର ଜିଡିଏମ୍‌ଓ ଡା. କୁଳମଣି ବରାଳ, ନୟାଗଡ଼ ଜିଲା ଚାନ୍ଦପୁରସ୍ଥିତ ବିଏମ୍ ଜେନେରାଲ ହସ୍ପିଟାଲର ଡା. ପ୍ରଭାତ କୁମାର ସାହୁ, ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ସୁଚିତ୍ରା ସାହୁ, ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ଉମାରାଣୀ ଆଚାର୍ଯ୍ୟ, ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ସେବକ ମେହେର ଓ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟରତ ଡା. ଜଗନ୍ନାଥ ପହି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୮୭୧୯ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ଏଥିରୁ ୧୬୯୫ଟି ଏଲୋପାଥିକ ଡାକ୍ତର ପଦବୀ ଖାଲି ପଡ଼ିଛି।

# ୫ ଦିନରେ ୧.୫୬ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

କଟକ ଅଫିସ, ୧୨।୪

### ରାଜ୍ୟ ପୋଲିସର ସ୍ପେଶାଲ ଡ୍ରାଇଭ

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡିଶା ପୋଲିସ ପକ୍ଷରୁ ରବିବାର ସ୍ପେଶାଲ ଡ୍ରାଇଭ କରାଯାଇ ୫ ଦିନ ମଧ୍ୟରେ ୧ .୫୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଡ୍ରାଇଭ୍‌ର ପଞ୍ଚମ ଦିନରେ ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୧୨୬୧ ଜଣଙ୍କଠାରୁ ୧,୫୬,୯୦୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୧୦, ୧୪୯ ଜଣଙ୍କଠାରୁ ୩୧, ୮୪, ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଗତ ୫ ଦିନ ମଧ୍ୟରେ ୫୬,୨୬୫ ଜଣଙ୍କଠାରୁ ୧ କୋଟି ୫୮ ଲକ୍ଷ ୭୩ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭରେ ପୋଲିସ ବିଭାଗର ବହୁ ଅଧିକାରୀ ସାମିଲ ହୋଇଥିବା ଡିଜି କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।




ହାଇସ୍କୁଲରେ ନୂତନ କ୍ରୀଡା, ହିନ୍ଦୀ, ଉର୍ଦ୍ଦୁ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ଓଏସ୍ଏସ୍‌ଟିଇଟି ଯୋଗ୍ୟତାଧାରୀ (ପିଇଟି, ହିନ୍ଦୀ, ସଂସ୍କୃତ) ପ୍ରଶିକ୍ଷିତ ବେକାରି ଶିକ୍ଷକ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

## ମାସ୍କ ପିନ୍ଧିବା ଲାଗି ରାଜ୍ୟବାସୀଙ୍କୁ ପରାମର୍ଶ ଦେଲେ ନବୀନ, ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୨।୪(ବ୍ୟୁରୋ): ସାରା ଦେଶରେ ପୁଣି ଥରେ କରୋନା ମହାମାରୀ ବ୍ୟାପୁଥିବା ବେଳେ ମାସ୍କ ବ୍ୟବହାରକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ସୋମବାର ଟୁଇଟ୍ କରି କହିଛନ୍ତି, ସେ ସବୁବେଳେ ମାସ୍କ ବ୍ୟବହାର କରୁଛନ୍ତି। ଅନ୍ୟମାନେ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁବେଳେ ମାସ୍କ ବ୍ୟବହାର କରି କରୋନାଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଲକାତାରୁ ସୋମବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ଅନୁସାରେ ନିଜର ଆର୍‌ଟି ପିସିଆର୍ ଟେଷ୍ଟ ରିପୋର୍ଟ ଦେଖାଇଥିବା ଟୁଇଟ୍ କରି କହିଛନ୍ତି। ଏହାସହ ସେ ରାଜ୍ୟବାସୀଙ୍କୁ ସର୍ବଦା ମାସ୍କ ପିନ୍ଧିବା ସହ ସତର୍କ ରହିବା ଓ କୋଭିଡ୍ ନିୟମ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଆଜି କୋଲକାତାରୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ଅନୁସାରେ ସେ ତାଙ୍କ ଆର୍‌ଟିପିସିଆର୍ ରିପୋର୍ଟ ଦେଖାଇଲେ। କରୋନା ମହାମାରୀ ସମୟରେ ନିଜେ ସତର୍କ ରହିବା ଏବଂ ନିଜେ ନିଜ ଦାୟିତ୍ୱକୁ ପାଳନ କରିବା ବୋଲି ସେ ଦର୍ଶାଇଛନ୍ତି।

# ସବୁ କୋଭିଡ୍ ଚିକିତ୍ସା କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଥିବାରୁ ଏହାର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ କୋଭିଡ୍ କଟକଣାକୁ କଡ଼ାକଡ଼ି କରିବା ପରେ ଏବେ କରୋନା ରୋଗୀଙ୍କ ପାଇଁ ବ୍ୟବହାର ହୋଇଥିବା ସମସ୍ତ ସରକାରୀ ଓ ଘରୋଇ କୋଭିଡ୍ ଚିକିତ୍ସା କେନ୍ଦ୍ରକୁ ପୁଣି ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଆବଶ୍ୟକତା ଅନୁଯାୟୀ କୋଭିଡ୍ ଚିକିତ୍ସା କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ସ୍ୱତନ୍ତ୍ର ଗାଇଡ୍‌ଲାଇନ ମଧ୍ୟ ଜାରି କରାଯାଇଛି। କୋଭିଡ୍-

### ଜାରି ହେଲା ସ୍ୱତନ୍ତ୍ର ଗାଇଡ୍‌ଲାଇନ୍

୧୯ ମହାମାରୀର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକ୍ଷମ ହୋଇଥିବା ସରକାରୀ ଓ ବେସରକାରୀ ଚିକିତ୍ସା କେନ୍ଦ୍ରର ୫୦ଟି ଶଯ୍ୟା ବୃଦ୍ଧି କରାଯାଇ ସେଗୁଡ଼ିକ ପୁଣିଥରେ ଖୋଲାଯିବ। ଆଇସିୟୁ ସଂଖ୍ୟା ସାଧାରଣ ଶଯ୍ୟାର ୨୦% ହେବ ଓ ଭେଣ୍ଟିଲେଟରର ଉପଲବ୍ଧତା ସମସ୍ତ ଆଇସିୟୁର ଅତି କମ୍‌ରେ ୫୦% ରହିବ। ସେହିପରି ଜଣେ ପ୍ରାଧିକୃତ ମେଡିକାଲ୍ ଅଫିସର (ଏଏମ୍‌ଓ) ଏବଂ ଜଣେ ପ୍ରାଧିକୃତ ବ୍ୟକ୍ତି (ଓଏସ୍) କୋଭିଡ୍ ଚିକିତ୍ସା କେନ୍ଦ୍ର ପାଇଁ ନିଯୁକ୍ତ ହେବେ। ସେମାନଙ୍କ ନାମ ଓ ଯୋଗାଯୋଗ ନମ୍ବର ସରକାରଙ୍କ ନିକଟରେ ପହଞ୍ଚାଇବାକୁ ପଡ଼ିବ। ସମସ୍ତ ବୈଷୟିକ ସମସ୍ୟା ଏବଂ ରୋଗୀଙ୍କ ପଞ୍ଜୀକରଣ ପାଇଁ ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡା. ଉମାକାନ୍ତ ଶତପଥୀ ରାଜ୍ୟସ୍ତରୀୟ ପ୍ରାଧିକୃତ ଅଧିକାରୀ ହେବେ। ୧୦୦ରୁ ଅଧିକ ଶଯ୍ୟା ବିଶିଷ୍ଟ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ପ୍ରକାରର ଅସ୍ତ୍ରୋପଚାର, ଗର୍ଭବତୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା, ଏନ୍‌ଆଇସିୟୁ ଏବଂ ଡାଏଲିସିସ୍ ପାଇଁ ସୁବିଧା ରହିବ। ଓଡ଼ିଶା କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ ଅନୁଯାୟୀ ସମସ୍ତ ବେସରକାରୀ ଡାକ୍ତରଖାନାରେ ଥିବା ୩୦ କିମ୍ବା ତା'ଠାରୁ ଅଧିକ ଶଯ୍ୟା ଥିଲେ ଅତିକମ୍‌ରେ ୧୦% କରୋନା ରୋଗୀଙ୍କ ପାଇଁ ଉପଲବ୍ଧ ରହିବା ବାଧ୍ୟତାମୂଳକ। କୋଭିଡ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଅନୁଯାୟୀ ପର୍ଯ୍ୟାୟକ୍ରମେ ଉପଲବ୍ଧ ଜେନେରାଲ ବେଡ୍ ଓ ଆଇସିୟୁଗୁଡ଼ିକର ସଂଖ୍ୟା ୮୦% ପର୍ଯ୍ୟନ୍ତ ବୃଦ୍ଧି ହେବ। ଜେନେରାଲ୍ ବେଡ୍, ଆଇସିୟୁ, ଏନ୍‌ଆଇସିୟୁ, ଭେଣ୍ଟିଲେଟର୍ସ, ଓଟି, ଲେବର ଟେବୁଲ, ଡାଏଲିସିସ୍ ଇତ୍ୟାଦି ବିଭିନ୍ନ ଶଯ୍ୟା ପାଇଁ ଭଡା ଓ ଖର୍ଚ୍ଚ ମୂଲ୍ୟ ପୂର୍ବଭଳି ଅନୁମୋଦିତ ହେବ। ଗାଇଡ୍‌ଲାଇନ ଅନୁଯାୟୀ ଏକ ଉତ୍ସର୍ଗୀକୃତ ହେଲ୍ପଡେସ୍କ କାର୍ଯ୍ୟକାରୀ କରାଯିବ।

## ବାଗ୍‌ଚୀ ଦମ୍ପତିଙ୍କ ସହ କଥା ହୋଇ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୨।୪(ବ୍ୟୁରୋ): ଭୁବନେଶ୍ୱରରେ କ୍ୟାନ୍‌ସର ହସ୍ପିଟାଲ ଓ ଏକ କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ସୁବ୍ରତୋ ବାଗ୍‌ଚୀ ଓ ସୁସ୍ମିତା ବାଗ୍‌ଚୀ ୩୪୦ କୋଟି ଟଙ୍କା ନିଜସ୍ୱ ପାଣ୍ଠିରୁ ଦାନ କରିଛନ୍ତି। ଏଥିପାଇଁ ସୁବ୍ରତୋ ଓ ସୁସ୍ମିତାଙ୍କ ସହ କଥା ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଜଣାଇଛନ୍ତି। ଏହି ସୁନାମ ଧନ୍ୟ ଦମ୍ପତି ଓଡ଼ିଶାର ଅନନ୍ୟ ସେବା ପରମ୍ପରାରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି। ଆଜି ଏକ ଖୁସିର ଦିନ। ଓଡ଼ିଶାର ଏହି ଦମ୍ପତି ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ କଟକର ବାଇମୁଣ୍ଡିଙ୍କ ଉଚ୍ଚ ପରମ୍ପରାକୁ ଆଗେଇ ନେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତାଙ୍କ ଜୀବନ କୁସୁମିତ ହେଉ। ଏହି ମହତ କାମ ଓଡ଼ିଶାବାସୀଙ୍କୁ ପ୍ରେରିତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବସ୍‌ବାର ଟ୍ରଙ୍କିଙ୍ଗ ସିଷ୍ଟମ ଉଦ୍‌ଘାଟିତ



କଟକ ଅଫିସ/ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ହାଇକୋର୍ଟ ପରିସରରେ ବସ୍‌ବାର୍ ଟ୍ରଙ୍କିଙ୍ଗ ସିଷ୍ଟମ୍ (ଇଲେକ୍ଟ୍ରିକାଲ) ଏବଂ ଇଲେକ୍ଟ୍ରିକାଲ କଣ୍ଟ୍ରୋଲ ରୁମ୍‌ର ଆଧୁନିକୀକରଣ କାର୍ଯ୍ୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୧ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି କାର୍ଯ୍ୟ ୨ ମାସ ମଧ୍ୟରେ ଶେଷ ହୋଇଛି। ଏହି ବସ୍‌ବାର୍ ଟ୍ରଙ୍କିଙ୍ଗ ସିଷ୍ଟମ ଦ୍ୱାରା ହାଇକୋର୍ଟକୁ ଅତ୍ୟାଧୁନିକ ବିଦ୍ୟୁତ୍ ସେବା ପ୍ରଦାନ କରିବା ସହ ଏହାର ସାମୟିକ ମରାମତି ବାବଦକୁ ଖର୍ଚ୍ଚ କମ୍ ହେବା ସମ୍ଭାବନା ରହିଛି। ଏହି ନୂଆ ପଦ୍ଧତି ଦ୍ୱାରା କେବୁଲଗୁଡ଼ିକ ୮୩୦ ଡିଗ୍ରୀ ତାପମାତ୍ରାରେ ୩ ଘଣ୍ଟା ପର୍ଯ୍ୟନ୍ତ ସହ୍ୟ କରିପାରିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ବିଚାର ବିଭାଗୀୟ ଅଧିକାରୀଙ୍କ ସହିତ ପୂର୍ତ୍ତ ବିଭାଗ ସଚିବ ଡ. କ୍ରିଷନ୍ କୁମାର, ଯନ୍ତ୍ରୀମୁଖ୍ୟ(କୋଠାବାଡି) ଇଂ. ବିଜୟ ଚନ୍ଦ୍ର ତ୍ରିପାଠୀ, ଅଧୀକ୍ଷଣ ଯନ୍ତ୍ରୀ(ସିଭିଲ) ଇଂ. ତାରା ପ୍ରସାଦ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ(ଇଲେକ୍ଟ୍ରିକାଲ) ଇଂ ଜଗତ୍‌ଜୀବନ ପାତ୍ର ଏବଂ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଭାସ କୁମାର ମାଝି ଉପସ୍ଥିତ ଥିଲେ।

# ଝରାଫୁଲଙ୍କୁ ହତ୍ୟା କରାଯାଇଛି

ଯାଜପୁର ଅଫିସ,୧୨।୪

- ଭିଡିଓ କ୍ଲିପ୍ ଜାରି କରି ଜଣାଇଲେ ଯାଜପୁର ଏସ୍‌ପି
- ଫରେନ୍‌ସିକ୍ ଲାବର ତଥ୍ୟ ସଂଗ୍ରହ ଜାରି ରହିଛି

ବହୁଚର୍ଚ୍ଚିତ ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୨)ଙ୍କ ମୃତ୍ୟୁ ରହସ୍ୟ ଉପରୁ ପର୍ଦ୍ଦା ହଟିଛି। ତାଙ୍କୁ ହତ୍ୟା କରାଯାଇଥିବା ଯାଜପୁର ଏସ୍.ପି. ରାହୁଲ ପି.ଆର. ସୋମବାର ଏକ ଭିଡିଓ କ୍ଲିପ୍ ଜାରି କରି ଜଣାଇଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଝରାଫୁଲଙ୍କ ପୁରୁଷ ବନ୍ଧୁ ରାକେଶ ସ୍ୱାଇଁ ଓ ତାଙ୍କ ସହଯୋଗୀ ଅମରେଶ ରାଉତଙ୍କୁ ଗିରଫ କରାଯାଇଥିବାବେଳେ ଆଉ ଜଣେ ଅଭିଯୁକ୍ତ ପ୍ରାୟ ଅଢ଼େଇ ମାସ ହେଲା ଫେରାର ରହିଛନ୍ତି। ଭିଡିଓ କ୍ଲିପ୍‌ରେ ଏସ୍‌ପି କହିଛନ୍ତି ଯେ, ମୁଖ୍ୟ ଅଭିଯୁକ୍ତ ରାକେଶଙ୍କୁ ଅମରେଶ ସହଯୋଗ କରିଥିଲେ। ଭୁବନେଶ୍ୱର ଖଣ୍ଡଗିରି ଥାନା ଧର୍ମବିହାର ଅଞ୍ଚଳରେ ଥିବା ଶିବସାଇ


ଝରାଫୁଲ ନାୟକ

ଓଏ ଗେଷ୍ଟହାଉସ୍‌ର ୨୦୧ ନମ୍ବର ରୁମକୁ ଅମରେଶ ବୁକ୍ କରିଥିଲେ। ଅମରେଶ ରାକେଶଙ୍କ ସାଙ୍ଗ, ସେମାନେ ଗୋଟିଏ ଗ୍ରାମର। ତେବେ ହତ୍ୟା କିପରି ହୋଇଛି ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ଫରେନ୍‌ସିକ୍ ଲ୍ୟାବର ତଥ୍ୟ ସଂଗ୍ରହ ଚାଲିଛି, ଯାହାକି ଏଭିଡାନ୍ସ ଷ୍ଟେଜରେ ଅଛି। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାକୁ ପଦକ୍ଷେପ ନିଆଯାଉଛି। ଆବଶ୍ୟକ ପଡ଼ିଲେ ଗତ ରବିବାର କୋର୍ଟଚାଲାଣ ହୋଇଥିବା ଅଭିଯୁକ୍ତ ଅମରେଶଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ରାହୁଲ କହିଛନ୍ତି। ଅମରେଶଙ୍କ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ହାଟରେ ଏକ ଫାଷ୍ଟଫୁଡ୍ ଦୋକାନ ଥିବା ତଦନ୍ତ ବେଳେ ଜଣାପଡିଛି। ଘଟଣା ଦିନଠାରୁ ଅମରେଶ ଫାଷ୍ଟଫୁଡ୍ ଦୋକାନକୁ ବନ୍ଦକରି ଫେରାର ହୋଇଥିଲେ। ତାଙ୍କୁ ଗତ ଶନିବାର ଭୁବନେଶ୍ୱରରୁ ଗିରଫ କରାଯାଇଥିଲା।

ସୂଚନାଥାଉ କି, ଗତ ଜାନୁୟାରୀ ୨୬ ରାତିରେ ଝରାଫୁଲ ଓ ରାକେଶ ଶିବସାଇ ଓଏ ଗେଷ୍ଟହାଉସ୍‌ର ୨୦୧ ନମ୍ବର ରୁମ୍‌ରେ ରହିଥିଲେ। ସେଠାରେ ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ରାକେଶ ଓ ତାଙ୍କ ସହଯୋଗୀ ମୃତଦେହକୁ ଆଣି ଯାଜପୁର ଜିଲା କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତର ଦିଆଲଖଣ୍ଡି ରାସ୍ତା ପାର୍ଶ୍ୱରେ ପିଙ୍ଗିଥିବା ପୋଲିସ ସିସିଟିଭି ଫୁଟେଜ୍‌ରୁ ଜାଣିବାକୁ ପାଇଥିଲା। ପୋଲିସ ରାକେଶଙ୍କୁ ଗିରଫ କରିଥିବାବେଳେ ତାଙ୍କ ସହଯୋଗୀ ତଥା ସମ୍ପର୍କୀୟ ଭାଇ ଶକ୍ତି ଶେଖର ଫେରାର ରହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ବ୍ରାଜିଲକୁ ଟପିଲା...

ପହଞ୍ଚିଛି ଯାହାକି ମୋଟ ସଂକ୍ରମଣର ୮.୮୮ ପ୍ରତିଶତ। ସପ୍ତାହେ ମଧ୍ୟରେ ଦେଶରେ ୯.୩୭ ଲକ୍ଷ ସଂକ୍ରମିତ ହୋଇଛନ୍ତି, ଅର୍ଥାତ୍ ଦୈନିକ ହାରାହାରି ସଂକ୍ରମଣ ୧.୩୩ ଲକ୍ଷ ରହିଛି। ସାରା ବିଶ୍ୱରେ ରବିବାର ୬.୩୨ ଲକ୍ଷ ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରୁ କେବଳ ଭାରତରେ ୧.୬୯ ଲକ୍ଷ। ଅର୍ଥାତ୍ ବିଶ୍ୱରେ ଦୈନିକ ସଂକ୍ରମଣର ପାଖାପାଖି ୨୭ ପ୍ରତିଶତ ଭାରତରେ ଦେଖିବାକୁ ମିଳିଛି। କରୋନା ସଂକ୍ରମଣର ଦ୍ୱିତୀୟ ଲହର ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୧୮ରେ ସର୍ବାଧିକ ସକ୍ରିୟ ମାମଲା ଥିଲା ୧୦,୧୭,୭୫୪। ପରେ ଏହା ହ୍ରାସ ପାଇ ଚାଲିଥିବାବେଳେ ଫେବୃୟାରୀରୁ ପୁଣି ଥରେ ସଂକ୍ରମଣ ବଢ଼ିବା ଆରମ୍ଭ ହୋଇଥିଲା। ଗତ ୨୪ ଘଣ୍ଟାରେ ଭୂତାଣୁ ୯୦୪ ଜଣଙ୍କ ଜୀବନ ନେଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୩୪୯ ଜଣ ପ୍ରାଣ ହରାଇଛନ୍ତି। ଏହା ପଛକୁ ଛତିଶଗଡ଼ (୧୨୨), ଉତ୍ତରପ୍ରଦେଶ (୬୭), ପଞ୍ଜାବ(୫୯) ରହିଛି। ମୋଟ ମୃତ୍ୟୁସଂଖ୍ୟା ୧,୭୦,୧୭୯ ହୋଇଥିବାବେଳେ ସେଥିରୁ କେବଳ ମହାରାଷ୍ଟ୍ରରେ ରହିଛି ୫୭,୯୮୭। ତାମିଲନାଡୁରେ ୧୨,୯୦୮ ଜଣ କରୋନାରେ ପ୍ରାଣ ହରାଇଥିବାବେଳେ କର୍ଣ୍ଣାଟକରେ ୧୨,୮୮୯ ଏବଂ ଦିଲ୍ଲୀରେ ୧୧,୨୮୩ ଜଣଙ୍କ ଜୀବନ ଯାଇଛି।

### ବାଲେଶ୍ୱରକୁ ବ୍ୟାପିଲା...

ନିଆଯାଇ ନ ଥିଲା। ପଶ୍ଚିମବଙ୍ଗରେ ଏବେ ନିର୍ବାଚନ ଚାଲିଥିବାରୁ ସ୍ଥାନୀୟ ସରକାର କରୋନା କଟକଣା ଉପରେ ସେତେଟା ଗୁରୁତ୍ୱ ଦେଉନି କି ସଂକ୍ରମଣ ସ୍ଥିତି ନେଇ କୌଣସି ସ୍ପଷ୍ଟ ରିପୋର୍ଟ ଆସିପାରୁନି। ଫଳରେ ସେଠାରେ ସଂକ୍ରମଣ ଭିତରେ ଭିତରେ ଭୟଙ୍କର ରୂପ ନେଲାଣି। ଏହା ଓଡ଼ିଶା ପାଇଁ ବଡ଼ ବିପଦ ଆଣିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଚାରିପଟୁ କରୋନା ମାଡ଼ି ଆସୁଥିବାରୁ ଓଡ଼ିଶାର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଦୈନିକ ସଂକ୍ରମଣ ୨ହଜାର ମୁହାଁ ହୋଇଛି। ଶେଷ ୨୪ ଘଣ୍ଟାରେ ୧,୭୪୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୦୧୫ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଥିବାବେଳେ ୭୨୬ଜଣ ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ସୁନ୍ଦରଗଡ଼, ଖୋର୍ଦ୍ଧା, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର ସ୍ଥିତି ଉଦ୍‌ବେଗଜନକ ଥିବାବେଳେ ବାଲେଶ୍ୱରରେ ମଧ୍ୟ ସେଭଳି ସ୍ଥିତିକୁ ଆସିଲାଣି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୨୬୮ଜଣ ଥିବାବେଳେ ଖୋର୍ଦ୍ଧାରୁ ୨୦୪, ବାଲେଶ୍ୱର ୧୫୮, ସମ୍ବଲପୁର ୧୨୧, କଳାହାଣ୍ଡି ୧୧୪, ବରଗଡ଼ ୯୭, ନୂଆପଡ଼ା ୯୬, ବଲାଙ୍ଗୀର ୯୩ ଓ ନବରଙ୍ଗପୁରରୁ ୮୦ଜଣ ରହିଛନ୍ତି। ବାଲେଶ୍ୱରସ୍ଥିତ ଇମାମୀ ପେପର ମିଲ୍‌ରେ ଦିନକରେ ୧୦୧ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୫୧,୩୦୨ରେ ପହଞ୍ଚିଛି। ୩,୪୦,୬୦୦ଜଣ ଆରୋଗ୍ୟ ହୋଇଥିବାବେଳେ ୮,୭୨୧ଜଣ ସକ୍ରିୟ ରୋଗୀ ରହିଛନ୍ତି। ସୁନ୍ଦରଗଡ଼ରେ ସର୍ବାଧିକ ୧,୬୯୧ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧାରେ ୧,୨୩୪, ସମ୍ବଲପୁରରେ ୫୩୫ ଓ କଳାହାଣ୍ଡିରେ ୫୧୮ଜଣ ଅଛନ୍ତି। ଏପଟେ ନୂଆ ଷ୍ଟ୍ରେନ୍ ଅଧିକ ଘାତକ ପାଲଟିଛି। ରାଜ୍ୟରେ ଆଉ ଦୁଇଜଣଙ୍କ ଜୀବନ ଯାଇଥିବାବେଳେ ଉଭୟଙ୍କର ଘର ନୂଆପଡ଼ାରେ ବୋଲି ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଜଣେ ୨୪ବର୍ଷୀୟ ଯୁବକ ଥିବାବେଳେ ଆଉଜଣେ ୪୦ ବର୍ଷୀୟ ବ୍ୟକ୍ତି ଅଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୨୮କୁ ବୃଦ୍ଧି ପାଇଛି। ଏବେ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ରେଡ୍ ଜୋନ୍‌ରେ ଥିବାବେଳେ ସମ୍ବଲପୁର ଓ କଳାହାଣ୍ଡି ୟେଲୋ ଜୋନ୍‌ରେ ରହିଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କ ସହଯୋଗ ପାଇଁ ନିବେଦନ କରିଛି। ଅତି ଜରୁରୀ ନ ଥିଲେ ହସ୍ପିଟାଲକୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ଗହଳି ସ୍ଥାନକୁ ଆସି ସଂକ୍ରମଣକୁ ଘରକୁ ନେଇ ଯାଆନ୍ତୁ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଏଥିସହ ହସ୍ପିଟାଲ ସମେତ ସମସ୍ତ ସ୍ଥାନରେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଉପରେ ପୁଣି ଗୁରୁତ୍ୱ ଦେଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ସବୁ ରାଜ୍ୟରେ ସଂକ୍ରମଣ ବଢୁଛି, ଆମ ରାଜ୍ୟରେ ମଧ୍ୟ ବଢୁଛି। ଏବେ ସ୍ଥିତି ଆକଳନ କରିବା ନାହିଁ। ଜିଲାପାଳମାନଙ୍କୁ ମେଡିକାଲ ପ୍ରସ୍ତୁତ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ପରିମାଣରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବ ସେହି ହିସାବରେ ବେଡ୍ ବୃଦ୍ଧି କରାଯିବ। ଲୋକଙ୍କ ଯା' ଆସ ଉପରେ କିଛି କଟକଣା ଲାଗିଛି। ଲୋକଙ୍କୁ ସଚେତନ କରାଯାଉଛି। ଅକ୍ସିଜେନ, ଭେଣ୍ଟିଲେଟର, ଡ୍ରଗ୍ସର ତର୍ଜମା ଚାଲିଛି। ଆବଶ୍ୟକତା ଅନୁସାରେ କାମରେ ଲଗାଯିବ। ପଜିଟିଭଙ୍କୁ ଚିକିତ୍ସା ପାଇଁ ପ୍ରତି ଜିଲାରେ କଲ୍ ସେଣ୍ଟର ଖୋଲାଯାଇଛି। ସେମାନେ ଫୋନ୍ କରି ରୋଗୀର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଔଷଧ ଦେଉଛନ୍ତି ବୋଲି ସେ କହିଛନ୍ତି।

## ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍

**ଜଳେଶ୍ୱର, ୧୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ସୋମବାର ୧୫୮ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ପ୍ରଶାସନ ତତ୍ପର ହୋଇପଡ଼ିଛି। ପ୍ରବାସୀ ଓଡ଼ିଆଙ୍କ ଚଳପ୍ରଚଳ ଉପରେ ରୋକ୍ ଲଗାଇବା ଲାଗି ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍ କରିଛି। ବାଲେଶ୍ୱର ଜିଲାର ସୀମାନ୍ତ ଜଳେଶ୍ୱର ତହସିଲର ୪୫ଟି ଗାଁ ସହିତ ପଶ୍ଚିମବଙ୍ଗର ୫୦ ଗାଁ ଲଗାଲଗି ହୋଇରହିଛି। ସୁଗୋ-ଦୋବାଡ଼ିଆ ଭାୟା ନେତୁଆ, ନେତୁଆ-ପ୍ରିୟବାଗ, ସୁଗୋ-ସୋଲପଟା, ଆମ୍ବଲିଅଠା-ସୋଲପଟା, ଆମ୍ବଲିଅଠା-ଜେନାଦିଘୀ, ୬୦ନଂ. ଜାତୀୟ ରାଜପଥ ଲକ୍ଷ୍ମଣନାଥ, ଓଟି ରୋଡ଼, ସୁନାକଣିଆ-ଡିପିପୁର ଫେରିଘାଟ, ମାକିଡିଆ-ଦାନ୍ତୁନ ଫେରିଘାଟ, ରାଜନଗର-ଦାନ୍ତୁନ ଫେରିଘାଟ, କୁଅଁରପୁର-ଦାନ୍ତୁନ ଫେରିଘାଟ, ଓଲମରା-ଖଡ଼ିକା ଭାୟା ସର୍ଦ୍ଦାବନ୍ଧ ରାସ୍ତାରେ ଉଭୟ ରାଜ୍ୟର ଲୋକେ ଯାତାୟାତ କରନ୍ତି। ଜାତୀୟ ରାଜପଥର ଟୋଲପ୍ଲାଜାଠାରେ ପ୍ରବାସୀଙ୍କୁ ପ୍ରବେଶ ନ କରାଇବା ଲାଗି ପୋଲିସ ମୁତୟନ କରାଯାଇଛି। ସଂକ୍ରମଣ ବଢୁଥିବାରୁ ପ୍ରତ୍ୟେକ ରାସ୍ତା ସିଲ୍ କରାଯିବା ସହିତ ୬୦ନଂ. ଜାତୀୟ ରାଜପଥ କଡାକଡି ଯାଞ୍ଚ କରାଯିବାକୁ ଦାବି ହେଉଛି।

### ଭାରତରେ ସ୍ପୁଟ୍‌ନିକ...

ରୁଷିଆର ଗାମାଲେୟା ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ବିକଶିତ ଏହି ଟିକାର ଦାମ୍ ଅନ୍ତର୍ଜାତୀୟ ବଜାରରେ ୧୦ ଡଲାରରୁ କମ୍ ରହିଛି। ଏହାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଗଚ୍ଛିତ କରି ରଖାଯାଇପାରିବ।

### ବଲାଙ୍ଗୀର, କଳାହାଣ୍ଡି...

ସଞ୍ଜୟ କୁମାର ଶତପଥୀ ୧୩ ପାଠ୍ୟ ପୁସ୍ତକ ସମେତ ୨୪ ପୁସ୍ତକ ରଚନା କରିଛନ୍ତି। ତାଙ୍କର ୩୬ ବର୍ଷରୁ ଅଧିକ ଶିକ୍ଷାଦାନ ଅଭିଜ୍ଞତା ରହିଛି। ସେ ୨୦ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଲାଗି ମାର୍ଗଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଏହି ଦୁଇ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଥିଲେ।

### ଭୁବନେଶ୍ୱରରେ ହେବ...

ସ୍ୱାସ୍ଥ୍ୟ ଯୋଜନା ଅଧୀନ ରୋଗୀମାନଙ୍କ ପାଇଁ ଅଲଗା ରହିବ। ଅବଶିଷ୍ଟ ୫୦ ପ୍ରତିଶତ ରୋଗୀ ସେବା ପାଇଁ ଦେୟ ଦେବାକୁ ପଡିବ। ସେହି ସଂଗୃହୀତ ଅର୍ଥ ଗରିବ ରୋଗୀଙ୍କ ସହାୟତା ଏବଂ ଡାକ୍ତରଖାନା ସମ୍ପ୍ରସାରଣ ପାଇଁ ବ୍ୟବହାର ହେବ। ମୁଖ୍ୟ ବର୍ଗର କର୍କଟ ସେବା ଅର୍ଥାତ୍ ସର୍ଜିକାଲ, ମେଡିକାଲ ଏବଂ ରେଡିଏଶନ ଅଙ୍କୋଲୋଜି, ଇମେଜିଂ ନ୍ୟୁକ୍ଲେୟାର ମେଡିସିନ, ଶିଶୁ ଓ ହେମାଟୋ-ଅଙ୍କୋଲୋଜି, ଫୁସଫୁସ ରୋଗ କେନ୍ଦ୍ର, ନିଶ୍ଚେତକ ବିଭାଗ ଏବଂ ଇଣ୍ଟିଗ୍ରେଟେଡ୍‌କେୟାର, ଲାବରେଟୋରିଡାଇଗ୍ନୋଷ୍ଟିକସେବା ବ୍ଲଡ୍‌ବ୍ୟାଙ୍କ ଏବଂ ଇମ୍ୟୁନୋ-ହେମାଟୋଲୋଜି ସେବା ସହିତ ଏହା ଏକ ଉତ୍କର୍ଷ ଅଙ୍କୋଲୋଜି କେନ୍ଦ୍ର ହେବ। ଅନ୍ୟ ସେବା ଯେପରି ନର୍ସିଂ, ଫିଜିଓଥେରାପି ତାଲିମ କେନ୍ଦ୍ର, ନିଶା ନିବାରଣ କ୍ଲିନିକ, ବୃତ୍ତିଗତ ପୁନର୍ବାସ ମଧ୍ୟ ଏହି କେନ୍ଦ୍ରର ଏକ ଅଂଶ ହେବ।

### 'ହାଇଦର ଫେରାର...

ସ୍ୱତନ୍ତ୍ର ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଏସ୍‌ସିବିକୁ ଅଣାଯାଇଥିଲା। ସେଠାରେ ସେ ସର୍ଜରି ବିଭାଗର ୫ନଂ. କ୍ୟାବିନ୍‌ରେ ରହି ଚିକିତ୍ସିତ ହେଉଥିଲେ। ଚିକିତ୍ସା ସମୟରେ ତାଙ୍କ ପୁଅ, ଭାଇ କାଲିଆ, ପୁତୁରା କାଲା, ଶାଳକ ଓ ଡ୍ରାଇଁ କ୍ୟାବିନ୍‌କୁ ନିୟମିତ ଭାବେ ଆସି କଥା ହେଉଥିଲେ। ଗତ ଶନିବାର ଅପରାହ୍ନ ସାଢେ ୪ଟାରେ ମୁଁ ତାଙ୍କୁ ଜଗିଥିଲି। ଏହି ସମୟରେ ସେମାନେ ମୋ ଉପରକୁ ବିଷାକ୍ତ ପଦାର୍ଥ ଫିଙ୍ଗିଥିଲେ। ଏହାପରେ ମୁଁ ଅଚେତ ହୋଇପଡ଼ିଥିଲି। ଏହାର ସୁଯୋଗ ନେଇ ପରିବାର ଲୋକେ ହାଇଦରଙ୍କୁ ଖସାଇ ନେଇଯାଇଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଏ ନେଇ ପୋଲିସ ଆଇପିସି ଦଫା ୨୨୪, ୩୨୮ ଓ ୧୨୦(ବି) ଅନୁଯାୟୀ ଏକ ମାମଲା(ନଂ.୧୦୧/୨୧) ରୁଜୁ କରିଛି। ଏ ସମ୍ପର୍କରେ ମୌସିମଙ୍କୁ ପଚରାଉଚରା କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

### ଆତ୍ମସମର୍ପଣ କଲେ...

ନିଶାଦ୍ରବ୍ୟ ମିଶା ହେବା କଥାକୁ ଅସ୍ୱୀକାର କରିଥିଲେ। ୟାକୁବ ୪/୫ ବର୍ଷଧରି ହାଇଦରଙ୍କ ସହଯୋଗୀ ଭାବେ କାମ କରିଆସୁଥିଲେ। ବ୍ୟବସାୟିକ ଦୃଷ୍ଟିକୋଣରୁ ସେ ହାଇଦରଙ୍କୁ ଭେଟିବା ସହ କାର୍ଯ୍ୟ ପାଇବା ଆଶାରେ ଆସୁଥିଲେ। ୟାକୁବ୍ ହାଇଦରଙ୍କ ସହଯୋଗୀ ହୋଇଥିବାରୁ ସେ ଫେରାର ହେବା ପଛର ରହସ୍ୟ ଉପରୁ ପରଦା ଉଠାଇ ପାରିବ ବୋଲି ପୋଲିସ ବିଶ୍ୱାସ ରଖିଛି। ଅପରପକ୍ଷରେ ୟାକୁବ ଜାଣିଛନ୍ତି ପୋଲିସ ସେହିମାନଙ୍କୁ ଟାର୍ଗେଟ୍ କରି ଖୋଜାଖୋଜି କରୁଛି, ଯେଉଁମାନେ ହାଇଦରଙ୍କୁ ବାରମ୍ବାର ଭେଟିବା ପାଇଁ ଏସ୍‌ସିବିକୁ ଆସୁଥିଲେ। ତେଣୁ ଭୟରେ ହେଉ କିମ୍ବା ତାଙ୍କ ପାଇଁ ପରିବାର ଲୋକେ ଯେପରି ଅସୁବିଧାରେ ନ ପଡ଼ନ୍ତୁ, ସେଥିଲାଗି ୟାକୁବ ଆତ୍ମସମର୍ପଣ କରିଥିବା ଅନୁମାନ କରାଯାଉଛି। ୟାକୁବ୍ ଆତ୍ମସମର୍ପଣ କରିବା ପରେ ଚାଉଳିଆଗଞ୍ଜ ପୋଲିସ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ଏହାର ବିଭିନ୍ନ ଦିଗ ଉପରେ ତଦନ୍ତ କରିବା ପାଇଁ ତାଙ୍କୁ ପଚରାଉଚରା ଜାରି ରଖିଥିବା ଆଇଆଇସି ତାପସ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ୟାକୁବ୍‌ଙ୍କ ନାଁରେ ପୂର୍ବରୁ ଜଗତ୍‌ପୁର ଥାନାରେ ଏକ ବୋମାମାଡ଼ ମାମଲା ସହ ଅନ୍ୟ ଥାନାରେ ୩ଟି ମାମଲା ରହିଥିବା ଜଣାପଡ଼ିଛି। ସେ ବୋମାମାଡ଼ ମାମଲାରେ ଜେଲ୍ ଯାଇଥିବାବେଳେ ସେଠାରେ ହାଇଦରଙ୍କର ଧରମ ପୁଅ ବୋଲାଉଥିବା ଯୋବ୍ରା ଅଞ୍ଚଳର କମାଣ୍ଡରଙ୍କ ସହ ସାକ୍ଷାତ୍ ହୋଇଥିଲା। ସେଠାରେ ସେମାନଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। କମାଣ୍ଡରଙ୍କ ସହଯୋଗରେ ସେ ହାଇଦରଙ୍କ ସହ ପରିଚିତ ହୋଇଥିଲେ। ଏହାପରେ ସେ ତାଙ୍କ ସହଯୋଗୀ ଭାବେ କାମ କରିଥିଲେ।

### ୫ ବର୍ଷ ବଢ଼ିଲା...

ପରବର୍ତ୍ତୀ ୫ ବର୍ଷ ପାଇଁ ଏହାକୁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ୨୦୨୦-୨୧ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୫୬୯.୯୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ୨୫ ହଜାର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଭାଗ ଦ୍ୱାରା ପରିଚାଳିତ ଅନ୍ୱେଷା ଛାତ୍ରାବାସରେ ରଖାଯାଇ ଶିକ୍ଷାଦାନ କରାଯିବ।

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଓଡ଼ିଶା ଲାବରେଟୋରି ଟେକ୍ନିସିଆନ ସେବା ନିୟମ-୨୦୧୯ର ସଂଶୋଧନ କରାଯାଇ ଓଡ଼ିଶା ଲାବରେଟୋରି ଟେକ୍ନିସିଆନ ସେବା ନିୟମ-୨୦୨୧ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରଚଳିତ ନିୟମାବଳୀ ଅନୁଯାୟୀ ସ୍କିମ୍ ଦ୍ୱାରା ନିଯୁକ୍ତ ଠିକା ଲାବରେଟୋରି ଟେକ୍ନିସିଆନ, ସିନିୟର ଟିବି ଲାବରେଟୋରି ସୁପରଭାଇଜରମାନଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ସ୍ୱାସ୍ଥ୍ୟ ସେବା ଅନ୍ତର୍ଭୁକ୍ତ କରିବା ବ୍ୟବସ୍ଥା ରହିଛି କିନ୍ତୁ ଯୋଗ୍ୟ ସ୍କିମ୍‌ଗୁଡିକ ବିଷୟରେ ବିଶଦ ଭାବେ ସୂଚନା ଦିଆଯାଇନାହିଁ। ସଂଶୋଧିତ ନିୟମରେ ଉକ୍ତ ପଦବୀଗୁଡିକ ଲାଗି ନିଯୁକ୍ତି ସକାଶେ ୧୦୦ ମାର୍କ ଲିଖିତ ପରୀକ୍ଷା ୨ଘଣ୍ଟାରେ ହେବ। ସେଥିରେ ଅବଜେକ୍ଟିଭ ଟାଇପ୍, ମଲଟିପୁଲ୍ ଚଏସ୍ କ୍ୱେଶ୍ଚିନ ଆସିବ। ପ୍ରତ୍ୟେକ ଭୁଲ୍ ଉତ୍ତର ପାଇଁ ୦.୨୫ % ମାର୍କ କାଟି ଦିଆଯିବ। ପରୀକ୍ଷାର ୬୦% ପ୍ରଶ୍ନ ପାଠ୍ୟକ୍ରମରୁ ଆସିବାକୁ ଥିବାବେଳେ ୨୫% ପ୍ରଶ୍ନ ପ୍ରାକ୍ଟିକାଲ, ୧୦% ପ୍ରଶ୍ନ ଏରିଥମେଟିକ ଏବଂ ୫% ପ୍ରଶ୍ନ ହାଇସ୍କୁଲ ଷ୍ଟାଣ୍ଡାର୍ଡର ଇଂଲିଶରୁ ଆସିବ।

ସଂଶୋଧନ ନିୟମରେ ପଦୋନ୍ନତି ନିୟମାବଳୀରେ ଟେକ୍ନିକାଲ ସୁପରଭାଇଜର ପଦବୀ ନୂତନ ଭାବେ ସୃଷ୍ଟି କରାଯାଇଛି, ଯାହା ବରିଷ୍ଠ ଲାବରେଟୋରି ଟେକ୍ନିସିଆନ ପଦବୀର ପରବର୍ତ୍ତୀ ପଦୋନ୍ନତି ପଦବୀ। ଏହି ସଂଶୋଧନ ନିୟମରେ ମୂଳ ଶିକ୍ଷାଗତ ଯୋଗ୍ୟତା ଡିପ୍ଲୋମା ଇନ୍ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି ଥାଇ ଉଚ୍ଚତର ଶିକ୍ଷାଗତ ଯୋଗ୍ୟତା ବ୍ୟାଚେଲର ଇନ୍ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି କିମ୍ବା ମାଷ୍ଟର ଇନ୍ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି ଥିବା ପ୍ରାର୍ଥୀମାନେ ମଧ୍ୟ ଲାବରେଟୋରି ଟେକ୍ନିସିଆନ ପଦବୀ ପାଇଁ ଆବେଦନ କରିପାରିବେ।

ଓଡ଼ିଶା ଅଧସ୍ତନ ମଙ୍ଗଳସେବା (ନିଯୁକ୍ତି ଓ ଚାକିରି ସର୍ତ୍ତାବଳୀ) ନିୟମ-୧୯୯୨ ଦ୍ୱାରା ଓଡ଼ିଶା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ନିଯୁକ୍ତି ଓ ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ ହୁଏ। ୨୦୧୮ ନଭେମ୍ବର ୨ରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବା ବର୍ଗର ପୁନର୍ଗଠନ କରାଯାଇଛି। ଓଡ଼ିଶା ଅଧସ୍ତନ ସେବାର ପୁନର୍ଗଠନ ଯୋଗୁ ଏହି ସେବାର ଅନ୍ତର୍ଭୁକ୍ତ ସହାୟକ ଜିଲା ମଙ୍ଗଳ ଅଧିକାରୀ ପଦବୀକୁ ଉନ୍ନିତ କରାଯାଇ ଓଡ଼ିଶା ମଙ୍ଗଳ ସେବା ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିଯୋଗୁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ।


# classifieds

**Everyday**
**0674-2580101, 2549302**




## SALE

**Demarcated** ପ୍ଲଟ୍ **KEC,** ଗୁଡ଼ିଆପୋଖରୀ ପାଖରେ **immediate registration & possession** ଅଗ୍ରିମ **boundarywall, electricity with 30ft. road sqft.650/-**ରେ ମିଳୁଛି। **Contact: 7008045582, 7749800648.** D-20490

**Bhubaneswar Jaydev Vihar** ଛକରେ **Sqft. 5000/-**ରେ ଘରବାରି **Plot** ମିଳୁଛି। **Owner - 9090963952.** D-70832

**Plot for Sale, 2000sqft (10nos) per sqft-1600 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227.** D-20497

ଭୁବନେଶ୍ୱର ନଖରା **East Engineering College backside** ଘରବାରି **developed plot with electricity available.** ଯୋଗାଯୋଗ – **9937111658, 7381029351 (limited plots).** D-70816

ଭୁବନେଶ୍ୱର ଗଙ୍ଗପଡ଼ା **NH-16**ରୁ **400mtr** ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। **7978676652.** D-70819

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

ଭୁବନେଶ୍ୱର ଖୋର୍ଦ୍ଧା **NH side** ପିତାପଲ୍ଲୀ ଛକ ନିକଟରେ **plot** ମିଳୁଛି। **owner 9090963952.** D-70831

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

**Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553.** D-70821

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି **SC Plot 5,41,000/-**ରେ ବିକ୍ରି ହେବ। **9439832956.** D-70824

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

ଭୁବନେଶ୍ୱର **Hot location** ପାହାଳ **NH** ଜଗନ୍ନାଥମନ୍ଦିର ପାଖରେ **yellow zone plot sqft. 1850/-,** ବାଲିଅନ୍ତାରେ ଘରବାରି **boundary sqft. 1200/-, 7978230118, 8249477254.** D-70826

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




**Building construction supervision layout planning by civil engineer. D. Acharya. Mob: 8144815298.** D-20487

## GENERAL

## SALE

Accessories of running ladies beauty parlour for sale. Contact - 9078533545. D-65916




3BHK Ommniloy A201 near Flyover Shahid Nagar, Family/ Office. 7032925529, 9337555288. D-20496




Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Monalisa massage club : All types body massage with hiprofile smart lady rooms service available 9708545108. D-20491

Refreshing your mind, your body with the best therapy at Lotus Spa. 9801811949. D-70445




ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

In the Court of the Civil Judge, (Sr. Division), Kamakhyanagar
Succession Certificate Case No.- 4/2019
Susila Pani
.........Petitioner
Vrs
Ratnaprava Pani & others
......... O.P.s.
Notice U/O 5 Rule 20 of C.P.C.

ଏହିକି ସୁଶୀଳା ପାଣି, ସ୍ୱା ୰ସିଦ୍ଧେଶ୍ୱର ପାଣି, ସା.– କୁମୁସୀ, ପଡ଼ା– ମହୁଆ, ପୋ.– କୁମୁସୀ, ଥାନା– ପର୍ଜଙ୍ଗ, ଜିଲ୍ଲା– ଢେଙ୍କାନାଳ ମୃତ ସିଦ୍ଧେଶ୍ୱର ପାଣିଙ୍କର ସ୍ୱତ୍ୱାଧିକାରୀ ପ୍ରମାଣପତ୍ର ପାଇଁ (୧) ରତ୍ନପ୍ରଭା ପାଣି ସ୍ୱା– ୰ସିଦ୍ଧେଶ୍ୱର ପାଣି, (୨) ସୁଶାନ୍ତ ପାଣି, (୩) ତଲିରାଣୀ ପାଣି, (୪) ଅନୀତା ପାଣି, (୫) ମମତା ପାଣି @ପଣ୍ଡା, (୬) ସଞ୍ଜୁରାଣୀ @ସଜନୀ ପାଣି @ ସଂଯୁକ୍ତା ପାଣି, (୭) ଦିନା ପାଣି @ସନ୍ଧ୍ୟାରାଣୀ ପାଣି, (୮) ମାମା ପାଣି @ପାଢ଼ୀ @ପ୍ରଭାତି ପାଣି, ଏମାନଙ୍କର ପିତା– ୰ସିଦ୍ଧେଶ୍ୱର ପାଣିଙ୍କ ବିରୁଦ୍ଧରେ ମାନ୍ୟବର ବରିଷ୍ଠ ଦେୱାନୀ ବିଚାରକଙ୍କ ଅଦାଲତରେ Succession Certificate case No.- 4/ 2019 ରୁଜୁ କରିଛନ୍ତି। ଏତଦ୍ୱାରା ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି, ଯଦି ଉପରୋକ୍ତ ପ୍ରତିବାଦୀମାନଙ୍କ ବ୍ୟତୀତ ମୃତ ସିଦ୍ଧେଶ୍ୱର ପାଣିଙ୍କର କୌଣସି ସ୍ୱତ୍ୱାଧିକାରୀ ଥାଆନ୍ତି ଏବଂ ଏଥିପାଇଁ କାହାର କିଛି ଦାବି ଓ ଆପତ୍ତି ଥାଏ, ତେବେ ତା ୨୨।୦୪।୨୦୨୧ରିଖ ଦିବା ୦୭.୩୦. ମି. ସମୟରେ ନିଜେ ସ୍ୱୟଂ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ମାନ୍ୟବର ବରିଷ୍ଠ ଦେୱାନୀ ବିଚାରକ, କାମାକ୍ଷାନଗରଙ୍କ ଅଦାଲତରେ ଉପଯୁକ୍ତ କାଗଜାତ ଓ ପ୍ରମାଣ ସହିତ ହାଜର ହେବେ। ଯଦି ଧାର୍ଯ୍ୟ ତାରିଖରେ କୌଣସି ଦାବିଦାର ଅନୁପସ୍ଥିତ ରୁହନ୍ତି ଧରି ନିଆଯିବ ଯେ, ଉକ୍ତ କେଶ୍ ବିଷୟରେ କାହାରି କିଛି ଆପତ୍ତି ଅଭିଯୋଗ ନାହିଁ।

Given under my hand and seal
Dt. 09.03.2021
Civil Judge (Sr. Divn), Kamakhyanagar, Dist-Dhenkanal. D-70320


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କୃତ୍ତିକା ନକ୍ଷତ୍ର ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଅଫିସ୍‌ରେ ଆଲୋଚନାକ୍ରମେ କାମରେ ଲାଗିପଡ଼ନ୍ତୁ, ଅଳ୍ପ ସମୟ ପରେ ସବୁ କିଛି ଠିକ୍ ହୋଇଯିବ। ନିଜର କେତେକ କୃତକର୍ମ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ବୃଷ**
ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ମୃଗଶିରା ନକ୍ଷତ୍ର ଉପକୃତ ହୋଇଥିବା ନିଜ ଲୋକଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତ ହେବେ। ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ଲାଭବାନ୍ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘ ଦିନରୁ ଦେଖିନଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢ଼ାଇବ ଓ ହସି ହସି କଥା ଆରମ୍ଭ କରିବ। ବ୍ୟବସାୟରେ ଉନ୍ନତି କରିବେ ଏବଂ ଲାଭ ମଧ୍ୟ କିଛି କମ୍ ହେବନାହିଁ। ପୁନର୍ବସୁ ନକ୍ଷତ୍ରର ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ**
ଆଜି ବନ୍ଧୁମାନେ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଅଶ୍ଳେଷା ନକ୍ଷତ୍ର ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡ଼ିବା ପାଇଁ ସ୍ତ୍ରୀଙ୍କ ସହ ଆଲୋଚନା କରିପାରନ୍ତି। ସଫଳତା ସକାଶେ କନିଷ୍ଠଙ୍କ ମତାମତକୁ ଅସମ୍ମାନ କରନ୍ତୁ ନାହିଁ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିପାରନ୍ତି।

**ସିଂହ**
ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ କାରଣରୁ ମନ ଭାରାକ୍ରାନ୍ତ ରହିବ। ପରକ୍ଷଣରେ ପୂର୍ବାବସ୍ଥା ଫେରିପାଇବା ସକାଶେ ବିଭିନ୍ନ ଯୋଜନା କରିବେ। ଏଣେ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଟୂକ୍ତି ମନରେ ଦୁଃଖଦେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିପାରନ୍ତି।

**କନ୍ୟା**
ଆଜି ଯେମିତି ଚାହିଁବେ ସେମିତି ପାଇବେ। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରିବାରେ ସମର୍ଥ ହେବେ। ହସ୍ତା ନକ୍ଷତ୍ରର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପାରିବାରିକ ସ୍ତରରେ କେତେକ ସମସ୍ୟା ଓ ପ୍ରତିବନ୍ଧକ ଦେଖାଦେଇପାରେ, ମାତ୍ର ବିଶେଷ କିଛି ଅସୁବିଧା ହେବ ନାହିଁ।

**ତୁଳା**
ସମସ୍ତ ସୁବିଧା ଥାଇ ମଧ୍ୟ ଆଶା କରୁଥିବା କାମ ନ ହେବାରୁ ମନରେ ସରସତା ରହିବ ନାହିଁ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ, ଯାହାକି ଆପଣଙ୍କୁ ଧର୍ମସଂକଟରେ ପକାଇପାରେ। ସ୍ୱାତୀ ନକ୍ଷତ୍ର ସକାଶେ ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢ଼ିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହନ୍ତୁ।

**ବିଛା**
ଅନୁରାଧା ନକ୍ଷତ୍ର ମନ କଥା ମନରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟ ହେବେ। ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ବେଶି ତକ୍‌ଲିଫ ହେବାକୁ ପଡ଼ିବ। ଆଜି ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିରେ ଦେଖିବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା ଅବ୍ୟାହତ ରଖିବା ଭଲ।

**ଧନୁ**
ଆଜି ପରିବାର ଭିତରେ ମତପାର୍ଥକ୍ୟ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସାମାଜିକ କ୍ଷେତ୍ରରେ ପଡ଼ୋଶୀମାନେ ନିଜ ସ୍ୱାର୍ଥ ସାଧନ ଆଶାରେ ଭୂରିଭୂରି ପ୍ରଶଂସା କରିବେ। ପୂର୍ବାଷାଢ଼ା ନକ୍ଷତ୍ରର ଶାରୀରିକ ଅସୁସ୍ଥତା ଚିନ୍ତାର ମୁଖ୍ୟ କାରଣ ହୋଇପାରେ।

**ମକର**
ବୁଝାମଣା ମାଧ୍ୟମରେ ସମସ୍ୟାର ସରଳ ସମାଧାନ ଚେଷ୍ଟା କଲେ ଉପକୃତ ହେବେ। ଅଫିସରେ କଥା କଟାକଟି ହେତୁ ସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରର ଅଶାନ୍ତ ମନ ଆଜି ଘରୋଇ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଧନିଷ୍ଠା ନକ୍ଷତ୍ରର ଦୀର୍ଘ ଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**କୁମ୍ଭ**
ଆଜି ଶତଭିଷା ନକ୍ଷତ୍ର ସକାଶେ ଆର୍ଥିକ ଅଭାବ ହିଁ ସମସ୍ୟାର ମୂଳ କାରଣ ହେବ। ସମସ୍ୟା ଆସିଲେ ମଧ୍ୟ ଆପଣ ଦୃଢ଼ ମନୋବଳ ଯୋଗୁଁ ବହୁ ବିପଦରୁ ରକ୍ଷା ପାଇବେ। ମିତ୍ରମାନେ ଆଗରେ ନ କହିଲେ ବି ପରୋକ୍ଷରେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି।

**ମୀନ**
ଆଜି ଆଲୋଚନା ପରିସରରେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଅବ୍ୟାହତ ରହିବ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଆଜି ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

ଆଜି ଚୈତ୍ର ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ମୃଣ୍ମୟୀଦେବୀଙ୍କ ବାସନ୍ତିକ ନବରାତ୍ର ଆରମ୍ଭ, ମାସାନ୍ତ, ଚୈତ୍ର ମଙ୍ଗଳବାର ଓଷା ତୃତୀୟପାଳି, ଏପ୍ରିଲ ୧୩ ତାରିଖ, ଜାଲିଆନାୱାଲାବାଗ ଦିବସ, ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ, ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୦୩ ଗତେ ଘ.୧୦।୩୨ ମଧ୍ୟେ, ଘ.୦୧।୦୨ ଗତେ ଘ.୦୨।୪୧ ମଧ୍ୟେ, ଘ.୦୩।୩୧ ଗତେ ଘ.୦୫।୧୦ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨।୫୩ ଗତେ ଘ.୦୪।୨୭ ମଧ୍ୟେ ରାହୁକାଳ।

## ପୋଖରୀରେ ବୁଡି ବାଳିକା ମୃତ

ରାଜନଗର, (ଡି.ଏନ.ଏ.): ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶ ମୂଳଗାଁର ଗୁରୁଚରଣ ସାହୁଙ୍କ ୧୦ ବର୍ଷର ଝିଅ ପ୍ରୀତିପ୍ରଭା ସୋମବାର ସକାଳେ ଘର ବାହାରକୁ ଶୌଚ ହେବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଘର ନିକଟରେ ଥିବା ପୋଖରୀରେ ପ୍ରୀତିପ୍ରଭା ଭାସୁଥିବା ଲୋକେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିକାଶ ଦେଖିବ ଫଲ୍ସ ପଏଣ୍ଟ ବତିଘର

କେନ୍ଦ୍ରାପଡା ଅଫିସ, ୧୨।୪




- ରାଜ୍ୟର ୫ ବତିଘର ସାମିଲ
- ୧୮୪ ବର୍ଷ ଧରି ଦେଖାଉଛି ଆଲୋକ
- ୧୨୫ ଫୁଟ ଉଚ୍ଚତା ପାଇଁ ଲାଗିଛି ବାରବାଟୀ ଦୁର୍ଗ ପଥର
- ଯୋଗାଯୋଗକୁ ବିଚ୍ଛିନ୍ନ କରୁଛି ଖରିନାସୀ ସେତୁ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଫଲ୍ସ ପଏଣ୍ଟର ବତିଘର ଏବେ ବିକାଶ ଦେଖିବ। ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ଦର୍ଶକ ଗ୍ୟାଲେରୀ, ଜେଟି ନିର୍ମାଣ, ବିଶ୍ରାମ ଓ ଯାତ୍ରୀ ନିବାସ ସହ ସ୍ଥାନୀୟ ଲୋକ ସଂସ୍କୃତିକୁ ନେଇ ବଜାର ସୃଷ୍ଟି ହେବ। ସମସ୍ତ ସ୍ଥାନରେ ସୌର ବିଦ୍ୟୁତ୍ କାର୍ଯ୍ୟକାରୀ ହେବ। ବତିଘରର ବିକାଶ ପିପିପି ମୋଡରେ ହେବ ବୋଲି କେନ୍ଦ୍ର ସରକାରଙ୍କ ବେସାମରିକ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ନିକଟରେ ଏକ ପ୍ରସ୍ତାବ ଆସିଛି। ଓଡ଼ିଶାର ପାରାଦୀପ, ଗୋପାଳପୁର, ଚନ୍ଦ୍ରଭାଗା, ପୁରୀ ଓ ଫଲ୍ସ ପଏଣ୍ଟ ବତୀଘର ସହିତ ଦେଶର ୬୫ଟି ବତିଘର ସାଗରମାଳା ଯୋଜନାରେ ବିକଶିତ ହେବ ବୋଲି ଏଥିରେ ସୂଚନା ମିଳିଛି। ତେବେ ଫଲସ ପଏଣ୍ଟ ବତିଘରକୁ ଛାଡି ଓଡ଼ିଶାର ଅନ୍ୟ ୪ ବତୀଘରକୁ ଯୋଗାଯୋଗ ରାସ୍ତା ସହ ପର୍ଯ୍ୟଟନ ପାଇଁ କ୍ଷେତ୍ର ଅଛି। ଏଥିପାଇଁ ପ୍ରତିବର୍ଷ ସେହିସ୍ଥାନକୁ ପର୍ଯ୍ୟଟକଙ୍କ ଗସ୍ତ ଦ୍ରୁତଗତିରେ ବଢୁଥିବା ବେଳେ ଫଲ୍ସ ପଏଣ୍ଟ ବତୀଘର ପାଇଁ ଖରିନାସୀ ସେତୁ ବାଧକ ସାଜିଛି। ଅପରପକ୍ଷରେ ବିକଶିତ ଫଲ୍ସ ପଏଣ୍ଟ ବତୀଘରଠାରେ ହେନ୍ତାଳ ବଣ, ଲୁଣା କୁମ୍ଭୀର, ସାମୁଦ୍ରିକ ଓ ବନ୍ୟ ଜୀବଙ୍କ ସମାହାର ଦେଖିବାକୁ ମିଳିବ। ସଦର ମହକୁମାଠାରୁ ମାତ୍ର ୪୫ କିମି ଦୂର ଖରିନାସୀ ନଦୀ କୂଳରେ ଏହି ବତୀଘର ଅଛି। ଭାରତର ପୂର୍ବତଟରେ ପ୍ରଥମ ଥର ପାଇଁ ଏହି ବତୀଘର ୧୮୧୯ରେ ନିର୍ମାଣ ଆରମ୍ଭ ହୋଇ ୧୮୨୬ରେ ଶେଷ ହୋଇଥିଲା। ତେବେ କେତେକ କାରଣରୁ ଭାଙ୍ଗି ଯିବାରୁ ଏହାର ପୁନଃ ନିର୍ମାଣ ୧୯୩୬ରେ ହୋଇଥିଲା। ୧୮୩୬ ଅକ୍ଟୋବର ୧୬ରେ ପେଟ୍ରୋଲିୟମ ଗ୍ୟାସ ଦ୍ୱାରା ଆଲୋକିତ ହୋଇଥିଲା। ୧୮୮୦ରେ ବେଙ୍ଗଲର ଲ୍ୟୁଟନାଣ୍ଟ ଗଭର୍ନର ସାର ଆସଲେ ଇଡେନ ନୂଆ ଲାଇଟ ଡିଓପିଟ୍ରିଆକୁ ଉଦ୍‌ଘାଟନ କରିଥିଲେ। ବିଗତ ଦଶନ୍ଧିଗୁଡିକରେ ଏଠାରେ ଜେନେରେଟର ମାଧ୍ୟମରେ ଆଲୋକ ବ୍ୟବହାର ହେଉଥିବା ବେଳେ ଏବେ ସେହି ସ୍ଥାନରେ ବିଦ୍ୟୁତ୍ ବ୍ୟବସ୍ଥା ହୋଇଛି। ପ୍ରାୟ ୧୨୫ ମିଟର ଉଚ୍ଚତା ବିଶିଷ୍ଟ ଏହି ବତୀଘର ନିର୍ମାଣରେ କଟକସ୍ଥିତ ବାରବାଟୀ ଦୁର୍ଗର ପଥର ଲାଗିଛି। ଏହି ବତିଘର ପରିସରରେ କେତେକ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ପଥର ନିର୍ମିତ ପୁରାତନ କବର ଓ କୂଅ ଅଛି। ହେନ୍ତାଳବଣ ପରିବେଷ୍ଟିତ ଏହି ବତିଘର କେନ୍ଦ୍ରାପଡ଼ା ଜିଲାରେ ଏକ ଦ୍ୱୀପ ପରି ଚାରିପଟେ ଜଳ ଘେରି ରହିଛି। ମୃତ୍ତିକା ଓ ତଟକ୍ଷୟ ଏହି ସ୍ଥାନକୁ ସଂକୁଚିତ କରୁଥିବା ବେଳେ ପ୍ରଶାସନର ଅଣଦେଖାରୁ ଏଠାରେ ଏବେ ଅନୁପ୍ରବେଶକାରୀ ଓ ଚିଙ୍ଗୁଡି ଘେରି ସଂଖ୍ୟା ବଢ଼ିଛି। ସ୍ଥାନଟି ବିକଶିତ ହେଲେ ପର୍ଯ୍ୟଟନ ଶିଳ୍ପରୁ ଜିଲାବାସୀ ଫାଇଦା ସହ ଆତ୍ମନିଯୁକ୍ତି ମିଳିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ୯ କିନ୍ନରଙ୍କୁ ମିଳିଲା ଭତ୍ତା



ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କିନ୍ନରମାନଙ୍କୁ ଭତ୍ତା ଦିଆଯାଉଛି।

ଜଗତ୍‌ସିଂହପୁର ଅଫିସ, ୧୨।୪

କିନ୍ନରମାନଙ୍କୁ ସାମାଜିକ ନ୍ୟାୟ ଦେବା ସହ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ସ୍ୱୀକୃତି ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ମୁତାବକ ଜଗତ୍‌ସିଂହପୁର ଜିଲାରୁ ୫୭ ଜଣ କିନ୍ନର ଚିହ୍ନଟ କରାଯାଇ ଭତ୍ତା ଦେବାକୁ ସ୍ଥିର କରାଯାଇଛି। ସୋମବାର ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ) ଡ. ଶମ୍ଭୁନାଥ ରାଉତ ହିତାଧିକାରୀଙ୍କୁ ପରିଚୟପତ୍ର ସହ ୫୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସମସ୍ତ ହିତାଧିକାରୀଙ୍କୁ ମିଠା ଖୁଆଇଥିଲେ। କିନ୍ନର ସମାଜର ରାଜ୍ୟସ୍ତରୀୟ ନେତ୍ରୀ ମୀରା ପରିଡ଼ା କିଛି ଦିନ ପୂର୍ବରୁ ଜଗତ୍‌ସିଂହପୁର ଗସ୍ତ କରିଥିଲେ। ଏହି ସମୟରେ ସେ କିନ୍ନରମାନଙ୍କୁ ମିଳିବାକୁ ଥିବା ଭତ୍ତା ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ କିନ୍ନରଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବ ବୋଲି ସେତେବେଳେ ଡିଏସ୍‌ଏସ୍‌ଓ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

କୁଜଙ୍ଗ,୧୨।୪(ଡି.ଏନ୍.ଏ.) : କୁଜଙ୍ଗ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିନିଆଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ବାପା ଶନିବାର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୨୫/୨୧) ରୁଜୁ ହୋଇଥିଲା। ରବିବାର ରାତିରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଛି। ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ହେଲେ କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ଅନ୍ତର୍ଗତ କିଆରବାଙ୍କ ଗ୍ରାମର କାଳିଆ ମଲ୍ଲିକ (୨୨)। କୌଣସି ସୂତ୍ରରୁ ଖବରପାଇ କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ ସଦଳବଳ ଅଭିଯୁକ୍ତଙ୍କ ଗ୍ରାମରେ ଚଢ଼ାଉ କରିଥିଲେ। ମଙ୍ଗଳବାର କାଳିଆଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସବ୍‌ଇନ୍ସପେକ୍ଟର ସୁବ୍ରଜିତ ଦାସ କହିଛନ୍ତି।

### ୩ ବଖରା ଜଳିଗଲା

କୁଜଙ୍ଗ,୧୨।୪ (ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ପାଟପୁର ପଞ୍ଚାୟତ ଅନ୍ତର୍ଗତ ବଉଳାଙ୍ଗ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅଭୟ ମହାନ୍ତିଙ୍କ ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ନିଆଁରେ ଘରର ସମସ୍ତ ଆସବାବପତ୍ର ସମେତ ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଖବରପାଇ କୁଜଙ୍ଗ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଭୟ ଜଣେ ଗରିବ ଓ ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଫେରାର ଦୁଇ ଅଭିଯୁକ୍ତ ଗିରଫ

ମହାକାଳପଡ଼ା,୧୨।୪(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ଅଞ୍ଚଳରେ ଦୁଇବର୍ଷ ପୂର୍ବେ ଏକ ବଳାତ୍କାର ମାମଲାରେ ୩ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ମାମଲାରେ ଅନ୍ୟ ଦୁଇଜଣ ଫେରାର ହୋଇ ଗୁଜରାଟରେ ଶ୍ରମିକ ଭାବେ କାମ କରୁଥିଲେ। ଗୁଜରାଟ ସୁରଟରେ କରୋନା ଯୋଗୁ ଏହି ଦୁଇ ଯୁବକ ରାମନଗର ଅଞ୍ଚଳର ଘରକୁ ଫେରିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ସୋମବାର ସେମାନଙ୍କୁ ଗିରଫ କରିଛି। ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ଗିରଫ ୨ଜଣ ହେଲେ ଉମେଶ ମଣ୍ଡଳ(୩୮) ଓ ରଞ୍ଜିତ ମଣ୍ଡଳ(୩୭) ବୋଲି ସୂଚନା ମିଳିଛି। ଏମାନଙ୍କ ନାଁରେ ନଂ. ୧୨୧/୧୯ରେ ମାମଲା ରୁଜୁ ହୋଇଥିଲା।

### ଘରୁ ସୁନା, ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ରାଜନଗର, ୧୨।୪(ଡି.ଏନ.ଏ.): ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ନୂଆଗାଁର ଦୋଳ ଗୋବିନ୍ଦ ରାଉତଙ୍କ ଘରେ ରବିବାର ରାତିରେ ଦୁର୍ବୃତ୍ତମାନେ ପଶି ସୁନା ଓ ଟଙ୍କା ଲୁଟି ନେଇଛନ୍ତି। ଦୋଳ ଗୋବିନ୍ଦଙ୍କ ଅଭିଯୋଗ ମୁତାବକ, ରାତିରେ କେହି ଦୁର୍ବୃତ୍ତ ଛାତ ଉପରେ ଚଢି ଶିଡି ଘରର କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଘରର କବାଟ ତାଡି ଗୋଟିଏ ସୁନାମୁଦି, ଗୋଟିଏ ସୁନାଚେନ ସହ ୫ହଜାର ଟଙ୍କା ଲୁଟି ନେଇଛନ୍ତି। ଘର ଭିତରୁ ଦୁର୍ବୃତ୍ତ ଦୁଇଟି ବାକ୍ସକୁ ଟେକି ନେଇ ପୋଖରୀ ହୁଡାରେ ପକାଇ ଚାଲି ଯାଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ଟିଭି ଜବତ, ଜଣେ ଗିରଫ

ପାଟକୁରା, ୧୨।୪(ଡି.ଏନ.ଏ.): ପାଟକୁରା ଥାନା ପରିସରରେ କେନ୍ଦ୍ରାପଡ଼ାର ଅତିରିକ୍ତ ଏସ୍‌ପି ଗାଗରିନ ମହାନ୍ତି ସୋମବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ପାଟକୁରା ମାଣ୍ଡିଆ ଅଙ୍ଗନୱାଡି କେନ୍ଦ୍ର ଓ ମହମୁଦା ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ଯାଇଥିବା ଏଲଇଡି ଟିଭି, ଉଚ୍ଚତା ମାପ ଯନ୍ତ୍ର, ଇନଭର୍ଟର, ଆକୁଆଗାର୍ଡକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବିକ୍ରମ ଦାସଙ୍କୁ ଆଇଆଇସି ସୁଜିତ ପ୍ରଧାନ ଗିରଫ କରିଥିଲେ। ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏଏସପି ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ହରିଦାସପୁର ଗାଁର ସୁକାନ୍ତ ମହାପାତ୍ରଙ୍କ ଦୋକାନରୁ ହୋଇଥିବା ଚୋରିରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସୂଚନା ଦେଇଥିଲେ।

# ଭାଜପାକୁ ସବୁବେଳେ ସମର୍ଥନ ଦେଇଆସୁଛି ବିଜେଡି: ଅଠାୱାଲେ

ଭୁବନେଶ୍ୱର,୧୨।୪(ବ୍ୟୁରୋ)



ଭୁବନେଶ୍ୱର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେ, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଓ ଅନ୍ୟମାନେ।

ବିଜେଡି ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାରକୁ ପୂର୍ଣ୍ଣ ସମର୍ଥନ ଦେଇଆସୁଛି। ରାଜ୍ୟ ସଭା ଏବଂ ଲୋକ ସଭାରେ ଏନ୍‌ଡିଏ ସରକାର ଆଣୁଥିବା ବିଲ୍‌କୁ ବିଜେଡି ସବୁବେଳେ ସମର୍ଥନ କରୁଛି। ବିଜେଡି ଯଦି ଏନ୍‌ଡିଏ ସହ ଆସେ ରାଜ୍ୟକୁ ଆହୁରି ଫାଇଦା ମିଳିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଠାୱାଲେ କହିଛନ୍ତି, କୃଷକମାନଙ୍କ ଆନ୍ଦୋଳନକରୁ ନେଇ ଅକାଳୀ ଦଳ ଏନ୍‌ଡିଏଠାରୁ ସମର୍ଥନ ଫେରାଇ ନେଇଛି। ସେହିପରି ପୁରୁଣା ସହଯୋଗୀ ଶିବସେନା ମଧ୍ୟ କଂଗ୍ରେସ ଓ ଏନ୍‌ସିପି ସହ ମିଶି ମହାରାଷ୍ଟ୍ରରେ ସରକାର କରିବା ପରେ ଏନ୍‌ଡିଏଠାରୁ ଦୂରେଇ ଯାଇସାରିଛି। ତେଣୁ ବିଜେଡି ଯଦି ଏନ୍‌ଡିଏ ସହ ମିଶିଯାଏ ଭଲ ହେବ ଏବଂ ଏହା ତାଙ୍କ ବ୍ୟକ୍ତିଗତ ମତ ବୋଲି ଅଠାୱାଲେ କହିଛନ୍ତି।

ଅଠାୱାଲେ ଆହୁରି କହିଛନ୍ତି, କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଟିକା ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟ ମଧ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସମସ୍ତ ବ୍ୟକ୍ତି ଅଧିକ ସଂଖ୍ୟାରେ ନିଜର ନିକଟସ୍ଥ ଟିକାଦାନ କେନ୍ଦ୍ରରେ କୋଭିଡ୍ ଟିକା ଗ୍ରହଣ କରିବା ଲାଗି ସେ ନିବେଦନ କରିଛନ୍ତି। ପୂର୍ବରୁ ସତର୍କତା ଓ ସମୟୋଚିତ ପଦକ୍ଷେପ କାରଣରୁ ଆମେ କରୋନା ମହାମାରୀ ବିରୋଧରେ ବିଜୟ ହାସଲ କରିପାରିଥିଲେ। ମାତ୍ର ବର୍ତ୍ତମାନ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। କରୋନା ମହାମାରୀ ସତ୍ତ୍ୱେ ଦେଶର ବିକାଶଧାରା ଜାରି ରଖିବା ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରୁଛନ୍ତି। ଏହି ଅବସରରେ ଅଠାୱାଲେ ବିଭିନ୍ନ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି, ୨୦୧୪ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ସାରା ଦେଶରେ ୪୨ କୋଟି ୨୦ ଲକ୍ଷ ୬ ହଜାର ଆକାଉଣ୍ଟ ଖୋଲାଯାଇଥିବା ବେଳେ ସେଥିରେ ବର୍ତ୍ତମାନ ୧,୪୦,୫୫୦.୮୦ କୋଟି ଟଙ୍କା ରହିଛି। ସେହିପରି ଏହି ସମୟରେ ଉକ୍ତ ଯୋଜନାରେ ଓଡ଼ିଶାରେ ୧ କୋଟି ୭୩ ଲକ୍ଷ ୧୭ ହଜାର ଆକାଉଣ୍ଟ ଖୋଲାଯାଇଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ହିସାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆୟୁଷ୍ମାନ ଭାରତ ମାଧ୍ୟମରେ ସାରା ଦେଶରେ ୧ କୋଟି ୭୬ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଲାଭାନ୍ୱିତ ହୋଇଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହି ଯୋଜନା ଲାଗୁ କରନ୍ତୁ। ଏହାଦ୍ୱାରା ବହୁ ଗରିବ ଲୋକ ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ରାଜ୍ୟ କର୍ମଚାରୀଙ୍କୁ ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ସଂରକ୍ଷଣ ନେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଦେଶର ଦଳିତ, ବଞ୍ଚିତ, ପଛୁଆ ବର୍ଗ, ସଂଖ୍ୟାଲଘୁ ତଥା ସମସ୍ତ ବର୍ଗର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗତ ୬ ବର୍ଷରେ ଦେଶର ବିକାଶଧାରାରେ ପ୍ରତିଫଳିତ ହେଉଛି ବୋଲି ଅଠାୱାଲେ କହିଛନ୍ତି।

# ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ

କେନ୍ଦ୍ରାପଡା ଅଫିସ, ୧୨।୪

## ହାଇଦର ଫେରାର ଘଟଣା

ଗ୍ୟାଙ୍ଗଷ୍ଟର ସେକ୍ ହାଇଦର ନିଖୋଜ ଘଟଣା ରାଜ୍ୟ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। କଟକ ବଡ ମେଡିକାଲରୁ ଫେରାର ଘଟଣାରେ ପରିବାର ଓ ସହଯୋଗୀଙ୍କ ହାତ ଥିବା ନେଇ ଗାର୍ଡ ଥିବା କନଷ୍ଟେବଳ ମୌସିମ ଥାନାରେ ଅଭିଯୋଗପତ୍ର ପ୍ରଦାନ ପରେ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ରାଜ୍ୟ ପୋଲିସର ନିର୍ଦ୍ଦେଶକ୍ରମେ ଜିଲା ପୋଲିସ ପକ୍ଷରୁ ସହରର ରଣପଡାସ୍ଥିତ ଘର, ଝିଅ ଜ୍ୱାଇଁଙ୍କ ଘର, ଦୋବନ୍ଧାରେ ଥିବା ଦ୍ୱିତୀୟ ସ୍ତ୍ରୀଙ୍କ ଘର ସମେତ କଜଳା, ସାନଝରିଆ ଓ ଆଳି ପ୍ରଭୃତି ଅଞ୍ଚଳରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ଉପରେ ଚଢ଼ାଉ କରି ଖାନତଲାସ କରିଛି। ତେବେ ହାଇଦରଙ୍କ ଫେରାର ସମ୍ପର୍କରେ କୌଣସି ସୁରାକ ମିଳି ନ ଥିବା ସୂଚନା ମିଳିଛି। ହାଇଦରଙ୍କ ସ୍ତ୍ରୀ ହସିନା ବିବିଙ୍କ କହିବା ଅନୁଯାୟୀ, ହାଇଦର ସମ୍ପୂର୍ଣ୍ଣ ଅସୁସ୍ଥ ଥିଲେ। ତାଙ୍କର କିଡ୍‌ନୀ ସହ ହୃଦ୍‌ରୋଗ ସମସ୍ୟା ଅଛି। ଏଥିସହ ତାଙ୍କ ଗୋଡରେ ଏବେ ବି ପୋଲିସ ଗୁଳି ଥିବାରୁ ଠିକରେ ଚାଲି ପାରୁ ନ ଥିଲେ। ଏପରିସ୍ଥିତିରେ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଥିବା ହାଇଦରଙ୍କ ଫେରାର ହେବା ସମ୍ଭବ ନୁହେଁ। ବରଂ କେହି ତାଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ଫେରାର କରିଛି। ରାଜ୍ୟ ପୋଲିସ ଖୋଜି ବାହାର କରିପାରିବେ ବୋଲି ସେ ଭରସା ରଖିଥିବା କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ଆନ୍ତଃରାଜ୍ୟ ଗ୍ୟାଙ୍ଗର ହାତ ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ପ୍ରତିଶ୍ରୁତି ପୂରଣ ନ ହେବାରୁ ରାସ୍ତାରୋକୋ



ବାଲିକୁଦା ବସଷ୍ଟାଣ୍ଡରେ ଯୁବଗୋଷ୍ଠୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

ବାଲିକୁଦା,୧୨।୪(ସ୍ୱ.ପ୍ର.)

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି

ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଡାକ୍ତରୀ ପଦବୀ ଖାଲିପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦବୀ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଡାକ୍ତର ନାହାନ୍ତି। ଏସବୁ ପଦବୀ ପୂରଣ ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ଯୁବଗୋଷ୍ଠୀ ସୋମବାର ବାଲିକୁଦା ବସ୍‌ଷ୍ଟାଣ୍ଡରେ ରାସ୍ତାରୋକୋ କରିଥିଲେ। ମହିଳାମାନେ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ବାଲିକୁଦା ବ୍ୟବସାୟୀମାନେ ମଧ୍ୟ ସ୍ୱତଃ ପ୍ରବୃତ୍ତ ଭାବେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖି ଆନ୍ଦୋଳନକୁ ସମର୍ଥନ କରିଥିଲେ। ସକାଳ ୯ଟାଠାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ରାସ୍ତାରୋକୋ କରି ଧାରଣା ଦେଇଥିଲେ। ଫଳରେ ମାଛଗାଁ-କଟକ ମୁଖ୍ୟ ରାସ୍ତାର ଯାତାୟାତ ବନ୍ଦ ହୋଇଯାଇଥିଲା। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ୯ ମାର୍ଚ୍ଚରେ ଅନୁରୂପ ଦାବି କରି ଲୋକେ ରାସ୍ତାରୋକୋ କରିଥିଲେ। ସେତେବେଳେ ମାସକ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ୨ ଦିନିଆ ଡେପୁଟେଶନରେ ଆସିଥିବା ଡାକ୍ତରଙ୍କୁ ୩ ଦିନ ପାଇଁ ସପ୍ତାହରେ ରଖି ସେବା ଯୋଗାଇ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଥିଲା। ମାତ୍ର କୌଣସି ପ୍ରତିଶ୍ରୁତି ପୂରଣ ନ ହେବାରୁ ସ୍ଥାନୀୟ ଲୋକେ ପୁନର୍ବାର ରାସ୍ତାରୋକୋ କରିଛନ୍ତି ବୋଲି କହିଛନ୍ତି। ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ରାଉତ, ଏସଡିପିଓ ପ୍ରିୟରଞ୍ଜନ ଶତପଥୀ, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ, ଥାନା ଅଧିକାରୀ ସର୍ବେଶ୍ୱର ବେହେରା ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ଜୁନ ସୁଦ୍ଧା ଡାକ୍ତର ପଦବୀ ପୂରଣ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# 'ସବର୍ଣ୍ଣ, ଦଳିତ, ଅନ୍ୟମାନେ ଏକାଠି ହୁଅନ୍ତୁ'

ଜଗତ୍‌ସିଂହପୁର ଅଫିସ, ୧୨।୪

## ଆର୍‌ପିଆଇର ସାଧାରଣ ସଭା

ଜଗତ୍‌ସିଂହପୁର ଜିଲାରେ ୨୦ରୁ ୨୫ ପ୍ରତିଶତ ଅନୁସୂଚିତ ଜାତି ବର୍ଗର ଲୋକ ବାସ କରନ୍ତି। ତଥାପି ସେମାନଙ୍କ ପ୍ରତି ଅନ୍ୟାୟ ହେଉଛି। ବାବା ସାହେବ ଆମ୍ବେଡକର ସମ୍ବିଧାନ ପ୍ରଣୟନ କରି ଦଳିତ, ଆଦିବାସୀଙ୍କୁ ଅଧିକାର ଦେଇଛନ୍ତି। ତେଣୁ ଦଳିତ ଓ ସବର୍ଣ୍ଣଙ୍କ ମଧ୍ୟରେ ଦୂରତ୍ୱ କମିବା ଆବଶ୍ୟକ। ସେମାନଙ୍କୁ ଏକାଠି କରିବା ମୋର ଉଦ୍ଦେଶ୍ୟ। ସୋମବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ (ଆର୍‌ପିଆଇ) ସାଧାରଣସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାମାଜିକ ନ୍ୟାୟ ଓ ଅଧିକାର ମନ୍ତ୍ରଣାଳୟ ରାଜ୍ୟମନ୍ତ୍ରୀ ରାମଦାଶ ଅଠାୱାଲେ ଏହା କହିଛନ୍ତି। ସେ କହିଥିଲେ, କେନ୍ଦ୍ର ସରକାର ଦଳିତ, ଆଦିବାସୀ ସହ ସମସ୍ତ ବର୍ଗର ଲୋକଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି। ୨୦୨୧-୨୨ରେ ସାମାଜିକ ନ୍ୟାୟ ଓ ଅଧିକାର ମନ୍ତ୍ରଣାଳୟର ବଜେଟ୍ ୧,୨୬,୨୩୯ କୋଟି ଟଙ୍କା ହୋଇଛି। ସେଥିରୁ ଅନୁସୂଚିତ ଜନଜାତିଙ୍କ ପାଇଁ ୮୬ ହଜାର କୋଟି ଟଙ୍କା ରଖାଯାଇଛି। ଅନୁସୂଚିତ ଜନଜାତି, ଜାତିଙ୍କୁ ନ୍ୟାୟ ଦେବାକୁ ଆର୍‌ପିଆଇ କାମ କରୁଛି। ଓଡ଼ିଶାରେ ପାର୍ଟିକୁ ମଜଭୁତ କରିବାକୁ ଯୋଜନା କରାଯାଇଛି। ପାର୍ଟି କେବଳ ଦଳିତ ନୁହେଁ, ସବର୍ଣ୍ଣଙ୍କ ପାଇଁ ମଧ୍ୟ ଚିନ୍ତା କରୁଛି। ଏଥିପାଇଁ ସଭିଏଁ ଏକାଠି ହେବାକୁ ଅଠାୱାଲେ ଆହ୍ୱାନ ଦେଇଥିଲେ। ସଭାରେ ପାର୍ଟିର ରାଜ୍ୟ ସଭାପତି ସେକ୍ ଅବଦୁଲ ବାଲିଙ୍କ ସମେତ ଦଳିତ ନେତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭୂମିହୀନ ଦଳିତ ପରିବାର ପିଛା ରାଜ୍ୟ ସରକାର ୫ ଏକର ଜମି ଦେବା ସହ ଅନ୍ୟ ଦାବିପୂରଣ ଉପରେ ଆଲୋଚନା ହୋଇଥିଲା।

DADLS-01




## ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ

ତା.୧୩.୦୪.୨୦୨୧

ସକାଳ ୮ ଘଟିକା : ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି - **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଡ. ଲେନିନ୍ ମହାନ୍ତି**, ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

*ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ।*

*ଆୟୋଜକ :*
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ।
ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ।
Zoom Link : https://us02web.zoom.us/j/87105986093

> ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ

# ଗୋଡ଼ାଣିଆ ଇସି

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଇତିହାସ ଦେଖିଲେ ହିଂସା ବହୁ ବର୍ଷ ଧରି ସେଠାକାର ରାଜନୀତିର ଏକ ଅଂଶ ହୋଇ ରହିଆସିଛି। କିନ୍ତୁ ୨୦୨୧ ବିଧାନସଭା ନିର୍ବାଚନରେ ଯେଭଳି କାଣ୍ଡ ଘଟୁଛି ତାହା ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ କଳୁଷିତ କରିଦେଲାଣି। ଚତୁର୍ଥ ପର୍ଯ୍ୟାୟ ମତଦାନ ବେଳେ ୫ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ସେଥିରୁ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଗୁଳିରେ ୪ ଜଣ ପ୍ରାଣ ହରାଇଛନ୍ତି ଏବଂ ରାଜନୈତିକ ହିଂସାକାଣ୍ଡରେ ଜଣଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରୀୟ ବାହିନୀ ପକ୍ଷରୁ ସଫେଇ ଦିଆଯାଇଛି ଯେ, ସ୍ଥାନୀୟ ଲୋକ ସେମାନଙ୍କଠାରୁ ବନ୍ଧୁକ ଛଡ଼ାଇବା ପାଇଁ ଉଦ୍ୟମ କରିବାରୁ ଆତ୍ମରକ୍ଷା ଲାଗି ଗୁଳି ଚଳାଇବାକୁ ପଡ଼ିଲା। ଅନ୍ୟପକ୍ଷରେ ଭାଜପା ଜାଣିଶୁଣି ତାଙ୍କ ସମର୍ଥକଙ୍କୁ ଦବାଇ ଦେବା ସକାଶେ ଏଭଳି ଭୟଙ୍କର ସ୍ଥିତି ସୃଷ୍ଟି କରିଛି ବୋଲି ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଏହା ମଧ୍ୟ ଶୁଣିବାକୁ ମିଳିଛି ଯେ, ମମତା କେନ୍ଦ୍ରୀୟ ବାହିନୀକୁ ଘେରାଉ କରିବା ପାଇଁ ପୂର୍ବରୁ କାଳେ ଡାକରା ଦେଇଥିଲେ।

ଉପରଲିଖିତ ଘଟଣାକ୍ରମ ଦେଖିଲେ ଭାଜପା ଓ ତୃଣମୂଳ କଂଗ୍ରେସ ବିବାଦ ୨୦୧୯ ସାଧାରଣ ନିର୍ବାଚନଠାରୁ ଅଧିକ ଘନୀଭୂତ ହୋଇଛି। ତୃଣମୂଳ କଂଗ୍ରେସ ଶାସିତ ପଶ୍ଚିମବଙ୍ଗରେ ପଶି ଭାଜପା ସେହି ସାଧାରଣ ନିର୍ବାଚନରେ ୨୦୧୪ ନିର୍ବାଚନ ତୁଳନାରେ ଅଧିକ ଲୋକ ସଭା ଆସନ ପାଇବାରେ ସକ୍ଷମ ହୋଇଥିଲା। ତେଣୁ ଏହି ବିଧାନସଭା ନିର୍ବାଚନରେ ଅଧିକ ଆସନ ପାଇ ସରକାର ଗଢ଼ିବା ଲକ୍ଷ୍ୟରେ ଭାଜପା ଜୋରଦାର ପ୍ରୟାସ କରୁଛି। ଏହି କାର୍ଯ୍ୟରେ ସହାୟତା କରିବା ଲାଗି ନିର୍ବାଚନ କମିଶନ (ଇସି)କୁ ଖୋଲାଖୋଲି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଇସି ହେଉଛି ଏକ ନିରପେକ୍ଷ ସାମ୍ବିଧାନିକ ସଂସ୍ଥା। ଏହାର ଅନ୍ତର୍ଜାତୀୟ ଖ୍ୟାତି ରହିଥିଲା। ଆଜିର ସ୍ଥିତି ଦେଖିଲେ ଏହା କେନ୍ଦ୍ର ସରକାରଙ୍କ ଗୋଡ଼ାଣିଆ ପାଲଟି ଯାଇଛି। ଏହାର ସଦ୍ୟ ଉଦାହରଣ ହେଉଛି ୧୨ ମାର୍ଚ୍ଚ ରାତି ୮ଟାରୁ ୧୩ ମାର୍ଚ୍ଚ ରାତି ୮ ଯାଏ ମମତା ବାନାର୍ଜୀଙ୍କୁ ଇସି ନିର୍ବାଚନ ପ୍ରଚାରରୁ ବାଦ୍ ଦେଇଦେଇଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ ୨୪ ଘଣ୍ଟା ସକାଶେ ନିର୍ବାଚନ ପ୍ରଚାରରୁ ବାଦ୍ ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଲେ ଯେ, ମମତା ଉସୁକାଇବା ଯୋଗୁ ଗୁଳିଚାଳନା ଘଟିଲା। ତା'ର ଅର୍ଥ ହେଲା କେନ୍ଦ୍ରୀୟ ବାହିନୀ ସଂଯତ ରହିବା ପରିବର୍ତ୍ତେ ପ୍ରତିଶୋଧ ନେଲା। ଏହା ବ୍ୟତୀତ ମମତା କେବଳ ଭାଷଣରେ କେନ୍ଦ୍ରୀୟ ବାହିନୀ ବିରୋଧରେ କହିଥିବା ବେଳେ ରାଜ୍ୟର ମୁଖ୍ୟ ଦଳର ଅଧିନାୟିକା ଭାବେ ତାଙ୍କୁ ୨୪ ଘଣ୍ଟା ପ୍ରଚାରରୁ ବସିବା ପାଇଁ ଦିଆଯିବା ଫଳରେ ଇସି ଗଣତନ୍ତ୍ରର କ୍ଷତି ପହଞ୍ଚାଇଛନ୍ତି ବୋଲି କୁହାଯାଇପାରିବ। ଅନ୍ୟପକ୍ଷରେ ଅମିତ ଶାହା ଶୋଭାଯାତ୍ରାରେ ନିର୍ଦ୍ଧାରିତ ଗାଡ଼ି ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ବ୍ୟବହାର କରୁଥିଲେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସେହିପରି ପଶ୍ଚିମବଙ୍ଗରେ ଜାଣିଶୁଣି ଇସି ୮ ପର୍ଯ୍ୟାୟରେ ମତଦାନ କରିବାର ତାରିଖ ଘୋଷଣା କରିଥିଲେ। ଏପରି କି ଗୋଟିଏ ଜିଲାର ଏକ ପାଖରେ ଭୋଟଗ୍ରହଣ ଚାଲିଥିଲା ବେଳେ ଅପରପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଷଣ ଦେଉଥିବା ଦେଖିବାକୁ ମିଳିଛି। ଏଥିରୁ ଇସିଙ୍କ ସମର୍ଥନ ଭାଜପା ପ୍ରତି ପ୍ରବଳମାତ୍ରାରେ ରହିଥିବା ବୁଝାପଡ଼ିଯାଉଛି। କୁହାଯାଇପାରେ ଯେ, ଗୋଟିଏ ସଂସ୍ଥାରେ ଜଣେ ଭଲ ଲୋକ ରହିଲେ ସେହି ସଂସ୍ଥା ଉଚିତ କାମ କରିଥାଏ। ଯଦି ସେହି ପଦବୀରେ ଗୋଡ଼ାଣିଆ ବ୍ୟକ୍ତି ବସିଯାଉଛନ୍ତି ତାଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ସଂସ୍ଥା ତା'ର ମୌଳିକତା ହରାଇ ଧ୍ୱଂସ ପାଇଯାଉଛି। ଏବେ ଇସିଙ୍କ କ୍ଷେତ୍ରରେ ସେଭଳି ସ୍ଥିତି ଦେଖାଦେଇଛି। ଏଥିସହିତ କେନ୍ଦ୍ରୀୟ ପୋଲିସ ବଳ ମୁତୟନ ହୋଇଥିବା ସ୍ଥାନରେ ଯେଉଁ ନିରପେକ୍ଷତା ଆଶା କରାଯାଇଥାଏ, ତା'ର ବ୍ୟତିକ୍ରମ ସବୁବେଳେ ଦେଖିବାକୁ ମିଳେ। କୌଣସି ରାଜ୍ୟ ବିଧାନସଭା ନିର୍ବାଚନରେ କେନ୍ଦ୍ରୀୟ ପୋଲିସ ମୁତୟନ ହେଲେ ତାହାର ଅଫିସରମାନଙ୍କୁ କେନ୍ଦ୍ରରେ ଶାସନ କରୁଥିବା ଦଳ ନିଜ ସପକ୍ଷରେ ବ୍ୟବହାର କରିଥାଏ। ଅନ୍ୟପଟେ ସେହି କେନ୍ଦ୍ରୀୟ ବାହିନୀ ପାର୍ଲାମେଣ୍ଟ ସାଧାରଣ ନିର୍ବାଚନରେ ମୁତୟନ ହେଲେ ତାହାର କାର୍ଯ୍ୟ ସମ୍ପୂର୍ଣ୍ଣ ଭିନ୍ନ ଅର୍ଥାତ୍ ସେମାନେ କୌଣସି ରାଜନୈତିକ ପ୍ରକ୍ରିୟାରେ ସମ୍ପୃକ୍ତ ହୁଅନ୍ତି ନାହିଁ। ଏଥିରୁ ବୁଝିବାକୁ ହେବ ଯେ ପଶ୍ଚିମବଙ୍ଗ ନିର୍ବାଚନ ପରିଚାଳନାରେ ନିର୍ବାଚନ କମିଶନଙ୍କ ପ୍ରବଳ ଭାବମୂର୍ତ୍ତି କ୍ଷୁଣ୍ଣ ହେବା ସହିତ କେନ୍ଦ୍ରୀୟ ପୋଲିସ ବାହିନୀଗୁଡ଼ିକର ନିରପେକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏହା ଯୋଗୁ ଭବିଷ୍ୟତରେ ଏହିସବୁ ସଂସ୍ଥାର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସୁନିଶ୍ଚିତ।

# ଲେଖାଚୋରି



ଡ. ବାସନ୍ତୀ ମହାନ୍ତି

ଏବେ ଲେଖାଚୋରି ସାରସ୍ୱତ ଜଗତ ପାଇଁ ଅତ୍ୟନ୍ତ ଉଦ୍‌ବେଗଜନକ ପ୍ରସଙ୍ଗ ହୋଇପଡ଼ିଛି। ତା'ର ମଧ୍ୟ କାରଣ ରହିଛି। ବ୍ୟକ୍ତିଟିଏ କଳ ବଳ କୌଶଳ ପ୍ରୟୋଗ କରି ଅର୍ଥ, କ୍ଷମତା ଓ ପଦପଦବୀ ବଳରେ ଲକ୍ଷ୍ମୀଙ୍କର ବରପୁତ୍ର ହୋଇପାରେ, କିନ୍ତୁ ସରସ୍ୱତୀଙ୍କର ବରପୁତ୍ର ହେବା ଏତେ ସହଜ ନୁହେଁ। ସବୁ କଳ ବଳ କୌଶଳ ଏଠି ଫିକା ପଡ଼ିଯାଏ। ଏଥିପାଇଁ ଲୋଡ଼ା ଏକନିଷ୍ଠ ସାଧନା ସହ ବିଭୁଦତ୍ତ ପ୍ରତିଭା। ବିଭୁକୃପା ନ ଥିଲେ କିଛି ସମ୍ଭବ ହୁଏ ନାହିଁ। ମଣିଷ ପାଖରେ ଯାହା ନ ଥାଏ, ତାହା ପାଇବା ପାଇଁ ସେ ବ୍ୟାକୁଳ ହୋଇପଡ଼େ। ଅଷ୍ଟଦୁର୍ଗ ରାଜା ସକଳ ଐଶ୍ୱର୍ଯ୍ୟପ୍ରାପ୍ତ ହୋଇଥିଲେ, କିନ୍ତୁ ତାଙ୍କ ପାଖରେ କବି ପ୍ରତିଭା ନ ଥିଲା। ପ୍ରଚୁର ପାରିତୋଷିକ ଦେଇ ସେ କବିସୂର୍ଯ୍ୟ ବଳଦେବଙ୍କୁ ତାଙ୍କ ନାମରେ କବିତା ଭଣିତା କରିବାକୁ କହିଥିଲେ। କିନ୍ତୁ ସେ ସତ୍ୟ ଲୁଙ୍କାୟିତ ହୋଇ ରହିଲା ନାହିଁ। କାଳବକ୍ଷରେ ଉର୍ଜସ୍ୱଳ ହୋଇ ରହିଲା କବିସୂର୍ଯ୍ୟଙ୍କ କାବ୍ୟକୃତି। ସେହିପରି କାବ୍ୟ-ସୂର୍ଯ୍ୟ ରୂପୀ ରାଧାନାଥ ରାୟ ମଧ୍ୟ ଲେଖାଚୋରି ଦୋଷରେ ଦୋଷଦୃଷ୍ଟ ଥିଲେ। ସେ ଯଦି ତାଙ୍କ କାବ୍ୟ କବିତାର ମୂଳ ଉତ୍ସ ସମ୍ପର୍କରେ ଗୋଟିଏ ଧାଡ଼ିମାତ୍ର ଲେଖିଦେଇ ଥାଆନ୍ତେ, ପରବର୍ତ୍ତୀ କାଳରେ ସେ ଏତେ ଅନୁତପ୍ତ ହୋଇ ନ ଥାଆନ୍ତେ। ଜୀବନର ଶେଷ ଅପରାହ୍ନରେ ସେ ଯେ ଅବସାଦଗ୍ରସ୍ତ ଥିଲେ ତାର ମୁଖ୍ୟ କାରଣଟି ଏଇଠି ଥିଲା।

ଏ ଲେଖାଚୋରି କେବଳ ଆମ ଓଡ଼ିଶାର କଥା ନୁହେଁ କି ଭାରତର କଥା ନୁହେଁ, ସମଗ୍ର ବିଶ୍ୱରେ ଏହା ବୁଦ୍ଧିଜୀବୀମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଇଂଲିଶ୍‌ରେ ଏହାକୁ ଆଉ ଟିକେ ଭଦ୍ର ଭାଷା ପ୍ରୟୋଗ କରି କୁହାଯାଏ ପ୍ଲେଜ୍ୟାରିଜିମ୍। ପ୍ରବୃତ୍ତିଗତ ଦୃଷ୍ଟିରୁ ଏମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଅଧମ ଓ ଅଧମା ଧମ। ଅଧମ ଲେଖକମାନେ ଚତୁରତା ସହ ଅନ୍ୟମାନଙ୍କ ଲେଖାକୁ ସାମାନ୍ୟ ଏପଟସେପଟ କରି ଅଥବା ଉପକ୍ରମ ଓ ଉପସଂହାର ଏବଂ ଶିରୋନାମାକୁ ବଦଳେଇ ପତ୍ର ପତ୍ରିକାକୁ ପଠେଇ ଦେଇଥା'ନ୍ତି। ଅଧମା ଧମ ମାନେ ବହୁଦିନର ଲେଖାକୁ ସାଇତି ରଖିଥା'ନ୍ତି ଓ ସେଗୁଡ଼ିକୁ ଯେମିତିକୁ ସେମିତି ପଠେଇ ଦେଇଥା'ନ୍ତି ପତ୍ର ପତ୍ରିକାଗୁଡ଼ିକୁ। ଜଣେ ପ୍ରକାଶକ ସେଗୁଡ଼ିକୁ ତନଖି କରି ଜାଣିବା ସମ୍ଭବ ନୁହଁ। ପ୍ରକାଶକଟିଏ ଯେ ସମସ୍ତଙ୍କ ଲେଖା ପଢ଼ିଥିବେ, ସେପରି ଆଶା କରିବା ମଧ୍ୟ ବିଡ଼ମ୍ବନା। ସବୁଠାରୁ ବଡ଼କଥା ହେଲା, ଏମାନେ ଜାଣନ୍ତି ନାହିଁ ଯେ, ଲେଖାଚୋରି ଧର୍ତ୍ତବ୍ୟ ଅପରାଧ। ଏଥିପାଇଁ ଦଣ୍ଡବିଧାନ ମଧ୍ୟ ରହିଛି। ଦଣ୍ଡବିଧାନ କଥା ଦୂରେ ଥାଉ, ଜଣେ ସର୍ଜନଶୀଳ ଲେଖକ ଅନ୍ୟର ଲେଖା ଚୋରି କରିବା ବେଳେ ଯଦି ସେମାନଙ୍କ ସ୍ୱାଭିମାନ ସେମାନଙ୍କୁ ବାଧା ଦେଉ ନାହିଁ, ତେବେ ସେମାନେ ଆଦୌ ଲେଖକ ନୁହନ୍ତି ବୋଲି ବିଚାରିବାକୁ ହେବ।

ଲେଖାଚୋରି ଓ ଜଣେ ମହିଳାଙ୍କ ପ୍ରସଙ୍ଗରେ ବିଶିଷ୍ଟ ଚିନ୍ତକ ମନୋଜ ଦାସଙ୍କର କୌଣସି ଏକ ପୁସ୍ତକରୁ ପଢ଼ିଥିବା ତଥ୍ୟଟିଏ ଉପସ୍ଥାପନ କରୁଛି। ଜଣେ ପ୍ରତିଷ୍ଠିତ ଲେଖକଙ୍କର ବହିର ମୂଳ ଓ ଶେଷ କେଇ ପୃଷ୍ଠା ଚିରି ମହିଳା ଜଣକ ଫେଙ୍ଗୁଇନ୍ ସିରିଜ୍‌କୁ ଦେଇଥିଲେ। ବହି ପ୍ରକାଶିତ ହେଲା। ବେଶ୍ ଆଦୃତ ମଧ୍ୟ ହେଲା। ମହିଳା ଜଣକ ସେଇ ଖଣ୍ଡେ ବହିରେ ସେଲିବ୍ରିଟି ପାଲଟିଗଲେ। ହଠାତ୍ ଦିନେ ପ୍ରକାଶକଙ୍କ ପାଖରୁ ଫୋନ୍ କଲ୍ ପାଇ ବେଶ୍ ଉତ୍ସାହିତ ହୋଇଗଲେ। ବୋଧହୁଏ ଆଉ ଖଣ୍ଡେ ବହି ପାଇଁ ପ୍ରକାଶକ ଅନୁରୋଧ କରିଛନ୍ତି। ଖୁସି ମନରେ ପ୍ରକାଶକଙ୍କୁ ଭେଟନ୍ତେ ପ୍ରକାଶକ ତାଙ୍କୁ ମୂଳ ଲେଖକଙ୍କ ବହିଟି ଦେଖାଇ ଦେଇଥିଲେ। ସେଠାରୁ ଫେରିଆସି ସେହିଦିନ ମହିଳା ଜଣକ ଆତ୍ମହତ୍ୟା କରିଦେଇଥିଲେ।

ଏବେ ଫେସ୍‌ବୁକ୍‌ରେ ଜଣେ ବହୁ ପ୍ରତିଷ୍ଠିତ ଲେଖକଙ୍କର ବକ୍ତବ୍ୟଟିଏ ଏ ଲେଖିକାର ଦୃଷ୍ଟିଗୋଚର ହେଲା। ୨୦୧୫ ଏକ ବହୁ ପ୍ରସାରିତ ଖବରକାଗଜରେ ପ୍ରକାଶିତ ସ୍ତମ୍ଭଟିକୁ ଆଉ ଜଣେ ବ୍ୟକ୍ତିଙ୍କ ନାମରେ ଅନ୍ୟ ଜଣେ ବହୁ ପ୍ରସାରିତ ଖବରକାଗଜରେ ପ୍ରକାଶିତ ହୋଇଛି। ମୂଳ ଲେଖକଙ୍କର ଏହି ଲେଖାଟି ତାଙ୍କ ଦ୍ୱାରା ସଂକଳିତ ପୁସ୍ତକଟିରେ ମଧ୍ୟ ରହିଛି ବୋଲି ପୁସ୍ତକଟିର ନାମ ଉଲ୍ଲେଖ କରି ସେ ସ୍ୱୀକାର କରିଥିଲେ। ଯୋଗକୁ ପୁସ୍ତକଟି ଏ ଲେଖିକା ପାଖରେ ଥିଲା। କୌତୂହଳବଶତଃ ଦୁଇଟି ଲେଖା ତୁଳନା କଲାବେଳେ ଜଣାପଡ଼ିଲା, କେବଳ ପ୍ରଥମ ପାରାଗ୍ରାଫ୍‌ର କିଛି ଅଂଶ ଓ ଶେଷ ପାରାଗ୍ରାଫ୍‌ର କିଛି ଅଂଶ ଏବଂ ଶିରୋନାମାଟି ପରିବର୍ତ୍ତନ କରି ପ୍ରବନ୍ଧରେ ଯାହାଅଛି ସବୁ ଅବିକଳ ରହିଛି। ଏହା ଯେ ସୁପରିକଳ୍ପିତ ଭାବରେ କରାଯାଇଛି, ସନ୍ଦେହ ନାହିଁ।

ସମସ୍ତେ ଯେ ସାହିତ୍ୟ କର୍ମ କରିବେ, ସାରସ୍ୱତ ସ୍ୱୀକୃତି ବିନା ସମାଜରେ ସ୍ୱୀକୃତି ମିଳିବ ନାହିଁ, ଯଶପ୍ରାପ୍ତି ପାଇ ତ ସାହିତ୍ୟ ସର୍ଜନା ଯେ ଏକମାତ୍ର ପନ୍ଥା ଏ ଭୁଲ୍ ଧାରଣା ଆମ ମାନସିକତାରେ ପରିବର୍ତ୍ତନ ହେଲେ ଆମର ଦୂରୀଭୂତ ହେଲେ ଏମିତି ଭୁଲହୁଅନ୍ତା ନାହିଁ। ଯଶ ଅର୍ଜନ ପାଇଁ, ସମାଜରେ ଦଶ ଜଣରେ ଜଣେ ବୋଲି ସ୍ୱୀକୃତ ହେବା ପାଇଁ ଆମ ସମ୍ମୁଖରେ ଅନେକ ରାସ୍ତା ଅଛି। ନୀତିନିଷ୍ଠ ହୋଇ ସାଧନା କଲେ ସମାଜରେ ଆମେ ନିଶ୍ଚୟ ଆମର ପରିଚୟ ସୃଷ୍ଟି କରିପାରିବା। ସର୍ଜନ କର୍ମ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସର୍ଜନଶୀଳ ପ୍ରତିଭା ନ ଥିଲେ ବ୍ୟକ୍ତି ପାଇଁ ଅପମାନଜନକ ନୁହେଁ, ବରଂ ସାହିତ୍ୟ କ୍ଷେତ୍ରରେ ନାମ କମାଇବାକୁ ଯାଇ ଅନ୍ୟ ଲେଖା ଚୋରି କରି ନିଜକୁ ଲେଖକ ବୋଲି ସାବ୍ୟସ୍ତ କରିବା ଅତ୍ୟନ୍ତ ଲଜ୍ଜାଜନକ ବ୍ୟାପାର, ଏକପ୍ରକାର ଦୟନୀୟ ମାନସିକତା। ଏ ପ୍ରକାର ସାରସ୍ୱତ ଅସାଧୁତା କେବଳ ନିନ୍ଦନୀୟ ନୁହେଁ, ଏ ବୌଦ୍ଧିକ ଚୋରି ଆଇନ ପରିସରଭୁକ୍ତ।

ଓଡ଼ିଶାରେ ଏହି ଲେଖାଚୋରି ସଂକ୍ରାନ୍ତ ଅନେକ କେସ୍ କୋର୍ଟମାନଙ୍କରେ ଗଡୁଛି। କେହି କେହି ଦଣ୍ଡିତ ହୋଇ ସାରିଲେଣି ଓ ଆଉ କେହି ମୂଳ ଲେଖକଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ମୁକ୍ତି ପାଇଛନ୍ତି। ଫେସ୍‌ବୁକ୍‌ରେ ଏହି ଲେଖାଚୋରି ପ୍ରସଙ୍ଗଟି ଗୋଟାଏ ପ୍ରହସନରେ ପରିଣତ ହୋଇଗଲାଣି। ବିଶେଷତଃ କବିତା କ୍ଷେତ୍ରରେ କୋଉଠି କବି ପିଠିର ନାଁ ବଦଳେଇ ଦେଉଛନ୍ତି ତ କେତେବେଳେ ଏ କବିତାରୁ ଧାଡ଼ିଏ ସେ କବିତାରୁ ଧାଡ଼ିଏ ଚୋରିକରି ପୂରା କବିତାଟିଏ କରିଥୋଇ ଦେଉଛନ୍ତି। ଗବେଷଣା ନିବନ୍ଧଗୁଡ଼ିକ ମଧ୍ୟ ଏ ଦୋଷରୁ ମୁକ୍ତ ନୁହନ୍ତି। ଅନ୍ୟର ଗବେଷଣା ସନ୍ଦର୍ଭରୁ ତଥ୍ୟ ନେବା ଦୋଷାବହ ନୁହେଁ, କିନ୍ତୁ ଯେଉଁଠାରୁ ତଥ୍ୟ ନିଆଗଲା ସେ ଲେଖକଙ୍କ ନାମ ସୂଚିତ କରିବା ନିହାତି ଆବଶ୍ୟକ। କିନ୍ତୁ ଏଥିପାଇଁ ସର୍ବନିମ୍ନ ସୌଜନ୍ୟ ଟିକକ ରକ୍ଷା କରାଯାଉ ନାହିଁ। ଏସବୁ ଗବେଷଣା କର୍ମ ପାଇଁ ଅତ୍ୟନ୍ତ ମାରାତ୍ମକ।

ଜଣେ ଲେଖକ ତା'ର ଜ୍ଞାତ ସାରରେ ଅନ୍ୟ ଲେଖକଙ୍କର ଗୋଟାଏ ବାକ୍ୟ ଯଦି ନିଜସ୍ୱ କରିବାର ଅପଚେଷ୍ଟା କରୁଛି, ତେବେ ସେ ଆଦୌ ସର୍ଜନଶୀଳ ପ୍ରତିଭା ନୁହେଁ ବୋଲି କହିବାକୁ ହେବ। କାରଣ ଜଣେ ପ୍ରତିଭାଧାରୀର ସ୍ୱାଭିମାନ କୌଣସି ପରିସ୍ଥିତରେ ଏପରି ଚୌର୍ଯ୍ୟବୃତ୍ତିକୁ ଉତ୍ସାହିତ କରିବ ନାହିଁ। ଲେଖିବା ବେଳେ ଯଦି ଅନ୍ୟ ଜଣେ ଲେଖକଙ୍କର ଚିନ୍ତା କରିଦେଲେ ସ୍ୱାଭିମାନ କ୍ଷୁଣ୍ଣ ହୋଇଯାଏ ନାହିଁ କିମ୍ବା ସାରସ୍ୱତ ପ୍ରତିଭାର ଅବମାନନା ହୁଏ ନାହିଁ। କୁହାଯାଏ, ଗ୍ରେଟ୍ ପିପୁଲ୍ ଥିଙ୍କ ଏ ଲାଇକ୍। ବେଳେବେଳେ ବିଶ୍ୱର ଏ କୋଣରେ ଥିବା ବୌଦ୍ଧିକ ମଣିଷଟି ସେ କୋଣରେ ଥିବା ବୌଦ୍ଧିକ ମଣିଷଙ୍କ ଚିନ୍ତାର ସାମଞ୍ଜସ୍ୟ ଥାଏ। ତା'ର ଅର୍ଥ ନୁହେଁ ଯେ ଶବ୍ଦ ଓ ବାକ୍ୟ ମଧ୍ୟ ଦୁଇ ଜଣଙ୍କ ଏକ ହୋଇଯିବ।

ସମାଜର ଅନ୍ୟ କ୍ଷେତ୍ରଗୁଡ଼ିକରେ ଦୁର୍ନୀତି, ଚୋରି, ଡକାୟତି, ଲାଞ୍ଛମିଛ ଆଦି ସ୍ୱାଭାବିକ ଭାବରେ ଚାଲିଛି। କିନ୍ତୁ ସାହିତ୍ୟ କ୍ଷେତ୍ରରେ ଏହିପରି ବୌଦ୍ଧିକ କଳଙ୍କ ଆଦୌ ସ୍ପୃହଣୀୟ ନୁହେଁ। କାରଣ ସାହିତ୍ୟିକମାନେ ସମାଜର ଦିଗଦ୍ରଷ୍ଟା। ସମାଜକୁ ଉପଯୁକ୍ତ ମାର୍ଗଦର୍ଶନ କରୁଥିବା କ୍ରାନ୍ତଦର୍ଶୀମାନେ ଯଦି ଏପରି ଦୋଷଦୁଷ୍ଟ ହେବେ, ତେବେ ମାନବ ସମାଜ ବିପଥଗାମୀ ହେବ।

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ-୯୪୩୭୦୩୩୦୭୪

# ଦେଶଭକ୍ତି ଓ ବିଦ୍ୟାର୍ଥୀ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଅଥର୍ବ ବେଦରେ ଏକ ସ୍ତୋତ୍ର ବା ସୂକ୍ତ ଅଛି- 'ମାତା ଭୂମିର ପୁତ୍ରୋଅହଂ ପୃଥିବ୍ୟା' ଅର୍ଥାତ୍ 'ଏ ଭୂମି ମୋର ମାତା ଏବଂ ମୁଁ ତାଙ୍କ ପୁତ୍ର।' ଭାରତବର୍ଷର ସନାତନ ଧର୍ମ ସଂସ୍କୃତିରେ ଏଇ ମହତ୍ ଭାବନାର ସ୍ୱର ନିରନ୍ତର ଝଙ୍କୃତ ହେବାରେ ଲାଗିଛି। ଏବେକାର ଭାରତବର୍ଷ ତା'ର ଗୌରବାନ୍ୱିତ ଇତିହାସ ଓ ସମୃଦ୍ଧ ପରମ୍ପରା ପାଇଁ ବେଶ୍ ଜଣାଶୁଣା। ଇଏ ସେହି ଉତ୍କୃଷ୍ଟ ସାଂସ୍କୃତିକ ପରମ୍ପରାର ଦେଶ, ଯାହାର ମୂଲ୍ୟବୋଧରେ ପ୍ରେମ, ଉଦାରତା, ଦୟା, କରୁଣା, ସହଯୋଗ, କ୍ଷମା ଆଦି ସୁଗୁଣ ସଞ୍ଚରିଯାଇଛି। ପ୍ରଚଣ୍ଡ ବିଦ୍ୱାନ୍, ପ୍ରଜ୍ଞାଦୀପ୍ତ ମହାପୁରୁଷଗଣ ଭାରତକୁ ସମଗ୍ର ବିଶ୍ୱର ମଉଡ଼ମଣି ବୋଲି ଆଖ୍ୟା ଦେଇଛନ୍ତି।

ସମଗ୍ର ବିଶ୍ୱକୁ 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ବାଣ୍ଟିଥିବା ଏହି ମହନୀୟ ସଂସ୍କୃତି ଆଜିକାର ଯୁବବର୍ଗ ମଧ୍ୟରେ ୧୫ ଅଗଷ୍ଟ ଓ ୨୬ ଜାନୁୟାରୀ ଭଳି ଜାତୀୟ ପର୍ବରେ ସୀମିତ ହୋଇ ରହିଯାଇଛି। ମାତୃଭୂମି ପ୍ରତି ସମର୍ପଣଭାବ, ପ୍ରେମ ସମ୍ପ୍ରିତି, ଦେଶଭକ୍ତିର ସଙ୍ଗୀତ ତଥା ଚଳଚ୍ଚିତ୍ରକୁ ଦେଖି ଜାଗ୍ରତ ଜାଗିଉଠେ କି? ଏଭଳି ପ୍ରଶ୍ନର ଉତ୍ତରରେ ଏତିକି କୁହାଯାଇପାରେ, ଆମେ କେବଳ ଜାତୀୟ ସଙ୍ଗୀତ ଗାନ କରିବା ସଙ୍ଗେ ସଙ୍ଗେ ବନ୍ଦେ ମାତରମ୍‌ର ସ୍ଲୋଗାନ୍ ଦେଇ ଚାଲିଛେ। ଉପରୋକ୍ତ କଥା ସବୁ ଆମର ରାଷ୍ଟ୍ରପ୍ରେମ ତଥା ଦେଶଭକ୍ତି ପ୍ରଦର୍ଶନରେ ସହାୟକ ହେଉଥିଲେ ମଧ୍ୟ ଦେଶଭକ୍ତି ଶବ୍ଦଟି ଭିତରେ ଏକ ଉଦାତ୍ତ ତଥା ସୁସ୍ଥ ବିଚାରଧାରା ପ୍ରଚ୍ଛନ୍ନ ଭାବେ ନିହିତ। ଦେଶ ପ୍ରତିସମର୍ପଣ ଭାବ, ଦେଶ କଲ୍ୟାଣ ପାଇଁ ମହତ୍ କାର୍ଯ୍ୟ ହାତକୁ ନେବା, ନ୍ୟସ୍ତସ୍ୱାର୍ଥରୁ ଉପରକୁ ଉଠି ଦେଶକୁ ସର୍ବୋଚ୍ଚ ବୋଲି ଆପଣାଇ ନେବା, ତା'ର ସ୍ୱାଭିମାନ ଓ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ପାଇଁ ସଦା ସତର୍କ ରହିବା, ଦେଶର ସର୍ବାଙ୍ଗୀନ ବିକାଶ ଓ ଭବିଷ୍ୟତକୁ ନିରବଚ୍ଛିନ୍ନ ଭାବେ ସମୁଜ୍ଜ୍ୱଳ ରଖିବାରେ ନିଜକୁ ସଂଶ୍ଳିଷ୍ଟ କରିବା ଇତ୍ୟାଦି ଅନେକ କଥାକୁ ଦେଶଭକ୍ତିର ରୂପ ଦିଆଯାଇପାରେ। ମାତ୍ର ଏସବୁ ଊର୍ଦ୍ଧ୍ୱରେ ରାଷ୍ଟ୍ରଭକ୍ତିର ଭାବନା କେବଳ ଆମର ଧମନୀରୁ ହିଁ ନିର୍ଗତ ହୋଇଥାଏ। ଦେଶର ସ୍ୱାଧୀନତା ସଂଗ୍ରାମ ସମୟରେ ଏ ପ୍ରକାର ମହତ୍ ଭାବନାକୁ ପ୍ରଥିତଯଶା କବିମାନେ ଉଦ୍ରେକ କରିଥିଲେ। ଆଜି ଆମ ଦେଶ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଏହି ମହତ୍ ଭାବନା ଇ-ଯୁଗରେ ହ୍ୱାଟ୍ସ ଆପ୍, ଫେସ୍‌ବୁକର କବଳିତ ହୋଇ ମରିମରି ଯାଉଥିବା ଦେଖିବାକୁ ମିଳୁଛି। ଆମେ ଆଧୁନିକତାର ଦୃଷ୍ଟିଭଙ୍ଗୀକୁ ଆପଣାଇ ଆଗକୁ ମାଡ଼ିଚାଲିଛେ ଏବଂ ବିକାଶ ପ୍ରକ୍ରିୟାରେ ବିଶ୍ୱର ସମୃଦ୍ଧଶାଳୀ ଦେଶଗୁଡ଼ିକୁ କଡା ଟକ୍କର ଦେବାରେ ଲାଗିଛେ। ତରୁଣ ପ୍ରତିଭାଧରଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷକୁ ସ୍ୱଚକ୍ଷୁରେ ନିରୀକ୍ଷଣ କରୁଛେ। ହେଲେ ଏସବୁ ଭିତରେ ଆମର ଦେଶଭକ୍ତିର ମହତ୍ ଭାବନା ଅବଦମିତ ହେଉଥିବା ଲକ୍ଷ୍ୟ କରାଯାଏ। ଯେଉଁ ମହତ୍ ବିଚାରସମ୍ପନ୍ନ ବ୍ୟକ୍ତିତ୍ୱ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାରେ ଏକଦା ସକ୍ଷମ ଥିଲା, ସେଇ ଭାବାବେଗ ଏବେ ଲୋପ ପାଇବାକୁ ବସିଲାଣି।

ତେବେ ଯାହାହେଉ, କିଛିଦିନ ତଳେ ଦିଲ୍ଲୀ ସରକାର ଦେଶଭକ୍ତିକୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରିବା ଲାଗି ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ତାହା ବାସ୍ତବିକ ପ୍ରଶଂସନୀୟ। ଏବର ଯୁବବର୍ଗ ମଧ୍ୟରେ ଲୋପ ପାଇବାକୁ ବସିଥିବା ଦେଶଭକ୍ତି ଭାବନାକୁ ପୁନର୍ଜୀବିତ କରିବାର ଆବଶ୍ୟକତା ରହିଛି। ନିଜ ମାତୃଭୂମିର ଶ୍ରେଷ୍ଠତ୍ୱ ଓ ସୁରକ୍ଷା ନିରାପତ୍ତା ଦିଗରେ ସେମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବାର ପ୍ରକୃଷ୍ଟ ସମୟ ଏବେ ଉପଗତ। ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତ ନିର୍ମାଣ ପ୍ରକ୍ରିୟାରେ ଯୁବଗୋଷ୍ଠୀଙ୍କୁ ଜଡିତ କରିବା ଏକାନ୍ତ ବାଞ୍ଛନୀୟ। ଏବେକାର ଇ-ଯୁଗରେ ଇଣ୍ଟରନେଟ୍‌ର ମାତ୍ରାଧିକ ଉପଯୋଗରେ ହଜି ଯାଇଥିବା ସେମାନଙ୍କର ପିଲାଦିନକୁ ଫେରାଇ ଆଣିବାକୁ ପଡ଼ିବ। ପିଲାମାନଙ୍କ ମନ ଓ ହୃଦୟରେ ଦେଶଭକ୍ତିର ଭାବନା ଯେପରି ସଞ୍ଚରିଯିବ, ସେଥିପ୍ରତି ସରକାରଙ୍କ ନିଘା ରହିବା ଆବଶ୍ୟକ। ବିଦ୍ୟାଳୟ ସ୍ତରରେ ଦେଶଭକ୍ତିର ଭାବନାକୁ ସୁଦୃଢ଼ କରିବା ସହିତ ତା'ର ବ୍ୟାପକ ପ୍ରସାର ପ୍ରଚାର କରିବା ଦିଗରେ ସରକାର ଓ ଜନସାଧାରଣ ସମ୍ମିଳିତ ପ୍ରଚେଷ୍ଟା କରିବା ଦରକାର। ବିଦ୍ୟାଳୟରେ ସଂକଳ୍ପବଦ୍ଧ ଯୁବପିଢ଼ିଙ୍କ ସର୍ବାଙ୍ଗୀନ ବିକାଶ ଓ ସେମାନଙ୍କ ସମୁଜ୍ଜ୍ୱଳ ଭବିଷ୍ୟତ ଉଚିତ ଦିଶାନିର୍ଦ୍ଦେଶ ଦିଗରେ ବେଶ୍ ମହତ୍ତ୍ୱପୂର୍ଣ୍ଣ।

ଅବଶ୍ୟ ଏକଥା ସତ ଯେ, କଞ୍ଚାମାଟି ସମ ପିଲାଟିକୁ ବିଦ୍ୟାଳୟରେ ଭର୍ତ୍ତି କରାଯାଏ ଆଉ ସେଇଠି ନୈତିକ ମୂଲ୍ୟବୋଧ ସହିତ ଭିନ୍ନଭିନ୍ନ ପ୍ରକାରର ଆବଶ୍ୟକତାର ପୂରଣ ପାଇଁ ଶିକ୍ଷା ପ୍ରଦାନ କରାଯାଇଥାଏ। ତେବେ ଏକଥା ହେଜିବାକୁ ହେବ ଯେ, ଦେଶଭକ୍ତିର ମୂଳ ଭାବନାର ପ୍ରସାର ଗୋଟିଏ ଦିନର ପ୍ରୟାସ ନୁହେଁ। ନିରନ୍ତର ଭାବେ ଏହାକୁ ବିଦ୍ୟାଳୟର କାର୍ଯ୍ୟକଳାପ ସହିତ ସାମିଲ କରାଯିବା ବିଧେୟ।

ବିଦ୍ୟାଳୟରେ ଦେଶର ଅସ୍ମିତା, ଗୌରବ ତଥା ଇତିହାସକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଉ, ବିଦ୍ୟାଳୟର ବିସ୍ତୀର୍ଣ୍ଣ ଅଗଣାରେ ଦେଶଭକ୍ତି ସଂକ୍ରାନ୍ତ କାହାଣୀଗୁଡ଼ିକର ଅବିକଳ ଚିତ୍ରଣ କରାଯିବା ଆବଶ୍ୟକ । ସେହିପରି ବିଦ୍ୟାଳୟରେ ଭାରତୀୟ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କରାଯିବା ନିହାତି ଜରୁରୀ। ମହାପୁରୁଷଙ୍କ ଜୀବନୀ ସଂକ୍ରାନ୍ତ ମାର୍ମିକ ତଥା ପ୍ରେରଣାଦାୟକ ପ୍ରସଙ୍ଗଗୁଡିକୁ ସ୍କୁଲ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ଉଚିତ, ଯାହାକୁ କିଶୋର କିଶୋରୀମାନେ ବେଶ୍ ଭଲ ଭାବରେ ବୁଝି ଆତ୍ମସାତ୍ କରିପାରିବେ। ଦେଶର ସ୍ୱାଧୀନତା ସଂଗ୍ରାମର ଗାଥା ସମ୍ବଳିତ କବିତା ଓ କାହାଣୀ ସବୁକୁ ନେଇ ପ୍ରତିଯୋଗିତାର ଆୟୋଜନ କରାଯାଉ । ଏହାଛଡ଼ା ପିଲାଙ୍କ ରୁଚିକୁ ଦୃଷ୍ଟିରେ ରଖି ନାଟକର ଆୟୋଜନ କରାଯାଇପାରେ। ସ୍ଥଳ ବିଶେଷରେ ନୃତ୍ୟ, କଳା ଲୋକଗୀତ ଇତ୍ୟାଦି ମଧ୍ୟ ଗୌରମୟ ଅତୀତକୁ ପ୍ରକଟିତ କରିଥାଏ। ଅତଏବ ଦେଶଭକ୍ତି ଭାବନା ଜାଗ୍ରତ କରାଇବାରେ ଏସବୁ ସହାୟକ ହୋଇପାରେ। ସୈନିକ ଜୀବନ ଅନୁଭବରେ ଭାଗୀଦାର ହେବା ଲାଗି ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦିଆଯିବା ଆବଶ୍ୟକ। ବିଭିନ୍ନ ଅବସରରେ ଯବାନମାନଙ୍କୁ ବିଦ୍ୟାଳୟକୁ ଡକାଇବା, ସେମାନଙ୍କ ଅନୁଭବରେ ସହଭାଗୀଦାର ହେବା ବିଦ୍ୟାର୍ଥୀଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ। କିନ୍ତୁ ବିଡ଼ମ୍ବନାର କଥା, ଆଜିକାଲିର ଶୈକ୍ଷିକ ଅନୁଷ୍ଠାନଗୁଡ଼ିକରେ ରାଷ୍ଟ୍ରୀୟ ସଙ୍ଗୀତ ଓ ପ୍ରାର୍ଥନା ଇତ୍ୟାଦିର ଡାକବାଜି ଯନ୍ତ୍ର ଜରିଆରେ ବଜାଯାଇ ଶୁଣାଇ ଦିଆଯାଉଛି। ଏହାର ଶବ୍ଦ ଓ ଭାବରେ ପିଲାଏ ଅଭିଭୂତ ହୋଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ବିଦ୍ୟାଳୟର ଶିକ୍ଷାଦାତାଙ୍କୁ ମଧ୍ୟ ଏ ଦିଗରେ ବିଶେଷ ମାର୍ଗଦର୍ଶନ ପ୍ରଦାନ କରିବା ଉଚିତ, ଯୋଉଥିରେ ସେମାନେ ମଧ୍ୟ ଏହି ପୁଣ୍ୟ ତଥା ମହତ୍ କାର୍ଯ୍ୟର ଅଗ୍ରଦୂତ ସାଜିପାରିବେ। ମହାପୁରୁଷଙ୍କ ମୂଲ୍ୟବୋଧ ଆଧାରିତ କାହାଣୀଗୁଡ଼ିକୁ ବଚନ ଓ ଶ୍ରବଣ ଜରିଆରେ ଉପସ୍ଥାପନ କରାଯାଉ। ସେମାନଙ୍କ ଜୀବନର ଅଜଣା ଓ ଅନାଲୋଚିତ ପ୍ରସଙ୍ଗଗୁଡ଼ିକୁ ଶ୍ରେଣୀକକ୍ଷରେ ଶୁଣାଇ ଦିଆଯାଉ। ଦେଶର ସମ୍ମାନ ସଂକ୍ରାନ୍ତ ଅନେକ ଗବେଷଣା ତଥା ଗବେଷକଙ୍କୁ ପାଠ୍ୟକ୍ରମରେ ଯୋଡ଼ି ଦିଆଯାଉ। ମୋଟାମୋଟି ଭାବେ ଜାତି ସଂପ୍ରଦାୟ, ଆଞ୍ଚଳିକତାବାଦ ଊର୍ଦ୍ଧ୍ୱରେ ଉଠି ଦେଶଭକ୍ତିକୁ ଅଗ୍ରପ୍ରାଧାନ୍ୟ ପ୍ରଦାନ କରାଯାଇପାରିଲେ ଏହି ସଂକଳ୍ପ ପୂରଣ ହୋଇଯିବ ବୋଲି ଆଶା।

୯୯୯-୩ ଜଗମୋହନ ନଗର, ଜାଗମରା,
ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

## ଏଇ ଭାରତରେ

ବହୁ ସମୟରେ ଲୋକଶକ୍ତି ବଳରେ ଅନେକ ପରିବେଶ ଉପଯୋଗୀ କାର୍ଯ୍ୟ କରାଯାଇଥାଏ। ଏମିତି ଏକ କାର୍ଯ୍ୟ କରିଛନ୍ତି ଗୁଜରାଟର ୮,୨୦୦ ଜନସଂଖ୍ୟାବିଶିଷ୍ଟ କୁକ୍‌ମା ଗାଁର ଲୋକେ। ୱେଷ୍ଟୱାଟର ବା ମଇଳାପାଣିକୁ ଫିଲ୍‌ଟର କରି ଗଛରେ ଦେଇ ବିରାଟ ଜଙ୍ଗଲ ସୃଷ୍ଟି କରିଛନ୍ତି। କୁକ୍‌ମାର ସରପଞ୍ଚ କଙ୍କୁବେନ୍‌ଙ୍କ ଉଦ୍ୟମରେ ଏହି କାର୍ଯ୍ୟ କରାଯାଇପାରିଛି। ଜଙ୍ଗଲରେ ୭,୦୦୦ ଗଛ ଲଗାଯାଇଛି ଓ ପ୍ରତିଦିନ ୧୦,୦୦୦ ଲିଟର ୱେଷ୍ଟୱାଟର ଫିଲ୍‌ଟର କରାଯାଇ ଗଛରେ ଦିଆଯାଉଛି। କଚ୍ଛରେ ଫ୍ୟାକ୍ଟ୍ରିରୁ ନିଷ୍କାସିତ କେମିକାଲ ମିଶ୍ରିତ ବିଷାକ୍ତ ପାଣିକୁ ଆର୍‌ଓ ପ୍ଲାଣ୍ଟ ଦ୍ୱାରା ଫିଲ୍‌ଟର କରାଯାଉଛି। ଗାଁର ପାଖାପାଖି ୪୦ ଜଣ ଯୁବକ ସ୍ୱେଚ୍ଛାକୃତ ଭାବେ ଗଛ ଲଗାଇବାରେ ସାହାଯ୍ୟ କରିଛନ୍ତି। ବିଷାକ୍ତ ତଥା ମଇଳା ପାଣିର ପୁନଃ ଉପଯୋଗ ହେବା ଯୋଗୁ ପରିବେଶ ପ୍ରଦୂଷଣ ଦୂର ହୋଇଛି। ଅନ୍ୟ ପକ୍ଷରେ ଗାଁର ଭୂତଳ ଜଳ ସ୍ତର ମଧ୍ୟ ବଢ଼ିଛି। ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ୧୦ ଜଣ ମହିଳାଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। କୁକ୍‌ମା ଗାଁର ଜଙ୍ଗଲକୁ ଆଖପାଖ ଗ୍ରାମଗୁଡ଼ିକରୁ ଲୋକେ ଦେଖିବାକୁ ଆସୁଛନ୍ତି ଓ ଏଭଳି ଜଙ୍ଗଲ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ବୋଲି କହନ୍ତି ସରପଞ୍ଚ କଙ୍କୁବେନ୍। ମଇଳା ପାଣି ଫିଲ୍‌ଟର ହେବା ପରେ ଚାଷଜମିର ପ୍ରଦୂଷଣ କମିଛି ଓ ଫସଲ ଉତ୍ପାଦନ ବୃଦ୍ଧି ପାଉଛି। ଲୋକମାନଙ୍କ ସହଯୋଗରେ ଏକ ଅର୍ଗାନିକ ଗାର୍ଡେନ କରିବା ଲକ୍ଷ୍ୟ ରଖିଛନ୍ତି କଙ୍କୁବେନ୍।

## ଚିରନ୍ତନୀ

ସବୁ ଧର୍ମ ପରେ ଯେଉଁ ଜୀବ-ଧର୍ମ
ଚିର ପ୍ରତିଷ୍ଠିତ
ତାହାର ସନ୍ଧାନେ ଧାଏଁ ଅବିରାମ
ନବୀନର ଚିତ୍ତ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୯୬

- କେନ୍ଦ୍ରୀୟ ଲଣ୍ଡନର ଏକ ନିର୍ବାଚନ ମଣ୍ଡଳୀରେ ହୋଇଥିବା ଉପନିର୍ବାଚନରେ ବିରୋଧୀ ଲେବର ପାର୍ଟିର ପ୍ରାର୍ଥୀ ବ୍ରିୟାନ ଜେନ୍‌କିନ୍‌ସଙ୍କ ବିପୁଳ ବିଜୟ।
- ନିର୍ବାଚନ ଆୟୋଗ ପକ୍ଷରୁ ସୁପାରିଶ କରାଯାଇଥିବା ନିର୍ବାଚନୀ ବ୍ୟୟ ବୃଦ୍ଧି ପ୍ରସ୍ତାବ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ।
- ପ୍ରବାସୀ ଭାରତୀୟ ଲଖୁଭାଇ ପାଠକଙ୍କଠାରୁ ୧ ଲକ୍ଷ ଡଲାର ଠକି ନେଇଥିବା ଅଭିଯୋଗରେ ଚନ୍ଦ୍ରସ୍ୱାମୀଙ୍କ ବିରୋଧରେ ସିବିଆଇ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଛି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 4 | 7 | | | |
| | | | | 2 | 3 | 4 | | |
| | | | | 9 | | | 1 | 6 |
| 2 | | | | | | | | 7 |
| 5 | 3 | | 4 | | | | | 9 |
| | 9 | 7 | | | 1 | 8 | 4 | |
| | | | | | | 2 | | |
| | | | 3 | 1 | | | | |
| | 5 | | | | 2 | | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 3 | 9 | 2 | 6 | 5 | 7 |
| 6 | 9 | 3 | 7 | 5 | 4 | 1 | 2 | 8 |
| 5 | 2 | 7 | 8 | 1 | 6 | 3 | 9 | 4 |
| 8 | 1 | 9 | 4 | 6 | 3 | 2 | 7 | 5 |
| 7 | 5 | 6 | 2 | 8 | 9 | 4 | 1 | 3 |
| 3 | 4 | 2 | 1 | 7 | 5 | 9 | 8 | 6 |
| 2 | 6 | 1 | 5 | 3 | 8 | 7 | 4 | 9 |
| 9 | 7 | 8 | 6 | 4 | 1 | 5 | 3 | 2 |
| 4 | 3 | 5 | 9 | 2 | 7 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳଛତ୍ର ନୁହେଁ, ପାନୀୟ ଜଳ ବିତରଣ କେନ୍ଦ୍ର

ମହାଶୟ,

ଉତ୍ତାପ ବୃଦ୍ଧି ସହ ରୌଦ୍ରତାପରେ ଲୋକେ ବ୍ୟତିବ୍ୟସ୍ତ ହେଲେଣି। ସବୁ ବର୍ଷ ପରି ଚଳିତବର୍ଷ ମଧ୍ୟ ସରକାର ଜନମଙ୍ଗଳ ଭୂମିକାକୁ ଅବତୀର୍ଣ୍ଣ ହୋଇ ସୁଶୀତଳ ପାନୀୟ ଯୋଗାଣର ବ୍ୟବସ୍ଥା କରିବେ। କିଛି ବଦାନ୍ୟ ବ୍ୟକ୍ତି, ସଙ୍ଗଠନ ଓ ସ୍ୱଚ୍ଛାସେବୀମାନେ ନିଜସ୍ୱ ଉଦ୍ୟମରେ ପଥଚାରୀଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିବା ମଧ୍ୟ ଏକ ସାଧୁ ଉଦ୍ୟମ ଓ ସ୍ୱାଗତଯୋଗ୍ୟ। କିନ୍ତୁ କାହିଁ କେତେ ବର୍ଷ ହେଲା ସରକାର ଏପରି ମୁକ୍ତ ପାନୀୟ ଜଳ ବିତରଣ କେନ୍ଦ୍ରକୁ ଜଳଛତ୍ର ନାମରେ ଅଭିହିତ କରିଆସୁଛନ୍ତି। ନିଜ ବୁଦ୍ଧି ବିଚାରକୁ ନ ଖଟାଇ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିମାନେ ବି ଜଳଛତ୍ର ପରି ଏକ ନକାରାତ୍ମକ ଓ ଅଗ୍ରହଣୀୟ ଶବ୍ଦକୁ ବ୍ୟବହାର କରି ଆସୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଓଡିଶା ସମ୍ମୁଖୀନ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ସମୟରେ ବହୁ ବଦାନ୍ୟ ବ୍ୟକ୍ତି, ଜମିଦାର ଓ ପରେ ଇଂରେଜ ସରକାର ଅନ୍ନଛତ୍ର ଖୋଲି ବୁଭୁକ୍ଷୁମାନଙ୍କୁ ମାଗଣାରେ ଖାଦ୍ୟ ବଣ୍ଟନ କରୁଥିଲେ। କିନ୍ତୁ ଏ ସ୍ୱାଭିମାନୀ ଜାତି ଅନ୍ନଛତ୍ରରେ ମାଗଣା ଖାଦ୍ୟ ଗ୍ରହଣକୁ ସହଜରେ ଗ୍ରହଣ କରି ପାରି ନଥିଲା। ହଜାର ହଜାର ସଂଖ୍ୟାରେ ଲୋକ ଭୋକ ଉପାସରେ ମରିବାକୁ ଉଚିତ ମନେ କରିଥିଲେ ମଧ୍ୟ ଅନ୍ନଛତ୍ରରୁ ଖାଦ୍ୟ ଗ୍ରହଣ କରି ନ ଥିଲେ। ଯେଉଁମାନେ ଲୁଚିଛପି ଯାଇ ଏପରି ଛତ୍ରରୁ ଖାଦ୍ୟ ଖାଉଥିଲେ, ସେମାନଙ୍କୁ ଛତ୍ରଖିଆ ବା ଛତରଖିଆ ବୋଲି କୁହାଯାଉଥିଲା। ସେମାନଙ୍କୁ ପରିବାର ଓ ସମାଜ ଆଉ ଗ୍ରହଣ କରୁ ନ ଥିବାରୁ ସେମାନେ ଗ୍ରାମ ବାହାରେ ଓ ସ୍ଥଳ ବିଶେଷରେ ଏକାଠି ମିଶି ଏକ ନୂଆ ଗ୍ରାମ ବସାଇ ସେଠାରେ ରହୁଥିଲେ। ତେଣୁ ଆରମ୍ଭରୁ ଏ ଜାତି 'ଛତ୍ର ବା ଛତରା' ଶବ୍ଦକୁ ସ୍ୱାଭିମାନ ସହ ଯୋଡି ନକାରାତ୍ମକ ଦୃଷ୍ଟିରେ ଦେଖି ଆସିଛି। ଏପରି ସ୍ଥଳେ ସରକାର ତୃଷାର୍ତ୍ତମାନଙ୍କ ପାଇଁ ଖୋଲୁଥିବା ପାନୀୟ ଜଳ ବିତରଣ କେନ୍ଦ୍ରଗୁଡ଼ିକୁ ଜଳଛତ୍ର ନାମ ନ ଦେଇ ପାନୀୟ ଜଳ ବିତରଣ କେନ୍ଦ୍ର ବୋଲି ନାମକରଣ କଲେ ଅଧିକ ଗ୍ରହଣୀୟ ହୁଅନ୍ତା।

–ଅମିୟ ଭୂଷଣ ବିଶ୍ୱାଳ, ଉତ୍କଳ ସେବକ ସମାଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସମିତିସଭ୍ୟଙ୍କ ସମେତ ୨ ଗିରଫ

**ଡେଲାଙ୍ଗ,(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ବ୍ରାହ୍ମଣବାଡ଼ ଗ୍ରାମରେ ଭାଜପା କର୍ମୀଙ୍କୁ ଆକ୍ରମଣ ଘଟଣାରେ ସୋମବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସମିତିସଭ୍ୟ ପ୍ରଭାତ ଜେନା ଓ କୃଷ୍ଣଚନ୍ଦ୍ର ସ୍ୱାଇଁ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ରବିବାର ଭାଜପା ପକ୍ଷରୁ ଉପନିର୍ବାଚନ ପାଇଁ ଜେନାପୁର ପଞ୍ଚାୟତର ବ୍ରାହ୍ମଣବାଡ ଗ୍ରାମରେ ଡୋର କ୍ୟାମ୍ପେନ ଚାଲିଥିଲା। ଏହି ସମୟରେ ବିଜୁ ଜନତା ଦଳର କର୍ମୀମାନେ ମାରଣାଅସ୍ତ୍ରରେ ଭାଜପା କର୍ମୀମାନଙ୍କୁ ଆକ୍ରମଣ କରିଥିଲେ। ଭାଜପା ପକ୍ଷରୁ ଥାନାରେ ଅଭିଯୋଗ କରିବା ସହ ରାସ୍ତାରୋକୋ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ଏକ ମାମଲା(ନଂ. ୮୨/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

### ପୋଖରୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**କେନ୍ଦୁଝର,୧୨।୪(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜାମୁନାଳିଆଠାରେ ଥିବା ସରକାରୀ ଇଞ୍ଜିନିୟରିଂ କଲେଜର ଜଣେ ଛାତ୍ରଙ୍କର କଲେଜ ପଛପଟ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ମେକାନିକାଲ ଦ୍ୱିତୀୟ ବର୍ଷ ଛାତ୍ର ଶାଶ୍ୱତ ମହାପାତ୍ର (୨୧)। ସୂଚନା ଅନୁଯାୟୀ, ସୋମବାର ଶାଶ୍ୱତ ତାଙ୍କ ୨ଜଣ ସାଙ୍ଗଙ୍କ ସହ କଲେଜ ପଛପଟେ ଥିବା ଜାମୁନାଳିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପ୍ରଥମେ ଶାଶ୍ୱତ ଗାଧୋଇବାକୁ ପୋଖରୀକୁ ଡେଇଁଥିଲେ। ପହଁରା ଶିଖି ନ ଥିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ପୋଖରୀ ହୁଡ଼ାରେ ଛିଡ଼ା ହୋଇଥିବା ଅନ୍ୟ ଦୁଇ ସାଙ୍ଗ ତୁରନ୍ତ ଗାଁ ଲୋକ ଏବଂ କଲେଜ ଅଧକ୍ଷଙ୍କୁ ଜଣାଇଥିଲେ। ଗାଁ ଲୋକ ଏବଂ କଲେଜ ଛାତ୍ର ସେଠାରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ବହୁ ସମୟ ଖୋଜାଖୋଜି କରିବା ପରେ ଅପରାହ୍ନ ପ୍ରାୟ ୪ଟା ୨୦ରେ ଶାଶ୍ୱତଙ୍କ ମୃତଦେହ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ମୃତ ଶାଶ୍ୱତଙ୍କ ଘର ରାଉରକେଲା ସେକ୍ଟର-୭ରେ ହୋଇଥିବାବେଳେ ତାଙ୍କ ପିତାଙ୍କ ନାମ ରାଜେନ୍ଦ୍ର ମହାପାତ୍ର। ଶାଶ୍ୱତଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା କଲେଜ ଅଧକ୍ଷ ତ୍ରିଲୋଚନ ସାହୁ କହିଛନ୍ତି।

### ବଜ୍ରପାତ ନେଲା ଜୀବନ

**ପାଟଣା,୧୨।୪(ସ୍ୱ. ପ୍ର.):** କେନ୍ଦୁଝର ଜିଲା ରାଇସୁଆଁ ଥାନା କାଠଭାରି ପଞ୍ଚାୟତ ବାରିଗାଁ ମହାନ୍ତସାହିରେ ସୋମବାର ଅପରାହ୍ନରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଖଗେଶ୍ୱର ମହାନ୍ତ। ସୂଚନା ଅନୁଯାୟୀ, ଖଗେଶ୍ୱର ରବିବାର ଅପରାହ୍ନରେ ଘାସ କାଟିବାକୁ ବିଲକୁ ଯାଇଥିବା ବେଳେ ପ୍ରବଳ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ବଜ୍ରପାତ ଯୋଗୁ ତାଙ୍କ ଶରୀର ପୋଡ଼ିଯିବା ସହ ବାମ କାନରୁ ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ବ୍ୟବଚ୍ଛେଦ ହୋଇପାରି ନାହିଁ।

# ନିର୍ବାଚନୀ ହିଂସାକୁ ପ୍ରଶ୍ରୟ ଦିଆଯିବନି: ଡିଜିପି

**ପିପିଲି, ୧୨।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ଶାନ୍ତିପୂର୍ଣ୍ଣ, ଅବାଧ ଓ ନିରପେକ୍ଷ ପିପିଲି ଉପନିର୍ବାଚନ ପାଇଁ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ। ନିର୍ବାଚନୀ ପ୍ରକ୍ରିୟା ମଧ୍ୟରେ ଏବେ ସୁଦ୍ଧା ୫ଥର ହିଂସା ଘଟିସାରିଲାଣି। ଏପରି କି ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗାଡ଼ି ଭଙ୍ଗାରୁଜା ମଧ୍ୟ ହୋଇଛି। ଏସବୁ ଘଟଣାରେ ଉଭୟ ବିଜେଡି ଓ ଭାଜପାର ୬ରୁ ଊର୍ଦ୍ଧ୍ୱ କର୍ମୀ ଆହତ ହୋଇଥିବାବେଳେ ନିର୍ବାଚନୀ ହିଂସା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସୋମବାର ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ଅଧକ୍ଷତାରେ ପିପିଲିଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯିବା ସହ ଗଣ୍ଡଗୋଳ ଭିଆଇବା ଆଶଙ୍କା ଥିବା ସନ୍ଦିଗ୍ଧଙ୍କୁ ତୁରନ୍ତ ପୋଲିସ କବ୍‌ଜାକୁ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୬୦ ଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ୨୯ ପ୍ଲାଟୁନ ଓଏସ୍ଏପି ଏବଂ ୩ କମ୍ପାନୀ ସିଆର୍‌ପିଏଫ୍ ଫୋର୍ସ ମୁତୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପୋଲିସ ଡିଜି ଅଭୟ କହିଛନ୍ତି, ପିପିଲିରେ ଶାନ୍ତିପୂର୍ଣ୍ଣ ମତଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ନିର୍ବାଚନୀ ହିଂସା, ଦଙ୍ଗା କିମ୍ବା ଗଣ୍ଡଗୋଳକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏନେଇ ୬୦ଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ୨୯ ପ୍ଲାଟୁନ ଓଏସ୍ଏପି ଫୋର୍ସ ମୁତୟନ କରାଯିବ। ସେହିପରି ୮୦ଟି ସମ୍ବେଦନଶୀଳ ବୁଥ୍‌ରେ ୩ କମ୍ପାନୀ ସିଆର୍‌ପିଏଫ୍ ଏବଂ ୧ କମ୍ପାନୀ ଓଡ଼ିଶା ପୋଲିସ ମୁତୟନ ହେବେ। ସମ୍ପୂର୍ଣ୍ଣ ନିର୍ବାଚନ କ୍ଷେତ୍ର ପାଇଁ ୨ଜଣ ଅତିରିକ୍ତ ଏସ୍‌ପି ଓ ୩ଟି ଜୋନ ପାଇଁ ୩ଜଣ ଡିଏସ୍‌ପି ସୁପରଭାଇଜିଂ ଦାୟିତ୍ୱରେ ରହିବେ ବୋଲି ଡିଜିପି ପ୍ରକାଶ କରିଛନ୍ତି। ଏ ନେଇ ଜୋନ୍‌ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କେନ୍ଦ୍ରାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ କହିଛନ୍ତି।

ସେହିପରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ପୁରୀ ଏସ୍‌ପି କନୱର ବିଶାଳ ସିଂ ନିବେଦନ କରିଛନ୍ତି। ଏସ୍‌ପି କହିଛନ୍ତି, ପିପିଲି, ଡେଲାଙ୍ଗ ଓ ବଳଙ୍ଗା ଥାନାର ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ପିପିଲି ଉପନିର୍ବାଚନ**
- ୬୦ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ
- ମୁତୟନ ହେବେ ୨୯ ପ୍ଲାଟୁନ ଓଏସ୍ଏପି ଫୋର୍ସ
- ୮୦ ସମ୍ବେଦନଶୀଳ ବୁଥ୍ ଜଗିବେ ୩ କମ୍ପାନୀ ସିଆର୍‌ପିଏଫ୍
- ସନ୍ଦିଗ୍ଧ ଗଣ୍ଡଗୋଳକାରୀଙ୍କୁ ଧରିବା ପାଇଁ ନିର୍ଦ୍ଦେଶ

ରାଜନୈତିକ ଆରୋପ ପ୍ରତ୍ୟାରୋପ, କମେଣ୍ଟମରା କିମ୍ବା ଗଣ୍ଡଗୋଳ ସମ୍ପର୍କିତ ଖବର ତୁରନ୍ତ ଜୋନାଲ ଅଧିକାରୀଙ୍କୁ ଅବଗତ କରାଯିବ। ଜୋନାଲ ଅଧିକାରୀ (ଡିଏସ୍‌ପି ର୍‍ୟାଙ୍କ) ଏହି ସୂଚନା ତୁରନ୍ତ ଅତିରିକ୍ତ ଏସ୍‌ପି ଏବଂ ଏସ୍‌ପିଙ୍କୁ ଅବଗତ କରାଇବେ। ସେହି ସମୟରେ ପରିବେଶ ଓ ପରିସ୍ଥିତିକୁ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ। ତୁରନ୍ତ କୌଣସି ଆକ୍ରୋଶମୂଳକ ପଦକ୍ଷେପ ନ ନେବାକୁ ପରାମର୍ଶ ଦିଆଯାଇଛି। ସ୍ଥିତି ଅନୁଧ୍ୟାନ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉତ୍ତେଜନାପ୍ରବଣ ବୁଥ୍‌ରେ ସିଆର୍‌ପିଏଫ୍ ବାହିନୀ ମୁତୟନ ହେବା ସହ ସେମାନେ ନିକଟସ୍ଥ ଥାନା ଅଧିକାରୀଙ୍କ ସମ୍ପର୍କରେ ରହିବେ। ଫଳରେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଇପାରିବ। ନିର୍ବାଚନୀ ହିଂସା କିମ୍ବା ଗଣ୍ଡଗୋଳ ମାମଲା ଯେପରି ଶୂନରେ ସୀମିତ ରହିବ ସେଥିଲାଗି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଆର୍.କେ. ଶର୍ମା, ଏଡିଜି ଯଶୱନ୍ତ ଜେଠୱା, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ସମେତ ପିପିଲି, ଡେଲାଙ୍ଗ ଓ ବଳଙ୍ଗା ଥାନା ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୧୭ତାରିଖରେ ପିପିଲି ଉପନିର୍ବାଚନ ହେବ। ଇତିମଧ୍ୟରେ ଅନେକ ସ୍ଥାନରେ ହିଂସା, ଗଣ୍ଡଗୋଳ ଘଟୁଛି। ୨ତାରିଖରେ ପିପିଲିର ୨ଟି ଏବଂ ୧୧ ତାରିଖରେ ଡେଲାଙ୍ଗର ୩ଟି ସ୍ଥାନରେ ହିଂସାକାଣ୍ଡ ଘଟିସାରିଲାଣି।


ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପୋଲିସ ଡିଜି ଅଭୟ ସୂଚନା ଦେଉଛନ୍ତି।

### ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷା ଉପରେ ଗୁରୁତ୍ୱ

**ପୁରୀ ଅଫିସ,୧୧।୪:** ପିପିଲି ଉପନିର୍ବାଚନ ପୂର୍ବରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ ଲୋହାନୀ ସୋମବାର ପୁରୀରେ ପହଞ୍ଚି ଷ୍ଟ୍ରଙ୍ଗରୁମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋହାନୀ ପେଣ୍ଟକଟା ଓୟାର ହାଉସ୍‌କୁ ଯାଇ ଷ୍ଟ୍ରଙ୍ଗରୁମ୍ ସ୍ଥିତି ପରଖିବା ସହ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ପହଞ୍ଚିସାରିଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ନିର୍ବାଚନ ପୂର୍ବରୁ ଇଭିଏମ୍ ନେବେ ଓ ଭୋଟିଂ ପରେ ତାହାକୁ ଆଣି ଜିମା ଦେବେ। ଷ୍ଟ୍ରଙ୍ଗରୁମ୍ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବାକୁ ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ମଧ୍ୟ କହିଛନ୍ତି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଜିଲା ପ୍ରଶାସନ ସମସ୍ତ ଉଦ୍ୟମ କରିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଏମ୍. ବୀରବ୍ରହ୍ମାୟା ପ୍ରମୁଖ ଉପସ୍ଥିତ ଥିଲେ।

**ସ୍ଥିତି ପରଖିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ**

# ପିପିଲି ଉପନିର୍ବାଚନ ହିଂସା ନେଇ ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ପିପିଲି ଉପନିର୍ବାଚନରେ ସ୍ଥାନୀୟ ଲୋକେ ପରିବର୍ତ୍ତନ ମୁହାଁ ହୋଇଛନ୍ତି। ଦୀର୍ଘ ୩୫ ବର୍ଷର ଗୁଣ୍ଡାରାଜକୁ ଛାଡ଼ି ପିପିଲି-ଡେଲାଙ୍ଗବାସୀ ବିକାଶରେ ସାମିଲ ପାଇଁ ସୁନିଶ୍ଚିତ କରିଛନ୍ତି। କିନ୍ତୁ ପିପିଲି ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରାଇ ନ ଦେବା ପାଇଁ ଶାସକ ବିଜେଡି ପୋଲିସକୁ ହାତବାରିସି କରି ଷଡ଼ଯନ୍ତ୍ର ରଚିଥିବା ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି। ବୁଥ୍ ରିଗିଂ ଆଶଙ୍କା ଦେଖାଇ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ଲାଗି ଦାବି କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବିତ କହିଛନ୍ତି, ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପରେ ବାରମ୍ବାର ଆକ୍ରମଣ ହେବା ଏହାର ବଡ଼ ପ୍ରମାଣ। ଭୟର ବାତାବରଣ ସୃଷ୍ଟି କରିବା ବିଜେଡିର ଏଜେଣ୍ଡା ଓ ପୋଲିସ ଏଥିରେ ମୁଖ୍ୟ ସହାୟକ ଭାବେ କାର୍ଯ୍ୟ କରୁଛି। ନିର୍ବାଚନ ସମୟରେ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଥିବା ଲୋକଙ୍କ ଉପରେ କଡା ନଜର ରଖିବା ଓ ଆବଶ୍ୟକ ସ୍ଥଳେ ତାଙ୍କୁ ଆଟକ ଓ ଅଟକ କରିବା ପାଇଁ ବ୍ୟବସ୍ଥା ରହିଛି। ଅପରାଧୀ ଧୀରେନ ସାମନ୍ତରାୟଙ୍କ ନାଁରେ ୩ ହତ୍ୟା ଅଭିଯୋଗ ରହିବା ଏବଂ ପୁରୀ ଜିଲା କୋର୍ଟ ତାଙ୍କୁ ପଳାତକ ଘୋଷଣା କରିବା ପରେ ମଧ୍ୟ ସେ ବିଜେଡିର ବିଭିନ୍ନ ସଭାସମିତିରେ ମଞ୍ଚାସୀନ ହେଉଛନ୍ତି। ସେହିପରି ପ୍ରିୟବ୍ରତ ସାମନ୍ତରାୟଙ୍କ ନାଁରେ ଅନେକ ମାମଲା ରହିଛି। ସଞ୍ଜୟ ସାମନ୍ତରାୟଙ୍କୁ ପଳାତକ ଘୋଷଣା କରାଯିବା ସତ୍ତ୍ୱେ ଏମାନଙ୍କୁ ପିପିଲି ନିର୍ବାଚନ ପରିଚାଳନା କରିବା ପାଇଁ ଦାୟିତ୍ୱ ମିଳିବା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପଳାତକ ଘୋଷିତ ହୋଇଥିବା ଅପରାଧୀମାନେ ବିଜେଡିର ତୁଙ୍ଗନେତାଙ୍କ ସହ ରହି ନିର୍ବାଚନକୁ ପ୍ରଭାବିତ କରାଉଛନ୍ତି। ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡି ବିରୋଧରେ ଅଭିଯୋଗ କରିଛି। ଉପନିର୍ବାଚନରେ ବିଜେଡି ବୁଥ୍ ରିଗିଂ ଓ କ୍ୟାପ୍‌ଚରିଂ କରିବାର ଆଶଙ୍କା ରହିଛି। ତେଣୁ ବ୍ୟାପକ ମାତ୍ରାରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରିବା ପାଇଁ ଭାଜପା ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି।

ଅପରପକ୍ଷରେ ଭାଜପାର ଏଭଳି ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି। ଏଥିସହ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଭାଜପା ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। ବରିଷ୍ଠ ନେତା ତଥା ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଗାଡ଼ି ଉପରକୁ ଭାଜପା କାର୍ଯ୍ୟକର୍ତ୍ତାମାନେ ଗତ ରବିବାର ପିପିଲି ନିର୍ବାଚନମଣ୍ଡଳୀରେ ଆକ୍ରମଣ କରିଛନ୍ତି। ଏହାଦ୍ୱାରା ମନ୍ତ୍ରୀଙ୍କ ଗାଡ଼ିର କାଚ ଭାଙ୍ଗିଯାଇଛି। କେବଳ ଏତିକି ନୁହେଁ, ଏକ ଦଳୀୟ ସଭାରେ ବିଜେଡି କର୍ମୀଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏହାଦ୍ୱାରା ଜଣେ କର୍ମୀ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ଆହତ କର୍ମୀଙ୍କ ପରିବାର ଲୋକେ ହସ୍ପିଟାଲ ଯିବା ସମୟରେ ବାଟରେ ମହିଳାଙ୍କ ଉପରକୁ ମଧ୍ୟ ଆକ୍ରମଣ କରାଯିବା ସହ ସେମାନଙ୍କୁ ଟଣାଓଟରା କରାଯାଇଛି। ଭାଜପା ପାଇଁ ନିର୍ବାଚନ ସମୟରେ ଗଣ୍ଡଗୋଳ କିଛି ନୂଆ କଥା ନୁହେଁ। ୨୦୧୮ ବିଜେପୁର ଉପନିର୍ବାଚନରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ସେହିପରି ପିପିଲି ଉପନିର୍ବାଚନର ଦିଗ ପରିବର୍ତ୍ତନ କରିବା ଲାଗି ଭାଜପା କର୍ମୀ ୫୦ ଲକ୍ଷ ଟଙ୍କା ନେଇ ଯିବା ସମୟରେ ପୋଲିସ ଧରିଥିଲା। ଉତ୍ତରପ୍ରଦେଶ ଏବଂ ବିହାର ଭଳି ରାଜ୍ୟରେ ଯେପରି ଭାଜପା ରାଜନୈତିକ ହିଂସା ଘଟାଏ ସେହିଭଳି ପରିସ୍ଥିତି ପିପିଲିରେ ସୃଷ୍ଟି କରୁଛି। ଭାଜପାର ଏଭଳି କାର୍ଯ୍ୟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଅଭିଯୋଗର ସମସ୍ତ ଫଟୋ ପ୍ରମାଣ ଯୋଡ଼ା ହୋଇଥିବା ବିଜେଡ଼ି କହିଛି।

- କେନ୍ଦ୍ରୀୟ ଫୋର୍ସ ମୁତୟନ ଲାଗି ଭାଜପାର ଦାବି
- ମନ୍ତ୍ରୀଙ୍କ ଗାଡ଼ିକୁ ଆକ୍ରମଣ ଦର୍ଶାଇ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡି

### ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗାଡ଼ି ଭଙ୍ଗା ଘଟଣା, ୨ ଗିରଫ

**ଡେଲାଙ୍ଗ,୧୨।୪(ଡି.ଏନ୍.ଏ.)**

ଡେଲାଙ୍ଗରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ସୋମବାର ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ରଣପୁରର ଅଭିଷେକ ସାମନ୍ତରାୟ ଓ ବୌଦ୍ଧ ଜିଲାର ଓମ୍ ମିଶ୍ର। ରବିବାର ଏହି ଘଟଣା ଘଟିଥିବାବେଳେ ପୋଲିସ ଏକ ମାମଲା (ନଂ.୮୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ସୂଚନାଯୋଗ୍ୟ, ଡେଲାଙ୍ଗର ପୃଥକ ସ୍ଥାନରେ ରବିବାର ନିର୍ବାଚନୀ ହିଂସା ଘଟିଥିଲା। ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷର ୫ଜଣ ଆହତ ହୋଇଥିଲେ। ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ନିଜ ୩ ସମର୍ଥକ ଆହତଙ୍କୁ ଦେଖିବା ପାଇଁ ମନ୍ତ୍ରୀ ସୁଶାନ୍ତ ସିଂ ଯାଇଥିଲେ। ସେଠାରେ ଭାଜପା କର୍ମୀମାନେ ତାଙ୍କୁ ଗାଳି ଦେବା ସହ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏ ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ. ୫୬୩-ଏସ୍ଏଣ୍ଟି-ଆର୍-୨୦୨୧ । ତାରିଖ: ୦୮।୦୪।୨୦୨୧ । କାର୍ଯ୍ୟର ନାମ: ନିମ୍ନ ସଂକ୍ରାନ୍ତୀୟ କାର୍ଯ୍ୟ ନିର୍ବାହ (୧) ରାୟପୁର ଡିଭିଜନର ଏଲ୍‌ସି ନଂ. ଡିଡି-୧୫ (ଏମ୍ଏକ୍ୟୁ-ଆର୍ଏସ୍ଏ ସେକ୍ସନ), ଏଲ୍‌ସି ନଂ. ଡିଡି-୪୮ (ଏଲବିଓ-ବିଏକ୍ୟୁ ସେକ୍ସନ) ଏବଂ ଆର୍‌ଭି-୧୩ (ଆର୍-ଏମ୍ଏନ୍‌ଡିଏଚ୍ ସେକ୍ସନ)ଠାରେ ୨୦,୦୦୦ରୁ ଅଧିକ ଟିଭିୟୁ ଥିବା ଏଲ୍‌ସି ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ (୦୩ ଗୋଟି)। (୨) ରାୟପୁର ଡିଭିଜନ: ସ୍ଲାଇଡିଂ ବ୍ୟାରିୟରର ବ୍ୟବସ୍ଥା (୧୨ ଏଲ୍‌ସି) । (୩) ରାୟପୁର ଡିଭିଜନ: ମାରାଉଡାଠାରେ ଟ୍ରାକ୍ ମେଶିନ ଷ୍ଟେବଲିଂ ସାଇଡିଂର ବ୍ୟବସ୍ଥା । (୪) ତେଲଘାନିନାକାରୁ ରାମନଗରକୁ ସଂଯୁକ୍ତ କରୁଥିବା ପିଡବ୍ଲ୍ୟୁଡି ବିଭାଗ, ରାୟପୁର (ରାଜ୍ୟ ସରକାର ଛତିଶଗଡ଼) ଦ୍ୱାରା କିମି ୮୨୯/୩୧-୩୫ (୮୨୯.୫୪୧)ଠାରେ ଆର୍‌ୟୁବି ନିର୍ମାଣ ସଂକ୍ରାନ୍ତରେ କେବୁଲ ଶିଫ୍ଟିଂ କାର୍ଯ୍ୟ । (୫) ପିଡବ୍ଲ୍ୟୁଡି ବିଭାଗ (ରାଜ୍ୟ ସରକାର ଛତିଶଗଡ଼) ଦ୍ୱାରା ଏନ୍‌କିପି-ଏଚ୍‌ଡବ୍ଲ୍ୟୁଏଚ୍ ମେନ୍ ଲାଇନ୍ ଉପରେ ଓଏଚ୍‌ଇ ମାଷ୍ଟ ନଂ. ୮୨୯/୨୩ଏନ୍-୨୭ଏନ୍ ମଧ୍ୟରେ ରେଳ ଷ୍ଟେଶନ ନିକଟରେ ବିଦ୍ୟମାନ ଆର୍‌ଓବି ପାର୍ଶ୍ୱରେ ତେଲଘାନିନାକା ଛକ ନିକଟରେ ଟ୍ରାଫିକ୍ ସୁବିଧା ପାଇଁ ଆର୍‌ଓବି ନିର୍ମାଣ ସଂକ୍ରାନ୍ତରେ କେବୁଲ ଶିଫ୍ଟିଂ କାର୍ଯ୍ୟ । (୬) ଭାଟପଡ଼ା- ଏଚ୍ଏନ୍ ପ୍ରାନ୍ତରେ ଗୁଡ୍‌ସ ଶେଡ୍ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ । ଟେଣ୍ଡର ମୂଲ୍ୟ: ଟ.୧୯୯୬୮୯୫୦.୩୭ । ଇଏମ୍‌ଡି: ଶୂନ୍ୟ । ସମାପ୍ତି ଅବଧି: ୧୨ (ବାର) ମାସ । ବିଡରମାନେ ସେମାନଙ୍କର ମୂଳ/ସଂଶୋଧିତ ବିଡ୍‌ଗୁଡ଼ିକୁ କେବଳ ତା୧୧।୦୫।୨୦୨୧ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଦାଖଲ କରିବାରେ ସକ୍ଷମ ହେବେ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ । ବିବରଣୀ ଆମର ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ।
ସିନିୟର ଡିଭିଜନାଲ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର
PR/R/S&T/AP/03 ଏସ୍ଇସି ରେଳପଥ/ରାୟପୁର
South East Central Railway @secrail

# ବିନା ଅନୁମତିରେ ସଦର ମହକୁମା ଛାଡ଼ିପାରିବେନି ଅଧିକାରୀ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳ ସମସ୍ୟା ଥିବା ଅଞ୍ଚଳଗୁଡ଼ିକରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ପାନୀୟଜଳ ପାଇଁ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେନେଇ ବିଭାଗ ସଜାଗ ରହିଛି। ଦାୟିତ୍ୱରେ ଥିବା ଅଧିକରୀମାନେ ବିନା ଅନୁମତିରେ ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

ଏହି ଅବସରରେ ମନ୍ତ୍ରୀ ଜେନା କହିଛନ୍ତି, ରାଜ୍ୟର ଗ୍ରାମାଞ୍ଚଳରେ ଯେଉଁଠି ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବ ସେହିସବୁ ସ୍ଥାନରେ ନୂତନ ନଳକୂପ ସ୍ଥାପନ ନିମନ୍ତେ ନିଷ୍ପତ୍ତି ହୋଇଛି। ଏନେଇ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ଜଳକ୍ଲିଷ୍ଟ, ନୂତନ ଭାବେ ଗଢ଼ି ଉଠିଥିବା ପଡ଼ାଗ୍ରାମ ଓ ୭୦ରୁ ଅଧିକ ଜନସଂଖ୍ୟା ପାଇଁ ଏକ ନୂତନ ନଳକୂପ ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସୌରଚାଳିତ ନଳକୂପଗୁଡ଼ିକୁ ୧୫ଦିନ ମଧ୍ୟରେ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପଞ୍ଚାୟତ, ବ୍ଲକ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟରେ ମରାମତି, ରକ୍ଷଣାବେକ୍ଷଣ ଓ ତଦାରଖ ପାଇଁ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଆହୁରି ମଧ୍ୟ ପ୍ରତି ଶନିବାର ବ୍ଲକ୍‌ସ୍ତରରେ ଓ ମଙ୍ଗଳବାର ଜିଲାସ୍ତରରେ ସମୀକ୍ଷା କରାଯାଇ ପରିସ୍ଥିତିର ମୁକାବିଲା ପାଇଁ କୁହାଯାଇଛି। ଗ୍ରାମାଞ୍ଚଳରେ ଜଳ ଯୋଗାଣ ସମସ୍ୟା ଜନିତ ଅଭିଯୋଗ ପାଇଁ ଦେୟମୁକ୍ତ ୧୯୧୬ ନମ୍ବରରେ ଅଭିଯୋଗ କରିପାରିବେ। ରାଜ୍ୟର ୧୧୪ଟି ସହରାଞ୍ଚଳ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯୪ଟି ସହରାଞ୍ଚଳରେ ୬୫୦ଟି ଜଳକ୍ଲିଷ୍ଟ ସ୍ଥାନକୁ ଚିହ୍ନଟ କରାଯାଇଛି। ମୋଟ ୧୨ଲକ୍ଷ ୧୭ ହଜାର ଗୃହ ମଧ୍ୟରୁ ୮,୩୦,୦୦୦ ଗୃହକୁ ପାନୀୟ ଜଳ ସଂଯୋଗ କରାଯାଇଛି। ସହରାଞ୍ଚଳରେ ଥିବା ୩୬୯୩୨ଟି ନଳକୂପକୁ କାର୍ଯ୍ୟକ୍ଷମ ରଖାଯାଇଛି। ଆବଶ୍ୟକ ସ୍ଥଳେ ଜରୁରୀ ମରାମତି କରାଯାଇ ଜଳ ଯୋଗାଣ ଅବ୍ୟାହତ ରଖିବାକୁ ୧୬୧ ଗୋଟି ଭ୍ରାମ୍ୟମାଣ ଦଳ ନିୟୋଜିତ ହୋଇଛନ୍ତି। ୧୫୬ଟି ନିୟନ୍ତ୍ରଣ କକ୍ଷ ଓ ମୋ ସରକାର କେନ୍ଦ୍ର ସ୍ଥାପନ କରାଯାଇ ପାନୀୟଜଳ ସମ୍ପର୍କିତ ଅଭିଯୋଗ ଗ୍ରହଣ ଓ ୨୪ ଘଣ୍ଟା ମଧ୍ୟରେ ସମାଧାନ ବ୍ୟବସ୍ଥା କରାଯାଇଛି। ଯୋଗାଇ ଦିଆଯାଉଥିବା ପାଣିର ଗୁଣବତ୍ତା ନିୟମିତ ଭାବେ ପରୀକ୍ଷା କରାଯାଉଛି। ୨୬ ସହର ପାଇଁ ବିଭିନ୍ନ ନଦୀରେ ୩୦ କ୍ରସ୍‌ବନ୍ଧ ନିର୍ମାଣ କରାଯାଇ ଗ୍ରୀଷ୍ମ ସମୟରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ସହରାଞ୍ଚଳରେ ପାନୀୟ ସମ୍ପର୍କିତ ସମସ୍ୟା ବା ଅଭିଯୋଗ ନିମନ୍ତେ ୧୫୫୩୫୯ ଏବଂ ୧୮୦୦୩୪୫୬୭୮୪୩ ୨ଟି ଦେୟମୁକ୍ତ ଟେଲିଫୋନ ନମ୍ବର ରହିଛି। ଗ୍ରୀଷ୍ମ ପ୍ରବାହ ସମୟରେ ଜଳଯୋଗାଣ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ସତର୍କ କରିଛନ୍ତି।

**ଗ୍ରୀଷ୍ମ ପ୍ରବାହ ଲାଗି ସରକାରଙ୍କ ନୂଆ ନିର୍ଦ୍ଦେଶ**

# ଛତିଶଗଡ଼, ଝାଡ଼ଖଣ୍ଡ ସୀମା ସିଲ୍ କଲା ସୁନ୍ଦରଗଡ଼ ପୋଲିସ

**ସୁନ୍ଦରଗଡ଼, ୧୨।୪ (ଡି.ଏନ୍.ଏ.)**

ରାଜ୍ୟରେ ସୁନ୍ଦରଗଡ଼ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ନେଇ ଚିନ୍ତା ବଢ଼ିଛି। ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ଲାଗିଥିବା ଏହି ଜିଲାରେ କରୋନା ସଂକ୍ରମଣ ବୃଦ୍ଧିକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୋମବାର ସୀମା ସିଲ୍ କରାଯାଇଛି। ଛତିଶଗଡ଼ ସୀମାବର୍ତ୍ତୀ ସୁନ୍ଦରଗଡ଼ର ବାଲିଶଙ୍କରା, ସବ୍‌ଡେଗା, ହେମଗିର ବ୍ଲକ ଏବଂ ଝାଡ଼ଖଣ୍ଡ ସୀମାବର୍ତ୍ତୀ ସବ୍‌ଡେଗା, ବଡ଼ଗାଁ, କୁତ୍ରା, କୁଆଁରମୁଣ୍ଡା ଓ ନୂଆଗାଁ ବ୍ଲକର ସୀମାବର୍ତ୍ତୀ ଅଞ୍ଚଳ ଉପରେ କଡ଼ା ନଜର ରଖାଯାଇଛି। ସୁନ୍ଦରଗଡ଼ରୁ ଛତିଶଗଡ଼କୁ ଚଳାଚଳ କରୁଥିବା ବସ୍‌କୁ ବନ୍ଦ କରାଯାଇଥିବାବେଳେ ସୋମବାର ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ପୋଲିସ ସିଲ୍ କରିଛି। ଉଭୟ ରାଜ୍ୟରୁ ଯିବା ଆସିବା କରୁଥିବା ବ୍ୟକ୍ତିମାନଙ୍କୁ ଯାଞ୍ଚ କରାଯାଉଛି। ଛତିଶଗଡ଼ ସୀମାବର୍ତ୍ତୀ ହେମଗିର ବ୍ଲକର ଟପରିଆ, ବାଲିଶଙ୍କରା ବ୍ଲକର ତେଲିଯୋର, ଉଲୁଟୁଡିହି ଓ ଝାଡ଼ଖଣ୍ଡ ସୀମାବର୍ତ୍ତୀ କୁଆଁରମୁଣ୍ଡା ବ୍ଲକର ବୀରମିତ୍ରପୁରଠାରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ତନଖି ଫାଟକ ଖୋଲାଯାଇଛି। ସେଠାରେ ପୋଲିସ, ପରିବହନ ବିଭାଗ ଓ ମେଡିକାଲ ଟିମ୍ ମୁତୟନ କରାଯାଇଛି ବୋଲି ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଉଭୟ ରାଜ୍ୟରୁ ସୁନ୍ଦରଗଡ଼ ଜିଲା ମଧ୍ୟକୁ ଆସୁଥିବା ଯାନବାହନଗୁଡିକ ଯାଞ୍ଚ କରିବା ସହ ଲୋକମାନଙ୍କର ୭୨ଘଣ୍ଟା ମଧ୍ୟରେ ଆର୍‌ଟି-ପିସିଆର ଟେଷ୍ଟ ନେଗେଟିଭ ସାର୍ଟିଫିକେଟକୁ ଯାଞ୍ଚ କରାଯାଉଛି। ଯାହାର ଓଡ଼ିଶାରେ ଘରଥିବ ସେହି ବ୍ୟକ୍ତିମାନଙ୍କୁ ସେଠାରେ ମୁତୟନ ଥିବା ମେଡିକାଲ ଟିମ୍ ଦ୍ୱାରା ନମୁନା ସଂଗ୍ରହ କରାଯାଇ ୭୨ଘଣ୍ଟା ମଧ୍ୟରେ ରିପୋର୍ଟ ନେବାକୁ କୁହାଯାଉଛି।


ଛତିଶଗଡ଼ ସୀମାବର୍ତ୍ତୀ ବାଲିଶଙ୍କରା ବ୍ଲକ ତେଲିଯୋରଠାରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି।

**ODISHA JOINT ENTRANCE EXAMINATION, 2021 (OJEE 2021)**

No: OJEE/150 Date:09.04.2021

**RE-TENDER CALL NOTICE**

**Re-Tender Call for Proposal and Quotation for conducting the Joint Entrance Examination 2021(Computer-Based-Test) Examination**

No. h-01: Re-Tenders are invited from eligible, reputed and qualified IT Firms with sound technical and financial capabilities for implementation and maintenance of Computer Based System for conducting entrance examination of OJEE 2021 under two bid system. The tenderers must apply in the prescribed tender documents available on the websites of OJEE. i.e. **www.odishajee.com / www.ojee.nic.in**. The last date of submission of the tender is **24th April, 2021 by 5.00 P.M**. Tenderers, who have already submitted bids, have to submit fresh bids again. However, EMD deposited will be adjusted.
Note: Chairman, OJEE may relax one or more conditions at his discretion.
The OJEE Authority reserves the right to cancel the tender without assigning any reason thereof.

**Sd./- Chairman, OJEE**
OIPR-14020/11/0001/2122

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, RAIRANGPUR DIVISION**
Tel. No.:- (06794) – 222036 (O) 222008 (R) e-mail-dforrp@gmail.com

**TENDER CALL NOTICE**

**No. MM-07:-** Sealed tenders are invited from intending individuals / Suppliers / Firms having valid Trade License and GSTIN for supply of the following materials of different model and specification to Rairangpur Forest Division as annexed in Annexure-I of the Tender Notice.

A sum of Rs. 5,000/- (Rupees Five Thousand) only per bidder shall be deposited by the intending bidders in the DFO-CUM-DMU CHIEF, RAIRANGPUR FOREST DIVISION A/c No. 39223825840 of State Bank of India, Branch - Rairangpur Branch with IFSC code SBIN0000163 of the Divisional Forest Officer, Rairangpur Forest Division. After completion of tender process, the amount will be refunded to unsuccessful bidders. In case of successful tenderers, the EMD will be converted to performance security deposit. The performance security or security deposit is liable for forfeiture in full or part on violation of terms and conditions of the tenderer.

The application form of tender containing General Bid information and terms and conditions for supplying materials will be available in the website www.mayurbhanj.nic.in and can also obtained from the SMS - GIS / MIS, Office of the Divisional Forest Officer, Rairangpur Forest Division on transaction details showing payment of Rs.1000/- (Rupees One Thousand) only through online to A/c No. 39223825840 of State Bank of India, Rairangpur Branch with IFSC code SBIN0000163 towards participation cost/tender cost etc. in the tender process. The amount of Rs.1000/- (Rupees One Thousand) towards Tender cost/participation cost in the process is nonrefundable. The Tender Document downloaded from website and submitted must be accompanied by the deposit of Tender Cost of Rs.1000/- (Rupees One Thousand) in Account Number provided above, failing which the bidding in tender process is liable for rejection.

The Tender will be received through online in email ID- dforrp@gmail.com only till 05:00 PM of 22.04.2021 and will be opened online only by the purchase committee of the office of the Divisional Forest Officer, Rairangpur Forest Division on 26.04.2021. The result of the tender will be published on 26.04.2021 itself. The Tender document incomplete in any form and submitted after scheduled time and date will be out rightly rejected as per the terms and condition of the tender document.

The Tender will be finalized and approved by the Purchase Committee of the Divisional Forest Officer, Rairangpur Forest Division for placing order to supply the materials and the indent in number of materials will be decided by the Purchase Committee as per the availability of funds after completion of the Tender process.

In case any bidder is not able to submit tender documents online due to any sort of unforeseen technical fault he/she may submit the same in the tender Box kept in the Office with SMS – GIS / MIS of the office or may send to the office of the Divisional Forest Officer, Rairangpur Forest Division via Speed Post/ Regd. Post/ Courier Service etc. so as to reach the undersigned on or before 05:00 PM of 22.04.2021.

**Sd./- DFO-cum-DMU Chief, Rairangpur Forest Division**
OIPR-08055/11/0001/2122

## ସଂକ୍ଷେପରେ

### ଚଣ୍ଡିଖୋଲ କୋର୍ଟରେ ୩ କୋଭିଡ୍ ସଂକ୍ରମିତ ଚିହ୍ନଟ

**ଚଣ୍ଡିଖୋଲ,୧୨।୪(ଡି.ଏନ.ଏ.):** ଚଣ୍ଡିଖୋଲ କୋର୍ଟର ଜେଏମ୍ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟି ୯ ତାରିଖରୁ କୋଭିଡ୍ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ସୋମବାର କୋର୍ଟ ପରିସରରେ ଏକ କୋଭିଡ୍ ଟେଷ୍ଟିଂ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଆଇନଜୀବୀ, ମୋହରିର ଓ ଅନ୍ୟ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ଟେଷ୍ଟିଂ ପରେ ୨ଜଣ ମହିଳା କର୍ମଚାରୀ କୋଭିଡ୍ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହାପରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ତରଫରୁ କୋର୍ଟ ପରିସରକୁ କଣ୍ଟେନ୍‌ମେଣ୍ଟ୍ ଜୋନ ଘୋଷଣା କରିବା ପାଇଁ ଜିଲା ଜଜଙ୍କ ନିକଟରେ ଦାବି ହୋଇଛି।

### ଭାରତୀୟ ଯୋଗ ସଂସ୍ଥାନର ପ୍ରତିଷ୍ଠା ଦିବସ

**ବଡ଼ଚଣା,୧୨।୪(ଡି.ଏନ.ଏ.):** ଛତିଆସ୍ଥିତ ଶଶିଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଛତିଆ ଯୋଗକେନ୍ଦ୍ର ଆନୁକୂଲ୍ୟରେ ଭାରତୀୟ ଯୋଗ ସଂସ୍ଥାନର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ସାଧିକାସାଧକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାଧିକାସାଧକମାନେ ଯୋଗାସନ କରିଥିଲେ। ଏହାପରେ ହାଟକରନ୍ଧା ଯୋଗକେନ୍ଦ୍ରରେ ପ୍ରମୁଖ ସଦସ୍ୟ ଲକ୍ଷ୍ମୀଧର ନାୟକ, କଇଥା-ଚମ୍ପାପୁର ଯୋଗକେନ୍ଦ୍ରର ପ୍ରମୁଖ ସଦସ୍ୟ ପ୍ରମୋଦ କୁମାର ରାଉଳ, ପବିତ୍ର କୁମାର ଦାସ, ଛତିଆ କେନ୍ଦ୍ରର କେଶବ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଯୋଗ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗଣେଶ୍ୱର ନନ୍ଦ, ବସନ୍ତ ଷେଣ୍ଟ, ନେତାଜୀ ପଣ୍ଡା, ଅନୁ ସାମଲ, ଅଞ୍ଜନା ରାଉତ ଓ ଉର୍ମିଳା ସାମଲ ପ୍ରମୁଖ ସହଯୋଗ କରିଥିଲେ। ଛତିଆ କେନ୍ଦ୍ରର ମୁଖ୍ୟ ପରିଚାଳକ ସଚ୍ଚିଦାନନ୍ଦ ସାହୁ ଏହାକୁ ସଂଯୋଜନା କରିଥିଲେ।

### ଅନାସ୍ଥା ପ୍ରସ୍ତାବ ଆଣିଲେ ଧୂମାତ ୱାର୍ଡ ସଭ୍ୟାସଭ୍ୟ

**କେନ୍ଦ୍ରାପଡା ଅଫିସ, ୧୨।୪:** କେନ୍ଦ୍ରାପଡା ବ୍ଲକ ଧୂମାତ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତସ୍ଥ କେତେଗୋଟି ୱାର୍ଡର ସଭ୍ୟାସଭ୍ୟ ଉପଜିଲାପାଳଙ୍କ ନିକଟରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସୋମବାର ଆଣିଛନ୍ତି। ଏଥିସହ ଉନ୍ନୟନ କାର୍ଯ୍ୟର ତଦନ୍ତ ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା ଦେଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ପ୍ରକାଶ ଦାସ କହିଛନ୍ତି, ଧୂମାତରେ ଥିବା ଏକମାତ୍ର ଗୋଚର ଜମିରୁ ମାଟି ବିକ୍ରି କରିବା ଯୋଗୁ ଗୃହପାଳିତ ପଶୁଙ୍କ ଚାରଣ ଭୂଇଁ ନଷ୍ଟ ହୋଇଛି। ଏହା ସହିତ ଗୋଟିଏ ରାସ୍ତାକୁ ଦୁଇଥର ବିଲ୍ କରାଯାଇଥିବାରୁ ଅର୍ଥ ବ୍ୟୟରେ ଅନିୟମିତତା ଅଛି। ଅନ୍ୟାନ୍ୟ ଅନିୟମିତତା ଥିବାରୁ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ଏ ସମ୍ପର୍କରେ ଉପ ଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପାଣି ପାଇଁ ଲାଗୁଛି ଲମ୍ବାଧାଡ଼ି

**ବଡ଼ଚଣା ବ୍ଲକ**
- କାର୍ଯ୍ୟକ୍ଷମ ହେଉନି ପାନୀୟ ଜଳ ପ୍ରକଳ୍ପ

**ଚଣ୍ଡିଖୋଲ,୧୨।୪(ଡି.ଏନ.ଏ.)**



ପାଣି ପାଇଁ ମହିଳାମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ବଡ଼ଚଣା ବ୍ଲକ ଅଧୀନ ବଡ଼ଚଣା ପଞ୍ଚାୟତର ରାକଡ଼ ସାହିରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି। ସାହିରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିଲାବେଳେ ଏକମାତ୍ର ନଳକୂପ ସେମାନଙ୍କର ସାହାଭରସା। ତେବେ ଯେଉଁ ଗୋଟିଏ ନଳକୂପ ଅଛି ତାହାର ଜଳ ଏବେ ପାନୀୟ ଉପଯୋଗୀ ନୁହେଁ। ତଥାପି ସେଠାରୁ ଜଳ ସଂଗ୍ରହ କରିବା ପାଇଁ ଗ୍ରାମର ମହିଳାମାନେ ଲମ୍ବା ଧାଡ଼ି ଲଗାଉଛନ୍ତି। ଯାହା ସୋମବାର ଦେଖିବାକୁ ମିଳିଛି।

୨୦୧୭ରେ ଏଠାରେ ଏକ ଭୂତଳ ଜଳ ପ୍ରକଳ୍ପ କରାଯାଇଥିଲା। ପାନୀୟ ଜଳ ଯୋଗାଇ ଦେବା ପାଇଁ ଏଠାରେ ୪ଟି ଟାଙ୍କି ଓ ସେଥିରେ ଟ୍ୟାପ ସଂଯୋଗ କରାଯାଇ ମାତ୍ର ୮ ଦିନ ଜଳ ଯୋଗାଣ ପରେ ଏହା ବନ୍ଦ ହୋଇଯାଇଥିଲା। ସରକାରୀ ଭାବେ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରା ନ ଯାଇ ଜଣେ ବ୍ୟକ୍ତିଙ୍କ ଘରୁ ବିଦ୍ୟୁତ୍ ସଂଯୋଗ କରାଯାଇ ଜଳ ଯୋଗାଣ କରାଯାଉଥିଲା। ସମ୍ପୃକ୍ତ ବ୍ୟକ୍ତି ବିଦ୍ୟୁତ୍ ସଂଯୋଗ କାଟି ଦେବାରୁ ଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମବାସୀ ସରପଞ୍ଚଙ୍କ ଜରିଆରେ ସ୍ଥାନୀୟ ବିଡିଓଙ୍କ ପାଖରେ ପହଞ୍ଚି ଏହାର ସମାଧାନ ଦାବି କରିଥିଲେ। ବିଡିଓ ମଧ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ। ଗ୍ରାମରେ ଥିବା ଏକମାତ୍ର ନଳକୂପରୁ ଲୌହ ମିଶ୍ରିତ କଳାପାଣି ବାହାରୁଛି। ବାଧ ହୋଇ ଲୋକେ ତାହାକୁ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସେମାନେ ନାନାଦି ରୋଗ ବ୍ୟାଧିରେ ପଡୁଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ତରଫରୁ କରାଯାଇଥିବା ଏହି ପ୍ରକଳ୍ପ କାର୍ଯ୍ୟଶେଷ ହୋଇଛି ବୋଲି ଦର୍ଶାଯାଇଛି। କିନ୍ତୁ ପ୍ରକୃତପକ୍ଷେ ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ପାଣି ଟାଙ୍କିଗୁଡିକ ଠିଆ ହୋଇଥିଲା ବେଳେ ବୋରିଂରୁ ପାଣି ପମ୍ପ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ବ୍ଲକ ମୁଖ୍ୟାଳୟରୁ ମାତ୍ର ଅଧକିଲୋମିଟର ଦୂରରେ ଥିବା ଏହି ସାହିରେ ଜଳ ସମସ୍ୟା ଦୂର ହୋଇପାରୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଯଦି ଆଗକୁ ପାନୀୟ ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏ ବ୍ଲକ ସମ୍ମୁଖରେ ଗରା, ବାଲିଟି ଧରି ଧାରଣାରେ ବସିବେ ବୋଲି ସାହିର ୱାର୍ଡ ସଭ୍ୟା ପଦ୍ମା ବିଶ୍ୱାଳ, ପୂର୍ବତନ ୱାର୍ଡ ସଭ୍ୟ ବଳି ବେହେରା, ତ୍ରିଲୋଚନ ବେହେରା, ବନିତା ବେହେରା, ପ୍ରଭାସିନୀ ବେହେରା, ମାଙ୍ଗା ରାଓ, ଭାଗବତ ପଣ୍ଡା, ଶ୍ରୀମତୀ ହେମ୍ବ୍ରମ, ଜଳଧର ଦେହୁରୀ, ଉଦୟ ହାସ୍ଦା, ଭୀମସେନ ସାହୁ, ବାସନ୍ତୀ ସେଠୀ, ସୁନିଆ ମାରାଣ୍ଡି, ମୀନା ଟିପ୍ପୁ ଓ ସଂଯୁକ୍ତା ପାତ୍ର ପ୍ରମୁଖ ଚେତବାନୀ ଦେଇଛନ୍ତି। ଏସମ୍ପର୍କରେ ବିଡିଓ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ହେବ। ଏଥିଲାଗି ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ଦେଖିବାକୁ ଅପେକ୍ଷା କେବେ ଲୋକଙ୍କ ସମସ୍ୟା ସମାଧାନ ହେଉଛି।

# 'ଆସିଥିବା ଏକ କୋଟି ଟଙ୍କାକୁ ତୁରନ୍ତ କାର୍ଯ୍ୟରେ ଲଗାଅ'

**ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ**

**ରାହାମା,୧୨।୪(ଡି.ଏନ୍.ଏ)**

ଜଗତସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୋମବାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଂସୁରା ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବାସହ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ବୁଝିଥିଲେ। ସେ ସରପଞ୍ଚ ସ୍ମୃତିରେଖା ସ୍ୱାଇଁଙ୍କ ସହ ଆଲୋଚନା କରିବା ସହ ଲୋକଙ୍କ ପାଖରେ କିପରି ଜନହିତକାରୀ ଯୋଜନା ଗୁଡ଼ିକ ପହଞ୍ଚିପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପଞ୍ଚାୟତ ଅଧୀନରେ ଥିବା ଏକ କୋଟି ଟଙ୍କାକୁ ତୁରନ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାଇବା ପାଇଁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ ଅମୀୟ କୁମାର ପଣ୍ଡା, ଜିପିଓ ଅର୍ଜୁନ କୁମାର ରାହୁଲ,ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ରାଉତ,କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବାରିକ୍, ଜଳପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ମିତାରାଣୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇକେଲ ଦୋକାନରେ ଶିଶୁଙ୍କ ସଙ୍ଗୀତ ଶିକ୍ଷା




ସାଇକେଲ ଦୋକାନ ପାଲଟିଛି ସଙ୍ଗୀତ ଶାଳା।

**ମହାକାଳପଡା,୧୨।୪ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲାର ରଞ୍ଜନ ମଣ୍ଡଳଙ୍କ ୩ ବର୍ଷୀୟ ଶିଶୁ ରୋହିତ, ନିଜ ଅଜା ମାଧ ସାଇକେଲ ଦୋକାନରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିବା କୁହାଯାଇଛି। ଶିଶୁଟିର ସଙ୍ଗୀତ ପ୍ରତି ଆଗ୍ରହ ଦେଖି ଅଜା ମାଧ ନିଜ ସାଇକେଲ ଦୋକାନରେ ଶିକ୍ଷା ଦେଉଛନ୍ତି। ଶିଶୁଟି ସଙ୍ଗୀତର ତାଳେ ତାଳେ ଗୀତ ଗାଉଛି। ଭବିଷ୍ୟତରେ ଜଣେ ସଙ୍ଗୀତଜ୍ଞ ହେବେ ବୋଲି ପରିବାର ଲୋକେ କହିଛନ୍ତି। ଶିଶୁକୁ ଅଧିକ ତାଲିମ ପ୍ରଦାନ କରାଗଲେ ଭଲ କଳାକାର ହୋଇପାରନ୍ତା, ହାରମୋନିଅମ୍‌ର ପ୍ରାଥମିକ ତାଲ୍ ଖୁବ୍‌ଶୀଘ୍ର ଧରିବା ଦେଖିବାକୁ ମିଳୁଛି। ସରକାରୀ, ବେସରକାରୀ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହଯୋଗ ମିଳିଲେ ଗରିବ ଶିଶୁଟି ସଙ୍ଗୀତ ସମାଜରେ ଖୁବ୍ ପ୍ରତିଷ୍ଠିତ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ସୂର୍ଯ୍ୟଙ୍କ ଅପେକ୍ଷାରେ ମହାକାଳ

**ରାତି ପାହିଲେ ମହାବିଷୁବ ସଂକ୍ରାନ୍ତି**

**ବରୀ,୧୨।୪(ଡି.ଏନ.ଏ.)**



ମହାକାଳ ପୀଠର ପ୍ରବେଶ ଦ୍ୱାର।

ଆସନ୍ତା ୧୪ ତାରିଖ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି। ଏହି ଦିନ ବରୀ ବ୍ଲକ ଅଧୀନ ରତ୍ନଗିରି ପାହାଡ଼ ଉପରେ ଥିବା ଧର୍ମରାଜ ମହାକାଳଙ୍କ ପୀଠରେ ପ୍ରସିଦ୍ଧ ଚାଙ୍ଗୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ପଣା ସଂକ୍ରାନ୍ତିରେ ପଶ୍ଚିମମୁଖୀ ମହାକାଳଙ୍କ ଉପରେ ସୂର୍ଯ୍ୟଙ୍କ କିରଣ ବିଚ୍ଛୁରିତ ହୋଇପଡ଼ିଥାଏ। ସୂର୍ଯ୍ୟଦେବତା ହେଉଛନ୍ତି ମହାକାଳଙ୍କ ପିତା ତେଣୁ ବାପାଙ୍କ ମିଳନକୁ ମହାକାଳ ଅପେକ୍ଷା କରି ରହିଛନ୍ତି। ପରମ୍ପରା ଅନୁଯାୟୀ ଏକ ନୂଆ ଚାଙ୍ଗୁଡ଼ାରେ ୭ଟି ଆମ୍ବ ମହାକାଳଙ୍କ ପାଖରୁ ପୂଜା ହୋଇ ନିକଟ କେଲୁଅ ନଦୀ କୂଳକୁ ଯାଏ। ସେଠାରେ ଏକ କୁମ୍ଭୀର ଆସି କୂଳରେ ପହଞ୍ଚେ। କୁମ୍ଭୀର ମଥାରେ ସିନ୍ଦୂର ଲଗାଯାଇ ପୂଜାର୍ଚ୍ଚନା କରାଯବା ପରେ ଚାଙ୍ଗୁଡ଼ାକୁ ମହାକାଳଙ୍କ ନିକଟକୁ ଫେରାଇ ଅଣାଯାଏ। କିନ୍ତୁ କ୍ରମଶଃ ରକ୍ଷଣାବେକ୍ଷଣା ଅଭାବରୁ ଏବେ କେଲୁଅ ନଦୀ ପୋତି ହୋଇ ଯାଇଥିବା ବେଳେ ଆଉ କୁମ୍ଭୀର ମଧ ନାହାନ୍ତି। ପରମ୍ପରା ଅନୁଯାୟୀ ନଦୀ କୂଳରେ ଚାଙ୍ଗୁଡ଼ାରେ ଆମ୍ବ ରଖି ପୂଜାପାଠ କରାଯାଉଛି। ନିସନ୍ତାନ ଦମ୍ପତି ଏହି ଆମ୍ବ ଖାଇଲେ ସନ୍ତାନ ପ୍ରାପ୍ତି ହେବା ବିଶ୍ୱାସ ରହିଛି। ୧୦୮ ବେତ ବାଡ଼ି ଧରି ବ୍ରାହ୍ମଣମାନେ ଚାଙ୍ଗୁଡ଼ା ଆମ୍ବକୁ ସୁରକ୍ଷା ବଳୟରେ ନଦୀ କୂଳ ପର୍ଯ୍ୟନ୍ତ ନେଇଥାନ୍ତି। ଏହି ମହାକାଳ ଦେବତାଙ୍କୁ ଧର୍ମରାଜ ଯମରାଜ/ଶିବଚଣ୍ଡୀ ଭାବେ ପୂଜା କରାଯାଇଥାଏ ବୋଲି ପଣ୍ଡାମାନେ କୁହନ୍ତି। ଏହି ଠାକୁରଙ୍କ ନିକଟରେ କୃଷ୍ଣପକ୍ଷରେ ବେଲ ପତ୍ର ଓ ଶୁକ୍ଳ ପକ୍ଷରେ ତୁଳସୀ ପତ୍ର ଭୋଗ ଲାଗିଥାଏ। ଠାକୁରଙ୍କ ରକ୍ଷଣାବେକ୍ଷଣ ପାଇଁ ୯୦ ଏକରରୁ ଉର୍ଦ୍ଧ୍ୱ ଜମି ରହିଛି। ୧୫ ଘର ବ୍ରାହ୍ମଣ ଠାକୁରଙ୍କ ପୂଜାର୍ଚ୍ଚନା କରୁଛନ୍ତି। ପୀଠରେ ମା'ଦୁର୍ଗା ମହିଷାସୁରଙ୍କୁ ବଧ କରିଥିଲେ ବୋଲି କୁହାଯାଏ। ତେଣୁ ଏହି ପୀଠର ନାମ ବ୍ରହ୍ମପୀଠ ବୋଲି ପୌରାଣିକ କିମ୍ବଦନ୍ତୀ ରହିଛି। ଏଠାରେ ୩୩ କୋଟି ଦେବତା ଅଛନ୍ତି ବୋଲି ପଣ୍ଡାମାନେ ଯୁକ୍ତି ବାଢ଼ନ୍ତି। ପ୍ରସିଦ୍ଧ ଚାଙ୍ଗୁଡ଼ା ଯାତ୍ରା ପାଇଁ ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ମାତ୍ର ଗତ ବର୍ଷ ଭଳି ଚଳିତ ବର୍ଷ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଚାଙ୍ଗୁଡ଼ା ଯାତ୍ରା କଡ଼ା କଟକଣା ମଧ୍ୟରେ ହେବ। ତିନି ଦିନ ଧରି ଏହି ଯାତ୍ରା ଚାଲିବ। ପାହାଡ଼ ଉପରେ ବିଦ୍ୟୁତ୍, ପାନୀୟ ଜଳର ବ୍ୟାପକ ଅବ୍ୟବସ୍ଥା ରହିଛି। ପାହାଡ଼ର ପାଚେରି ଭାଙ୍ଗିରୁଜି ଯାଇଛି। ଏବେ ପାଚେରି ନିର୍ମାଣ ଚାଲିଥିଲେ ମଧ ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ମହାକାଳ ମନ୍ଦିର ନିର୍ମାଣ କରାଯାଇଥିଲେ ହେଁ ୨୧ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ନିକଟରେ ଯାତ୍ରୀ ବିଶ୍ରାମଗାର ଭାଙ୍ଗିରୁଜି ଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପାହାଡ଼ ଉପରେ ଜଙ୍ଗଲ ସୃଷ୍ଟି ହୋଇଯାଇଛି। ବିଶ୍ୱପ୍ରସିଦ୍ଧ ରତ୍ନଗିରିକୁ ରେଳପଥ ସହ ଓଟିଡିସି ପକ୍ଷରୁ ଯାତ୍ରୀବାହୀ ବସ୍ ଯାତାୟାତ, ପାନୀୟ ଜଳ, ବିଦ୍ୟୁତ୍ ଆଲୋକର ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ସିମେଣ୍ଟ କାରଖାନାର ୪୦ କର୍ମଚାରୀ ପଜିଟିଭ, ଜଣେ ମୃତ

**ବଡ଼ଚଣା,୧୨।୪(ଡି.ଏନ.ଏ.)**

ଯାଜପୁର ଓ କଟକ ଜିଲା ସଂଯୋଗସ୍ଥଳ ବିଶାଳିଠାରେ ଥିବା ଏକ ସିମେଣ୍ଟ କାରଖାନାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏପରି କି କରୋନାରେ ଆକ୍ରାନ୍ତ ଜଣେ କର୍ମଚାରୀଙ୍କ ସୋମବାର ମୃତ୍ୟୁ ଘଟିଛି। ୪୦ରୁ ଉର୍ଦ୍ଧ୍ୱ କମଚାରୀ ଏବେ ସଂକ୍ରମିତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସାଧୀନ ଅଛନ୍ତି। ମୃତ କର୍ମଚାରୀ ହେଲେ କାରଖାନାର ଆକାଉଣ୍ଟାଣ୍ଟ ଅଶୋକ ବାରିକ(୪୫)। ସେ କିଛିଦିନ ହେବ କରୋନା ସଂକମ୍ରିତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ନିଜଘର ମୟୂରଭଞ୍ଜ ଜିଲାରେ ବୋଲି ଜଣାପଡ଼ିଛି। ସେହିପରି ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତଙ୍କ ମଧ୍ୟରୁ ୨୨ଜଣ ଇଞ୍ଜିନିୟର ଓ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ବାକି ଅନ୍ୟମାନେ କାରଖାନାର କର୍ମଚାରୀ ବୋଲି ସୂଚନା ମିଳିଛି। କାରାଖାନାରେ ଅନେକ କର୍ମଚାରୀ କାମ କରୁଥିବାରୁ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଯଦି ଏ ଦିଗରେ ସ୍ଥାନୀୟ ପ୍ରଶାସନ ତତ୍ପର ନ ହେବ ତେବେ ସଂକ୍ରମଣ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେଣୁ କାରଖାନାର ସମସ୍ତ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

# ଡାକ୍ତର ଆସୁନାହାନ୍ତି, ରୋଗୀ ଫେରୁଛନ୍ତି

**ବରୀ,୧୨।୪(ଡି.ଏନ.ଏ.)**

ସରକାର ରୋଗୀ ସେବାକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଦାୟିତ୍ୱରେ ଥିବା ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଅନୁପସ୍ଥିତ ରହିବା ଯୋଗୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାଲିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ର(ନୂତନ)ରେ। ଏହି ଚିକିତ୍ସା କେନ୍ଦ୍ର ଉପରେ ସାହୁପଡ଼ା, ଧାରପୁର, ବାଲିଆ, ଇଶାଣପୁର, ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ ଆଦି ପଞ୍ଚାୟତର ରୋଗୀ ନିର୍ଭର କରିଥାନ୍ତି। ୧୧ ତାରିଖ ରବିବାର ଏହି ଚିକିତ୍ସା କେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ଅନୁପସ୍ଥିତ ଥିବାରୁ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ଫେରିବାକୁ ପଡ଼ିଛି। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିବାବେଳେ ଅନ୍ୟ କର୍ମଚାରୀ ଛୁଟିଦିନ ଦର୍ଶାଇ ଆସି ନ ଥିଲେ। କୋଭିଡ୍‌କୁ ଦୃଷ୍ଟିରେ ରଖି ସରକାର ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତତ୍ପର ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏଠାରେ ସେସବୁର କୌଣସି ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି। କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ବି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସେମାନଙ୍କ କାହାକୁ ଭୟ ରହୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସବୀର ହୁସେନ କହିଛନ୍ତି, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଡାକ୍ତର ପ୍ରାୟତଃ ରବିବାର ଅନୁପସ୍ଥିତ ରହୁଥିବା ଅଭିଯୋଗ ଆସୁଛି। ତେଣୁ ସେମାନଙ୍କ ଦରମା ବନ୍ଦ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିବି ବୋଲି ପ୍ରକାଶ କରିଛନ୍ତି।

# ପୋଲିସ ଦୁର୍ବଳ, ଜମାକାରୀ ନିରାଶ

**ସାଇବର ଅପରାଧ**
- ମହିଳାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୩୫ ହଜାର ଗାଏବ ଘଟଣାକୁ ୨ ମାସ ବିତିଲାଣି
- ଟଙ୍କା ଫେରିପାଇବା ନେଇ ସନ୍ଦେହ ଘନୀଭୂତ

**ଯାଜପୁର ଟାଉନ,୧୨।୪(ଡି.ଏନ.ଏ.)**

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ବିରଜା ମନ୍ଦିର ଶାଖାର ଜଣେ ମହିଳା ଜମାକାରୀ ଠକେଇର ଶିକାର ହୋଇଛନ୍ତି। ପଞ୍ଜାବର ଜଣେ ସାଇବର ଠକ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୩୫ ହଜାର ଲୁଟି ନେଇଛନ୍ତି। ତେବେ ଏହି ଘଟଣାକୁ ୨ ମାସ ବିତିଥିଲେ ମଧ ଏ ପର୍ଯ୍ୟନ୍ତ ଘଟଣାର ତଦନ୍ତ ସରି ପାରୁନାହିଁ। ତେଣୁ ମହିଳାଙ୍କୁ ତାଙ୍କ ଟଙ୍କା ମିଳିବ କି ନାହିଁ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସାଇବର ଅପରାଧ ଧରପଗଡ଼ କ୍ଷେତ୍ରରେ ପୋଲିସ ଦୁର୍ବଳ ବୋଲି ସ୍ପଷ୍ଟ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗର ହାତ ବଢ଼ାଇବା ପରିବର୍ତ୍ତେ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ଜମାକରୀ ଯାଜପୁର ଜିଲା ଜଜ୍‌ଙ୍କ ବ୍ୟକ୍ତିଗତ ସହାୟକ ଅଭିମନ୍ୟୁ ସାମଲଙ୍କ ସ୍ତ୍ରୀ ପୁଷ୍ପଲତା ସାମଲ କହିଛନ୍ତି।

ତାଙ୍କ କହିବା ଅନୁସାରେ, ଠକେଇର ଶିକାର ହେବା ନେଇ ସେ ସ୍ଥାନୀୟ ଥାନା ତଥା ଜିଲା ସାଇବର ଅପରାଧ ସେଲ୍ ଏବଂ ଏସ୍‌ବିଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ଯାଜପୁର ଥାନାରେ ମାମଲା (ନଂ.୬୩।୨୧)ରୁଜୁ ହୋଇଛି। ସେ ଅଭିଯୋଗରେ ଦର୍ଶାଇଥିଲେ, ବ୍ୟାଙ୍କର ଏକ ସ୍କିମ୍ ମୁତାବକ ଚଳିତ ବର୍ଷ ଜାନୁୟାରୀ ୧୪ରେ ତାଙ୍କ ଜମାଖାତାରେ ଥିବା ୧ ଲକ୍ଷ ୩୫ ହଜାର ୨୮୯ ଟଙ୍କା ମଧ୍ୟରୁ ପ୍ରତ୍ୟେକ ୪୦ ହଜାର ଟଙ୍କା ଲେଖାଏ ମୋଟ୍ ୧ ଲକ୍ଷ ୨୦ ହଜାର ଟଙ୍କାର ୩ଟି ବର୍ଷିକିଆ ଫିକ୍ସଡ୍ ଡିପୋଜିଟ୍ କରିଥିଲେ। ଡିପୋଜିଟର ୨୪ ଦିନ ପରେ ତଥା ୦୮।୦୨।୨୦୨୧ରେ ତାଙ୍କ ଜମା ଖାତାରେ ରହିଥିବା ୧୫,୨୮୯ ଟଙ୍କା ମଧ୍ୟରୁ ୧୫ ହଜାର ଟଙ୍କା କେହି ଉଠାଇ ନେଇଥିଲେ।

କେବଳ ସେତିକି ନୁହେଁ ପୂର୍ବରୁ ଥିବା ମୋବାଇଲ ନମ୍ବରକୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ବିନା ଅନୁମତିରେ ପରିବର୍ତ୍ତନ କରି ଦେଇଥିଲେ। ଏହାପରେ ହଠାତ୍ ବ୍ୟାଙ୍କର ଶାଖା ପରିଚାଳକ ୨୦।୦୨।୨୧ରେ ପୁଷ୍ପଲତାଙ୍କ ସ୍ୱାମୀ ଅଭିମନ୍ୟୁଙ୍କୁ ଫୋନ କରି ବ୍ୟାଙ୍କ ଆସିବାକୁ ଅନୁରୋଧ କରିଥିଲେ। ଦମ୍ପତି ବ୍ୟାଙ୍କରେ ପହଞ୍ଚି ଜମାଖାତା ଅପ୍‌ଡେଟ କରିବା ସହ ଫିକ୍ସଡ ଡିପୋଜିଟ ଆକାଉଣ୍ଟକୁ ତଦାରଖ କରିଥିଲେ। ଏହାପରେ ଜଣାପଡ଼ିଥିଲା ଯେ, ୪୦ ହଜାର ଟଙ୍କା ଲେଖାଏ ରହିଥିବା ୩ଟି ଫିକ୍ସଡ୍ ଡିପୋଜିଟର ୧ ଲକ୍ଷ ୨୦ହଜାର ଟଙ୍କା ଓ ଜମା ଖାତାରୁ ୧୫ ହଜାର ଟଙ୍କା କେହି ଉଠାଇ ନେଇଛନ୍ତି। ପୁଷ୍ପଲତାଙ୍କ ଆକାଉଣ୍ଟକୁ ଅନ୍ୟ କେହି ପରିଚାଳନା କରି ଫେବୃୟାରୀ ୧୧ ଓ ୧୨ରେ ଟଙ୍କା କାରବାର କରିଥିବା ସେ ଜାଣିବାକୁ ପାଇଥିଲେ। ତେବେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ବହୁ ପୂର୍ବରୁ ଅବଗତ ହୋଇଥିଲେ ମଧ ୧୧ ଦିନ ପରେ ତାଙ୍କୁ ଜଣାଇବା ସହ ଆକାଉଣ୍ଟକୁ ସାମୟିକ ଭାବେ ବ୍ଲକ କରିଥିଲେ। ସମ୍ପୃକ୍ତ ଠକ ବ୍ୟକ୍ତି କିପରି ଏକାଧିବାର ଏହି ବ୍ୟାଙ୍କରୁ ଟଙ୍କା ଉଠାଣ କରିଛନ୍ତି ସେ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ପଷ୍ଟ ସୂଚନା ଦେଇ ପାରୁନାହାନ୍ତି। ଯଦ୍ୱାରା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସନ୍ଦେହଘେରକୁ ଆସୁଛି। ତେବେ ଏନେଇ ପୁଷ୍ପଲତାଙ୍କ ସ୍ୱାମୀ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟ ଏବଂ ଏସ୍‌ବିଆଇର ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟାଳୟକୁ ଜଣାଇଥିଲେ ସୁଦ୍ଧା ସମାଧାନ ହୋଇ ପାରୁନାହିଁ। ଏନେଇ ଏସ୍‌ବିଆଇ ବିରଜା ମନ୍ଦିର ଶାଖା ପରିଚାଳକ ପ୍ରଶାନ୍ତ କୁମାର କର କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ପୁଷ୍ପଲତାଙ୍କ ଆକାଉଣ୍ଟକୁ କୌଣସି ସାଇବର ଅପରାଧୀ ପରିଚାଳନା କରୁଥିବା ନେଇ ଆମ ପାଖକୁ ପଞ୍ଜାବ ଏସ୍‌ବିଆଇ ମୁଖ୍ୟାଳୟରୁ ଖବର ଆସିଥିଲା। ଏହାପରେ ଆମେ ତାଙ୍କ ଆକାଉଣ୍ଟକୁ ବ୍ଲକ କରିଛୁ। ତଦନ୍ତ ଶୀଘ୍ର ସାରିବା ପାଇଁ ସାଇବର ସେଲ୍‌ଙ୍କ ନିକଟରେ ଦାବି କରି ଆସୁଛୁ। ଏସମ୍ପର୍କରେ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ପରେ ଠକେଇ ସମ୍ପର୍କରେ ଜଣାପଡ଼ିବ। ଏବେ କିଛି କହିହେବ ନାହିଁ। ଅନ୍ୟପକ୍ଷରେ ଏଭଳି ମାମଲାର ବିଳମ୍ବ ଯୋଗୁ ବ୍ୟାଙ୍କ ଉପରେ ଜମାକାରୀଙ୍କ ଭରସା ତୁଟୁଥିବା ଲକ୍ଷ୍ୟ କରାଯାଉଛି।

# ପାରାଦୀପ କଲେଜରେ ଛାତ୍ରୀଛାତ୍ରଙ୍କ ଧାରଣା



ପାରାଦୀପ କଲେଜ ପରିସରରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ପାରାଦୀପ,୧୨।୪(ସ୍ୱ.ପ୍ର,)**

ପାରାଦୀପ କଲେଜ ପରିସରରେ ୨ଟି ଦାବିକୁ ନେଇ ସୋମବାର ଯୁକ୍ତ ୩ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ସେମାନଙ୍କର ଦାବି କରିଥିଲେ, ଆସନ୍ତା ୨୦ରୁ ହେବାକୁ ଥିବା ସେମିଷ୍ଟର ପରୀକ୍ଷା ଅନଲାଇନ ଯୋଗେ କରାଯାଉ। ଦ୍ୱିତୀୟ ଦାବି ଥିଲା ଜଣେ ଅଧ୍ୟାପିକାଙ୍କ କୋଭିଡ୍ ପଜିଟିଭ୍ ଥିବା ସତ୍ତ୍ୱେ କ୍ଲାସ କରିଥିଲେ। ସେଥିପାଇଁ କଲେଜକୁ ସାନିଟାଇଜ କରିବା ସହ କ୍ଲାସ କରିଥିବା ଛାତ୍ରୀଛାତ୍ରଙ୍କ କୋଭିଡ୍ ପରୀକ୍ଷା କରାଯାଉ। ଏ ସମ୍ପର୍କରେ କଲେଜ ଅଧକ୍ଷା ସୁପ୍ରେମା କାନୁନ୍‌ଗୋ କହିଛନ୍ତି, କଲେଜକୁ ସାନିଟାଇଜ କରାଯାଇଛି। ପରୀକ୍ଷା ସମ୍ପର୍କରେ ଛାତ୍ରୀଛାତ୍ର ଯେଉଁ ଅଭିଯୋଗ କରିଛନ୍ତି ତାହାର ଯଥାର୍ଥତା ରହିଛି। ଏ ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀ ତଥା ବିଶ୍ୱବିଦ୍ୟାଳୟ କଣ୍ଟ୍ରୋଲରଙ୍କୁ ଅବଗତ କରାଇଛନ୍ତି।

**ପାସେଞ୍ଜର ଯାନ ବିକ୍ରି କମିଲା**

ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଶ ମଧ୍ୟରେ ପାସେଞ୍ଜର ଯାନ ବିକ୍ରି ୨% ହ୍ରାସ ହୋଇଛି। କୋଭିଡ ମହାମାରୀ ଅଟୋମୋବାଇଲ କ୍ଷେତ୍ରକୁ ପ୍ରଭାବିତ କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଗତ କିଛି ବର୍ଷ ହେବ ଅଟୋମୋବାଇଲ କ୍ଷେତ୍ର ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କରୋନା ଏହାକୁ ଆହୁରି ପ୍ରଭାବିତ କରିଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ୍ ମାନୁଫାକ୍ଚରର୍ସ (ସିଆମ୍) ପକ୍ଷରୁ ଏହାର ରିପୋର୍ଟରେ ପ୍ରକାଶ ପାଇଛି। ସେହିଭଳି ଦେଶ ମଧ୍ୟରେ ୨ ଚକିଆ ଯାନ ଡେସ୍‌ପ୍ୟାଚ୍ ୧୩.୧୯% ହ୍ରାସ ହୋଇଛି।

# ନାବାର୍ଡ ପକ୍ଷରୁ ୨୨,୭୦୯ କୋଟିର ଆର୍ଥିକ ସହାୟତା

- ସ୍ୱଳ୍ପ ମିଆଦୀ କୃଷିଋଣ ଯୋଗାଣ ଲାଗି ୧୨,୧୯୩ କୋଟି
- ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡ଼ିକୁ ୧୭୦୦ କୋଟି
- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଲାଗି ୧୫୫୧.୮୫ କୋଟି

ଭୁବନେଶ୍ୱର,୧୨।୪

ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ) ଓଡ଼ିଶା ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ଏହି ଅବଧିରେ ମୋଟ ୨୨,୭୦୯ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ରାଜ୍ୟ ସରକାର, ବ୍ୟାଙ୍କ ଏବଂ କର୍ପୋରେଶନଗୁଡ଼ିକୁ ଏଭଳି ଅର୍ଥ ନାବାର୍ଡ ଦେଇଛି। କୋଭିଡ୍-୧୯ ସମୟରେ ଗ୍ରାମୀଣ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ନାବାର୍ଡ ନଗଦ ସହାୟତା ପ୍ରଦାନ କରିଛି। ନାବାର୍ଡର ସିଜିଏମ୍ ସି. ଉଦୟ ଭାସ୍କର କହିଛନ୍ତି, ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ସ୍ପେଶାଲ ଲିକ୍ୟୁଡିଟି ଫାସିଲିଟି (ଏସ୍ଏଲ୍ଏଫ୍) ଅଧୀନରେ ସମବାୟ ବ୍ୟାଙ୍କ ଏବଂ ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡ଼ିକୁ ୧୭୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି। କୃଷକମାନଙ୍କୁ ଏହାଦ୍ୱାରା ଋଣ ସହାୟତା ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ସ୍ୱଳ୍ପ ମିଆଦୀ କୃଷିଋଣ ଯୋଗାଣ ଲାଗି ବ୍ୟାଙ୍କ ୧୨,୧୯୩ କୋଟି ଟଙ୍କା ପ୍ରଦାନର ବ୍ୟବସ୍ଥା ମଧ୍ୟ କରିଛି। ଏହି ରାଶି ସମବାୟ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଲାଭ କରିଛନ୍ତି।

କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ବ୍ୟାଙ୍କ ଦୀର୍ଘ ମିଆଦୀ ରିଫାଇନାନ୍ସ ବାବଦ ବାଣିଜ୍ୟିକ ବ୍ୟାଙ୍କ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ତଥା ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡ଼ିକୁ ୧୫୫୧.୮୫ କୋଟି ଯୋଗାଣ କରିବାକୁ ଆଗେଇ ଆସିଛି। ଭିତ୍ତିଭୂମି ଫାଇନାନ୍ସକୁ ଗୁରୁତ୍ୱ ଦେଇ କୃଷି ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ଲାଗି ଏହା ୩୨୩୪.୨୫ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଯୋଗାଇ ଦେଇଛି। ଆର୍‌ଆଇଡିଏଫ୍ ଅଧୀନରେ ଏହା ଦେବା ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ବିଭିନ୍ନ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଲାଗି ଗ୍ରାଣ୍ଟ ସହାୟତା ବାବଦକୁ ନାବାର୍ଡ ପକ୍ଷରୁ ୫୮ କୋଟି ଟଙ୍କା ଯୋଗାଣ ହୋଇଛି। ରାଜ୍ୟରେ ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରାଯାଇଛି। ୭୪.୯୨ କୋଟି ଟଙ୍କା ବ୍ୟୟରେ ରାଜ୍ୟର ୨୪ ଜିଲାରେ ୧୪୪ ୱାଟରସେଡ୍ ପ୍ରକଳ୍ପ ଲାଗି ବ୍ୟାଙ୍କ ଆର୍ଥିକ ସହାୟତା ଯୋଗାଇ ଦେଇଛି। ବର୍ତ୍ତମାନ ୭୦ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ବେଳେ ୫ ନୂଆ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଥିବା ସେ କହିଛନ୍ତି।

## ଖୁଚୁରା ମୁଦ୍ରାସ୍ଫୀତି ୫.୫୨%

ନୂଆଦିଲ୍ଲୀ,୧୨।୪

ମାର୍ଚ୍ଚ ମାସରେ ଖୁଚୁରା ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟ ସୂଚକାଙ୍କ(ସିପିଆଇ) ୫.୫୨% ସ୍ତରକୁ ବୃଦ୍ଧିପାଇଛି। ଏହା ଫେବୃୟାରୀରେ ୫.୦୩% ସ୍ତରରେ ରହିଥିଲା ବୋଲି ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ଖାଦ୍ୟ ବାସ୍କେଟରେ ଦରଦାମ ୪.୯୪% ବଢ଼ିଥିବା ବେଳେ ଏହାର ପୂର୍ବ ମାସରେ ଏହା ୩.୮୭% ସ୍ତରରେ ରହିଥିଲା। ଏହା ତୈଳ ଏବଂ ଲାଇଟ ବର୍ଗରେ ୪.୫୦%କୁ ବୃଦ୍ଧି ପାଇଛି। ୨୦୨୦-୨୧ ଜାନୁୟାରୀ-ମାର୍ଚ୍ଚ ଅବଧିରେ ଖୁଚୁରା ମୁଦ୍ରାସ୍ଫୀତି ୫% ରହିବା ନେଇ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଅନୁମାନ ଲଗାଇଥିଲା। ଚଳିତ ଆର୍ଥିକ ବର୍ଷ ପ୍ରଥମ ଦୁଇ ତ୍ରୈମାସରେ ଏହା ୫.୨% ସ୍ତରରେ ରହିବା ନେଇ ଆକଳନ କରାଯାଇଛି। ଅନ୍ୟ ଏକ ସରକାରୀ ଡାଟା ମୁତାବକ ଦେଶର ଔଦ୍ୟୋଗିକ ଉତ୍ପାଦନ ଫେବୃୟାରୀରେ ୩.୬% ହ୍ରାସ ହୋଇଥିବା ଜଣାପଡିଛି।

## ନୂଆ ଚ୍ୟବନପ୍ରାସ୍ ଆଣିଲା ଆମ୍‌ୱେ




ଭୁବନେଶ୍ୱର,୧୨।୪

ଆମ୍‌ୱେ ଇଣ୍ଡିଆ ପକ୍ଷରୁ ନୂଆ ଚ୍ୟବନପ୍ରାସ୍ ବାଇ ନ୍ୟୁଟ୍ରିଲାଇଟର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ପୋଷଣଯୁକ୍ତ ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ କମ୍ପାନୀ କାମ କରୁଥିବା ବେଳେ ଆୟୁର୍ବେଦିକ ପ୍ରଡକ୍ଟ ଆଣିବାରେ ଧ୍ୟାନ କେନ୍ଦ୍ରିତ କରିଛି। ନୂଆ ନୂଆ ପ୍ରଡକ୍ଟ ଯୋଡିବା ସହ କମ୍ପାନୀ ଏହାର ନ୍ୟୁଟ୍ରିଶନ ପୋର୍ଟଫୋଲିଓକୁ ଆହୁରି ଦୃଢ କରିଛି। ନୂଆ ଚ୍ୟବନପ୍ରାସ୍ ଦ୍ୱାରା ଆୟୁର୍ବେଦିକ ପୋର୍ଟଫୋଲିଓ ଦୃଢ଼ୀକରଣ ସହ କମ୍ପାନୀର ଅଭିବୃଦ୍ଧି ଦିଗରେ ସହାୟକ ହୋଇପାରିବ ବୋଲି ଏହା ଆଶାବାଦୀ ରହିଥିବା କହିଛି। ଶୁଭାରମ୍ଭ ହେବାର ଏକ ବର୍ଷ ମଧ୍ୟରେ ପ୍ରିମିୟମ ଚ୍ୟବନପ୍ରାସ୍ ସେଗ୍‌ମେଣ୍ଟରେ ୨୦% ବଜାର ଅଂଶ ହାତେଇବା ନେଇ ଏହା ଯୋଜନା ରହିଥିବା କମ୍ପାନୀର ସିଇଓ ଅଂଶୁ ବୁଧରାଜା କହିଛନ୍ତି। ଦେଶରେ ୧୦୦୦ କୋଟିର ଚ୍ୟବନପ୍ରାସ୍ ବଜାର ରହିଥିବା ବେଳେ କମ୍ପାନୀ ଏହି କ୍ଷେତ୍ରରେ ଏକ ପ୍ରମୁଖ ବଜାର ଅଂଶୀଦାର ହେବା ନେଇ ଆଗକୁ ଅଗ୍ରସର ହେଉଥିବା ସେ ସୂଚନା ଦେଇଛନ୍ତି। ଏହି ନୂଆ ପ୍ରଡକ୍ଟରେ ୧୬ ସାର୍ଟିଫାଏଡ ଅର୍ଗାନିକ ଉପାଦାନ ରହିଛି। ଏଥିରେ କୌଣସି ପ୍ରିଜରଭେଟିକେ ବ୍ୟବହାର କରାଯାଇନାହିଁ। ପ୍ରତିରୋଧକ ଶକ୍ତି ବୃଦ୍ଧି, ଶରୀରକୁ ନୂଆ କାୟାକଳ୍ପ ପ୍ରଦାନ, ସାମର୍ଥ୍ୟ ଏବଂ ଶକ୍ତି ବୃଦ୍ଧି ଦୈନନ୍ଦିନ ସଂକ୍ରମଣ ବିରୋଧରେ ଲଢେଇ ଜାରି ରଖିବାରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପୋଷଣକୁ ଗୁରୁତ୍ୱ ଦେଇ ଏଭଳି ପ୍ରଡକ୍ଟ ଉପଲବ୍ଧ କରାଇଥିବା କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଚନ୍ଦ୍ରଭୂଷଣ ଚକ୍ରବର୍ତ୍ତୀ କହିଛନ୍ତି।

## ୧୮ରେ ପ୍ରଭାବିତ ହେବ ଆର୍‌ଟିଜିଏସ୍ ସେବା

ନୂଆଦିଲ୍ଲୀ,୧୨।୪: ଚଳିତ ମାସ ୧୮ତାରିଖରେ ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍) ସେବା ୧୪ ଘଣ୍ଟା ପ୍ରଭାବିତ ରହିବ। ଫଳରେ ଏହି ସେବା ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟ ଲାଗି ମିଳିବ ନାହିଁ। ଟେକ୍ନିକାଲ ଅପଗ୍ରେଡ୍ ପାଇଁ ସେବାରେ ଏଭଳି ସମସ୍ୟା ଉପୁଜିବ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ପକ୍ଷରୁ ସୂଚନା ମିଳିଛି। ଆର୍‌ଟିଜିଏସ୍ ସିଷ୍ଟମକୁ ଅଧିକ ଦକ୍ଷ କରାଇବା ଲାଗି ଏଭଳି ଟେକ୍ନିକାଲ ଅପଗ୍ରେଡ କରାଯାଉଛି। ଏହି ସମୟରେ ନ୍ୟାଶନାଲ ଇଲେକ୍‌ଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ପୂର୍ବଭଳି ପରିଚାଳିତ ବୋଲି ଆର୍‌ବିଆଇ କହିଛି।

# ପୁଞ୍ଜିବଜାରରେ କରୋନାର ଦ୍ୱିତୀୟ ଲହର

ନୂଆଦିଲ୍ଲୀ,୧୨।୪

**୧୭୦୦ ପଏଣ୍ଟ ସେନ୍‌ସେକ୍ସ**




ଦେଶ ମଧ୍ୟରେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ଦେଖାଯାଇଛି। କରୋନା ସଂକ୍ରମଣ ବ୍ୟାପୁଥିବାରୁ ଏହାକୁ ନେଇ ନିବେଶକ ଆଶଙ୍କାରେ ରହିଛନ୍ତି। ଫଳରେ ସୋମବାର ଭାରତୀୟ ପୁଞ୍ଜିବଜାର କାରବାର ଏଥିଯୋଗୁ ବୃହତ୍ ମାତ୍ରାରେ ଖସିଯାଇଛି। ନିବେଶକ ବୃହତ୍ ହାରରେ ଶେୟାର ବିକିବା ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୧୭୦୮ ପଏଣ୍ଟ (୩.୪୪%) ହ୍ରାସ ପାଇ ୪୭, ୮୮୩ ପଏଣ୍ଟ ସ୍ତରକୁ ଖସି ଆସିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) ୫୪୨ ପଏଣ୍ଟ(୩.୫୩%) ନିମ୍ନରେ ରହିବା ଯୋଗୁ ୧୪,୩୧୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ଶେୟାର କାରବାର କ୍ଷତି ସହିଥିବା କମ୍ପାନୀଗୁଡ଼ିକ ମଧ୍ୟରେ ବଜାଜ ଫାଇନାନ୍ସ, ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ, ଏସ୍‌ବିଆଇ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ବଜାଜ ଅଟୋ, ଆଇସିଆଇସିଆଇ ବ୍ୟାଙ୍କ ଏବଂ କୋଟାକ ବ୍ୟାଙ୍କ ରହିଛନ୍ତି। ଏହି କମ୍ପାନୀଗୁଡ଼ିକର ଶେୟାର ପ୍ରାୟ ୮.୫୪% ନିମ୍ନରେ ରହିଛି। ସେହିଭଳି ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ନିଫ୍ଟି ପିଏସ୍‌ୟୁ ବ୍ୟାଙ୍କ, ଅଟୋ ଏବଂ ଫାଇନାନ୍ସିଆଲ ସର୍ଭିସେସ୍ ଶେୟାର ପ୍ରାୟ ୯.୨୬% ହ୍ରାସ ହୋଇଛି। ବର୍ତ୍ତମାନ ବିଶ୍ୱ ବଜାର ପ୍ରଭାବିତ ହୋଇ ରହିଥିବା ବେଳେ ଘରୋଇ ବଜାରରେ କୋଭିଡ୍ ମାମଲା ବଢିବା ଯୋଗୁ ନିବେଶକଙ୍କ ମନୋଭାବ ଆଶଙ୍କାଗ୍ରସ୍ତ ହୋଇଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

## ସ୍ୱଳ୍ପ ଅବଧି ବିମାନ ଯାତ୍ରାରେ ମିଳିବନି ଖାଦ୍ୟ

ନୂଆଦିଲ୍ଲୀ,୧୨।୪

ସାରା ଦେଶରେ କରୋନା ସଂକ୍ରମଣର ୨ୟ ଲହର ଦ୍ରୁତ ହୋଇଛି। ଏହି ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି କେନ୍ଦ୍ର ସରକାର ଘରୋଇ ବିମାନ ଯାତ୍ରାର କ୍ୟାଟରିଂ ସେବାକୁ ବ୍ୟାନ କରିଛନ୍ତି। ବିଶେଷକରି ସ୍ୱଳ୍ପ ଅବଧି (୨ ଘଣ୍ଟାରୁ କମ୍) ସମୟ ଯାତ୍ରା କ୍ଷେତ୍ରରେ ଏହି ନିୟମ ଲାଗୁ କରାଯାଇଛି ବୋଲି ସୂଚନା ମିଳିଛି। ଘରୋଇ ବିମାନ ସେବା କ୍ଷେତ୍ରରେ ଯାତ୍ରୀଙ୍କୁ ବିମାନ ମଧ୍ୟରେ ଜଳପାନର ସୁବିଧା ପ୍ରଦାନ କରାଯାଇଥାଏ। ଫଳରେ ଏହାଦ୍ୱାରା ସଂକ୍ରମଣ ଅଧିକ ବ୍ୟାପିବା ସମ୍ଭାବନା ରହିଥିବାରୁ ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ସେମାନଙ୍କ ଯାତ୍ରୀଙ୍କୁ ବିମାନ ଭିତରେ କ୍ୟାଟରିଂ ସେବା ପ୍ରଦାନ ନ କରି ଯାତ୍ରୀଙ୍କୁ ପରବର୍ତ୍ତୀ ସମୟରେ (ଅନ ବୋର୍ଡ) ଦେଇପାରିବେ। ଯେଉଁ ଯାତ୍ରୀମାନେ ୨ ଘଣ୍ଟାରୁ କମ ସମୟ ପାଇଁ ଯାତ୍ରା କରୁଛନ୍ତି ବା ଯେଉଁ ବିମାନ ଏହି ସମୟ ମଧ୍ୟରେ ସେବା ଯୋଗାଇ ଦେଉଛି କେବଳ ସେହି କ୍ଷେତ୍ରରେ ଏହି ନିୟମକୁ କଡାକଡି ପାଳନ କରିବାକୁ ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି।

## ଭାରତ ବିତ୍ତ ବଜାରର ସବୁ କ୍ଷେତ୍ରକୁ ଛୁଇଁ: ଆଇଏମ୍ଏଫ୍

ୱାଶିଂଟନ,୧୨।୪: ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଅଭିନବ ଭାରତ ବିତ୍ତ ବଜାରର ସବୁ କ୍ଷେତ୍ରକୁ ଛୁଇଁ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ସୋମବାର ପରାମର୍ଶ ଦେଇଛି। ଏହି ଅନ୍ତର୍ଜାତୀୟ ଏଜେନ୍ସି କହିଛି, ଭାରତ ବର୍ତ୍ତମାନ ଠିକ୍ ରାସ୍ତାରେ ରହିଛି। ଡିଜିଟାଲ ପେମେଣ୍ଟ ଏବଂ ପରିଚୟ କ୍ଷେତ୍ରରେ ଅଭିନବ ନୀତି ଆଣିବାରେ ଏହି ଦେଶ ବେଶ୍ ଅଗ୍ରଗତି କରୁଛି। ମାତ୍ର ବିତ୍ତ ବଜାରର ସବୁ କ୍ଷେତ୍ରକୁ ଛୁଇଁବାର ଆବଶ୍ୟକତା ରହିଛି। ସବୁ କିଛି ଏମିତି ହେବା ଆବଶ୍ୟକ ଯାହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ। ଆସିବାକୁ ଥିବା ବିପଦକୁ ଅର୍ଥ ବ୍ୟବସ୍ଥା ଏବଂ ବିତ୍ତୀୟ ସିଷ୍ଟମ ସମ୍ଭାଳିବାକୁ ସକ୍ଷମ କରାଇବା, ବାଲାନ୍ସ ଶିଟ୍ ଏବଂ ଏନ୍‌ପିଏର ଠିକ୍ ପରିଚାଳନା ଭାରତ ପାଇଁ ଜରୁରୀ ବୋଲି ଆଇଏମ୍ଏଫ୍‌ର ମନିଟାରି ଏବଂ କ୍ୟାପିଟାଲ ମାର୍କେଟ ବିଭାଗ ନିର୍ଦ୍ଦେଶକ ଟୋବିଆସ ଆଡ୍ରିଆନ କହିଛନ୍ତି।

# ବେରୋଜଗାରୀ ହାର ୮.୬% ଛୁଇଁଲା

**ନୂଆଦିଲ୍ଲୀ,୧୨।୪:** କରୋନାର ଦ୍ୱିତୀୟ ଲହର ପୁଣି ଥରେ ଚିନ୍ତାର କାରଣ ପାଲଟିଛି। ଦେଶର ବିଭିନ୍ନ ରାଜ୍ୟରେ ପୁଣି ଥରେ ଆଂଶିକ ଲକ୍‌ଡାଉନ କରାଯାଉଥିବା ଦେଖାଯାଉଛି। ସଂକ୍ରମଣ ବଢ଼ିବା ଯୋଗୁ ନିଯୁକ୍ତି ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଏପ୍ରିଲ ୧୧ ସୁଦ୍ଧା ଦେଶ ମଧ୍ୟରେ ବେରୋଜଗାରୀ ହାର ୮.୬% ଛୁଇଁଛି। ଏହା ୨ ସପ୍ତାହ ତଳେ ୬.୭% ସ୍ତରରେ ରହିଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି ପକ୍ଷରୁ ପ୍ରକାଶିତ ଡାଟାରୁ ସାମ୍ନାକୁ ଆସିଛି। ଗତବର୍ଷ ଭଳି ଲକ୍‌ଡାଉନ ହୋଇଯିବା ଭୟରେ ପ୍ରବାସୀ ପୁଣି ଥରେ ଘରମୁହାଁ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଭାରତରେ ଦିନିକିଆ ସଂକ୍ରମଣ କ୍ଷେତ୍ରରେ ରେକର୍ଡ କରିବା ପରେ ବ୍ରାଜିଲ ପରେ ପୁଣି ଥରେ ଦ୍ୱିତୀୟ ସ୍ଥାନକୁ ଆସିବ ବୋଲି ଆଶଙ୍କା କରାଯାଉଛି। ଏହା ହେଲେ ପୁଣି ଥରେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଯିବ। ରାଜ୍ୟଗୁଡିକ ବାଧହୋଇ କରୋନା କଟକଣାକୁ ବଢ଼ାଇବେ ବୋଲି ଆଶଙ୍କା ଉପୁଜିଛି।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍**
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ନୟାଗଡ଼
ଫୋନ: ୦୬୭୫୩-୨୫୨୧୯୯, ଇ-ମେଲ୍: dcpo.nayagarh.od@nic.in



**ଅଚିହ୍ନା ଶିଶୁ ଉଦ୍ଧାର**

No. g-02: ଛବିରେ ଦର୍ଶାଯାଇଥିବା ଏହି ଶିଶୁଟି, ନାମ: ଅଭଶ୍ରୀ ଗତ ତା୨୫।୦୩।୨୦୨୧ରିଖ ଦିନ ଚାଇଲ୍ଡ ଲାଇନ, ନୟାଗଡ଼ ଦ୍ୱାରା ରଣପୁର ମୁଖ୍ୟ ଚିକିତ୍ସାଳୟରୁ ଉଦ୍ଧାର ହୋଇ ଶ୍ରୀରାମ ନଗର, ଖଣପଡ଼ା ରୋଡ, ନୟାଗଡ଼ଠାରେ ଥିବା ଶିଶୁ ଆଶ୍ରୟସ୍ଥଳ Specialized Adoption Agency (SAA), Nayagarhଠାରେ ରହିଅଛି। ଯଦି ଉକ୍ତ କନ୍ୟା ସନ୍ତାନଟିର କେହି ପିତାମାତା ତଥା ଆଇନତଃ ଦାବିଦାର ଥାଆନ୍ତି, ଖବର ପ୍ରକାଶନର ୩୦ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣପତ୍ର ସହ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଅଛି। ଦିଆଯାଇଥିବା ଅବଧି ପରେ କୌଣସି ଦାବି ଗ୍ରହଣୀୟ ହେବ ନାହିଁ ଓ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫, ଧାରା- ୩୮(୧) ଅନୁଯାୟୀ ଶିଶୁଟିର ଥଇଥାନର ବ୍ୟବସ୍ଥା କରାଯିବ।

ସ୍ୱା./- ଜିଲ୍ଲାପାଳ, ନୟାଗଡ଼
OIPR-24009/11/0001/2122

No.CAD-84
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

**Tender Call Notice No.**
**BBSR/ELECT/E-4041/P-1/19-20/955 Dt. 09.04.2021**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work: Construction of 200KVA, 11/0.4KV Plinth Mounted sub-station along with 11KV line and 11KV Line DP arrangements for Power supply to OLD AGE HOME at Sartaguda, Phiringia, Phulbani**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-01/21-22 | 16.04.2021 at 17.00 Hrs. | 23.04.2021 at 17.00 Hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

**Sd./- Divisional Head (Elect), IDCO, Bhubaneswar**
OIPR-14003/11/0004/2122

**OFFICE OF THE NOTIFIED AREA COUNCIL, NUAPADA**
**No. 988** **Date: 09.04.2021**
**SHORT QUOTATION CALL NOTICE**
No. C-71: Sealed quotations are invited from Registered Firms/Agencies/Engineers/Architecture having GST registration for preparation of water body DPR. The quotationers are required to submit conceptual drawing/ design after proper field visit of Telipada Tank 1 and 2 situated in Ward No. 05 of NAC, Nuapada along with quotation. Failing which the quotation will be rejected. The quotation should reach before the undersigned by 22.04.2021 during office hour through Speed Post/Registered Post only and will be opened on Dt.26.04.2021 at 11.00 A.M. in presence of bidder and Tender Committee.
The undersigned reserves the right to accept or reject any or all quotation without assigning any reason thereof.
**Sd./- Executive Officer, NAC, Nuapada**
OIPR-13158/11/0001/2122

**OFFICE OF THE MUNICIPAL COUNCIL, JATNI**
**No. 1969/** **Date 08.04.21**
**QUOTATION CALL NOTICE**
**No. C-64:-** Sealed Quotations are invited from Registered/ Experienced/ Reputed Firms/ Manufacturers/ Suppliers having valid Income Tax and GST Registration Certificates for supply, installation of Park Materials for Jatni Municipality in two cover bid. The Cover one will contain technical bids and the Cover two will contain the price bid. After evaluation of Technical bid the financial bid of qualified bidders will be opened. Preference shall be given to those consultants who have already rendered similar type of services to various Urban Local Bodies of Odisha State Government. The rate should be inclusive of all taxes, conveyance etc. complete in all respect. The tender paper will be availabe in Jatni Municipality Office on payment of Rs.2000/- (Rupees Two Thousand) and EMD of Rs.5000/- (Rupees Five Thousand) in shape of Cash / Bank Draft in favour of Executive Officer, Jatni Municipality and to attached along with Tender paper. The Quotation shall be submitted on or before dt.19.04.2021 at 1.00 PM and the bid will be opened at 1.30 PM in the presence of the bidder or their authorized represeantative. The undersigned reserves all rights to reject any or all quotations without assigning any reason thereof.
**Sd./- Executive Officer, Jatni Municipal Council**
OIPR-13041/11/0002/2122

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୫୧ **ବିଜ୍ଞାପନ** ତା: ୩୦।୦୩।୨୧

No. CAD-75: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଏମ୍.ଆଇ.ଜି.-୧-୨୧୪ (MIG-I-214)କୁ (୧) ଶିପ୍ରା ରୟ, ସ୍ୱା.- ୰ବିଜନ ବିହାରୀ ରୟ, (୨) ସତ୍ୟଜିତ୍ ରୟ, ପି.- ୰ବିଜନ ବିହାରୀ ରୟ, କ୍ୱାର୍ଟର ନଂ.- ଏ/୪୯, ସେକ୍ଟର-୧୩, ପୋ/ଥା: ରାଉରକେଲା-୯, ଜି- ସୁନ୍ଦରଗଡ଼, (୩) ଶ୍ରୀମତୀ ଜୋନା ରୟ ଦାସ, ପି.- ୰ବିଜନ ବିହାରୀ ରୟ, ସ୍ୱା.- କୌସୁକି ଦାସ, ୧୩/୧, ୪୦୭, ଏସ୍.ଏଫ୍.ଏସ୍., ଚତୁର୍ଥ ପର୍ଯ୍ୟାୟ, ଏବଭ ଅକ୍ଷୟ ଉପହାର ରେଷ୍ଟୁରାଣ୍ଟ, ପୋ/ଥା- ୟେଲାହେଙ୍କା ନ୍ୟୁଟାଉନ୍, ଜି.- ବାଙ୍ଗାଲୋର ଅର୍ବାନ (କର୍ଣ୍ଣାଟକ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ନିର୍ମଳା ଦାଶ, ସ୍ୱା.- କିଶନ କୁମାର ଦାଶ, ଗ୍ରା/ପୋ.- କଣଛାଇ, ଥା: କୋଦଳା, ଜି.- ଗଞ୍ଜାମଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0019/2122

**CUTTACK MUNICIPAL CORPORATION**
No.C-73
**"e" PROCUREMENT NOTICE**
**Tender ID : 2021_ORULB_67745**
**Bid Reference No. MC (CMC) CTC_Div-I_No1/2021-21**
**Tender Call Notice No. 2130 (PW) Date. 12.04.2021**

| | |
|---|---|
| Name of Works | Civil Works |
| No. of Works | 10 Nos. |
| Bid Value | Rs. 3.50 Lakh to Rs. 35.00 Lakh |
| Period of Competion | One Calendar Month to Two Calendar Months |

Date and Time schedule:

| Start | End | Opening |
|---|---|---|
| 3.00 P.M. on dt. 13.04.2021 | 5.00 PM on dt. 22.04.2021 | 11.00 A.M. on dt. 27.04.2021 |

Tender Details: Can be seen from the procurement portal: www.tendersorissa.gov.in
**Superintending Engineer, City Div.-I**
OIPR-13031/11/0004/2122

**SEALED TENDER NOTICE**
No. L-07:- Sealed tenders on Plain Paper are invited for auction sale of different kinds of Fruits for the season '2021-22 of SDC (Sarala Dwarf Coconut ) Farm, Tirtol under the Asst. Director of Horticulture, Jagatsinghpur as per the term & condition, mentioned below:

| Sl No. | Name of the Trees | Nos. of the Trees | Location | Remarks |
|---|---|---|---|---|
| 1. | Cashew | 350 | SDC Farm, Tirtol | |

**TERMS AND CONDITION**
1. The Valid tender paper would be available in O/o Asst. Director of Horticulture, Jagatsinghpur on payment of Rs.50/- & will be received by Asst. Director of Horticulture, Jagatsinghpur through Regd. Post/ Courior service on or before **22.04.2021 by 01:00 PM** & will be opened on **23.04.2021 by 10:00 A.M** in the Office Chamber of the Asst.Director of Horticulture, Jagatsinghpur.
2. The intending bidders may inspect the Farm during 07:00 AM to 01:00 PM with permission of Asst.Director of Horticulture, Jagatsinghpur on any working day.
3. Intending bidders have to send Demand draft /Bank draft **Rs.7,500/- (Rupees Seven thousand Five Hundred)** only in favour of Assistant Director of Horticulture, Jagatsinghpur towards EMD along with the tender paper to the office of the undersigned address i.e Asst. Director of Horticulture, Jagatsinghpur, Pin-754103 only through Regd. Post/ Courior service. No tender paper without EMD of **Rs.7,500/-** will be entertained.
4. The EMD of the unsuccessful bidders will be refunded on the day of opening of tender paper without any interest.
5. The tenderer quoting highest price will be asked to deposit the full amount of tender on the day of opening of the tender paper by open announcement & on his/her failure to deposit the full amount of tender immediately of the announcement. The EMD will be forfeited & the offer will stand terminated & pass on to other tenderers who comes next to the highest tenderer.
6. The successful tenderer will be allowed to pluck the fruits after depositing the bid amount in full with in 24 hours of bid finalization & allowed to pluck fruits of takeover the charge from the next day till **15th July2021 or final plucking of the Fruits whichever is earlier** without causing any damage to the Fruits plant of the SDC Farm, Tirtol. If any damage found & assessed the amount would be recovered from EMD amount.
7. Department is not responsible for any losses due to theft or natural calamity during the fruit plucking period.
8. The EMD deposited will be refunded after handing over the farm without causing any damage as per report of the Hort. Extension Worker,I/C,SDC Farm,Tirtol.
The authority reserves all the right to accept/ reject/cancel any or all the tenders without assigning any reason thereof & may settle the auction with highest tenderer on negotiation.

**Asst. Director of Horticulture**
**Jagatsinghpur**
OIPR-01382/11/0001/2122

**ଓଡ଼ିଶା କୃଷି ଶିଳ୍ପ ନିଗମ**
**The Odisha Agro Industries Corporation Ltd.**
(A Govt. of Odisha Undertaking)
Regd. H.O.: 95, Satyanagar, Bhubaneswar-751007
Tel.: (0674) 2570687, EPBX: 2570654, Fax: 2570313, Email: oaicho@orissaagro.com

**TENDER CALL NOTICE FOR 2021-22**
Tender Notice No.1997 Date. 12.04.2021
**No. CAD-89:-** The Odisha Agro Industries Corporation Limited, Bhubaneswar invites sealed tenders in the prescribed form from the reputed manufacturers for the year 2021-22 for fixation of price for supply of Insecticides, Herbicides, Fungicides, Bio-Insecticides, Bio-Fungicides Plant Growth Regulators, Micronutrients, Bio-Fertilizers, Organic Fertilizers, Trap & Lures required under all scheme of the Department of Agriculture & Farmers' Empowerment during 2021-22. The last date of receipt of the complete tender is 04.05.2021 up to 5.30 P.M. through registered post / speed post by the Managing Director, Regd. H.O.: 95, Satyanagar, Bhubaneswar-751007 or can be submitted in the Drop Box kept in the office of the Odisha Agro Industries Corporation Limited, at 95, Satyanagar, Bhubaneswar-751007 up to 5.30 P.M and will be opened on 05.05.2021 at 10.30 A.M. in the presence of the concerned manufacturer / tenderer or their authorized representatives and the members of Tender Committee in the **Odisha Agro Industries Corporation Limited, at 95, Satyanagar, Bhubaneswar-751007.**

**Schedule**

| Cost of Tender schedule | Sale of Tender schedule from - to | Last Date for submission of Tender | Date of opening of offers. |
|---|---|---|---|
| Rs.11,200/- inclusive of GST | 13.04.2021 to 04.05.2021 up to 3.00 P.M. (except Govt. Holidays) | 04.05.2021 up to 5.30 P.M. | 05.05.2021 at 10.30 AM |

For Tender Form and other details please visit the website www.orissaagro.com or contact office of the Managing Director, Odisha Agro Industries Corporation Limited, 95, Satyanagar, Bhubaneswar-751007.
The authority reserves the right to reject / cancel the tender(s) in full or part at any moment / during process or after approval of offer in full or part without assigning any reason thereof.
**Sd./- Managing Director**
**Odisha Agro Industries Corporation Limited**
**Bhubaneswar**
OIPR-01047/11/0002/2122

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla-768017
**NOTICE INVITING TENDER**
Tender Enquiry No.: TPCODM/AO/O/W051
TP Western Odisha Distribution Limited invites tenders (2 part bidding) from eligible vendors for the following package:
**Scope of Tender:**
**Maintenance of LT & HT Network, FCC, DTR, Installation, Replacement and Shifting of single phase meter, New connection up to 5kw, Recovery and disconnection in Tata Power Western Odisha Distribution Ltd.**
For detailed tender document, please visit Tender section on website **https://www.tatapower.com** and **www.tpwesternodisha.com**. Further details for participating in tender is given in the tender document.
Interested bidders to submit Tender Participation Fee and Authorization Letter through email before **19th April 2021, 1500Hrs**, after which link from e-Tender system shall be shared. All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
**Sd./- Chief Contracts & Stores**

**OFFICE OF THE GENERAL MANAGER, WATCO DIVISION-I**
WATCO
**VANIVIHAR SQUARE, BHUBANESWAR, ODISHA, PIN-751022**
No. C-75 Phone/FAX:- 0674-2542821/e-Mail: gmdivonewatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB) Dtd.09.04.2021**

| | | |
|---|---|---|
| 01 | Name of the work | Shifting / Relocation of Water Supply pipelines from the ROW of Pahal-Johal via Jaipur Road in Ward No.-4 of BMC, BBSR |
| 02 | Estimate cost | Rs.69.50 lakhs |
| 03 | Period of completion | 4 (Four Months) |
| 04 | Class of contractor | B & A Class |
| 05 | Date & Time of availability of bid document in the portal | From 11.00 AM of Dt.15.04.2021 to 5.00 PM of 29.04.2021 |
| 06 | Last date / time of receipt of bids in the portal | 5.00 PM of 29.04.2021 |
| 07 | Last date & time of seeking clarification | 5.00 PM of 20.04.2021 |
| 08 | Date & Time of opening of bids | At 12.30 PM of 30.04.2021 |
| 09 | Name and Address of the Officer Inviting Bid | General Manager, WATCO Division-I, BBSR |

**Further details can be seen from the e-Procurement portal "https://www.tendersorissa.gov.in"**
**GENERAL MANAGER, WATCO DIVISION-I, BHUBANESWAR**
OIPR-13083/11/0003/2122



ବଲିଉଡ ଅଭିନେତ୍ରୀ କରୀନା କପୁର ଖାଁ ଏବେ ଭିନ୍ନ ଅବତାରରେ ଦର୍ଶକଙ୍କ ସମ୍ମୁଖକୁ ଆସିବେ। ଦ୍ୱିତୀୟ ସନ୍ତାନର ପ୍ରସବ ପରେ ସେ ପୁଣି ନିଜ କାମକୁ ଫେରିଛନ୍ତି। ଏବେ ସେ ନୂଆ କୁକିଂ ଶୋ'ରେ ନଜର ଆସିବେ। ଏହାର ଏକ ଝଲକ ବେବୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ନୂଆ କୁକିଂ ଶୋ' 'ଷ୍ଟାର ଭର୍ସେସ ଫୁଡ'ର ଏକ ଟିଜରକୁ କରୀନା ଇନ୍ଷ୍ଟାଗ୍ରାମରେ ଶେୟାର କରିଥିବା ଦେଖିବାକୁ ମିଳିଛି। ଯେଉଁଥିରେ ସେ ରୋଷେଇ କରୁଥିବାର ନଜର ଆସିଛନ୍ତି। ଏହି ଶୋ'ରେ ନିର୍ଦ୍ଦେଶକ କରନ ଜୋହର, ଅଭିନେତ୍ରୀ ମଲାଇକା ଅରୋରା ଓ ଅଭିନେତା ଅର୍ଜୁନ କପୁର ବି ନଜର ଆସିବେ। ଏପ୍ରିଲ ୧୫ରେ ଡିସ୍କଭରି ପ୍ଲସ ଚ୍ୟାନେଲରେ ପ୍ରସାରିତ ହେବ।

# ସିନୋଲି ମାଟି ତଳେ ରହସ୍ୟ

**ମାଟିତଳେ ଲୁଚି ରହିଛି ଭାରତୀୟ ଇତିହାସର ପୁଳାପୁଳା ପ୍ରମାଣ। ଭାରତୀୟ ସଂସ୍କୃତି ଯେ କେତେ ପୁରୁଣା, ପ୍ରତ୍ନତତ୍ତ୍ୱ ବିଭାଗ ଗୋଟିଏ ପରେ ଗୋଟିଏ ସ୍ଥାନରେ ଖନନ କରି ତାହାକୁ ଲୋକଲୋଚନକୁ ଆଣିବାରେ ମଧ୍ୟ ଅନେକ ସମୟରେ ସଫଳ ହୋଇଛି। ହେଲେ ୨୦୧୮ରେ ଉତ୍ତରପ୍ରଦେଶର ସିନୋଲି ଗାଁରେ ଖନନବେଳେ ଯାହା ବିଭାଗ ହାତରେ ଲାଗିଛି, ତାହା ବିଶ୍ୱ ଇତିହାସକାରଙ୍କୁ ଚକିତ କରିଦେବାଭଳି। ମାଟିତଳୁ ମିଳିଥିବା ୪ ହଜାର ବର୍ଷ ତଳର ସାମଗ୍ରୀ, ଯୁଦ୍ଧାସ୍ତ୍ର, ରଥ, ପୋତା କିମ୍ବା ପୋଡ଼ା ଯାଇଥିବା ମୃତଦେହ, ସୁନା ଅଳଙ୍କାର ଆଦି ଲୋପ ପାଇଥିବା ଏକ ଆଧୁନିକ ସଭ୍ୟତା ଦିଗରେ ଇଙ୍ଗିତ କରିଛି। ଉଦ୍ଧାର ସାମଗ୍ରୀକୁ କିଏ, କିପରି, କାହିଁକି ଏବଂ କେତେବେଳେ ବ୍ୟବହାର କରିଥିଲେ ତାହା ରହସ୍ୟମୟ ହୋଇରହିଛି। ଏପରିକି ମହାଭାରତ କିମ୍ବା ରାମାୟଣ ସହ ଏସବୁର କୌଣସି ପ୍ରକାର ସଂଯୋଗ ରହିଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି, ଯାହାର ଉତ୍ତର ପାଇଁ ଉଦ୍ୟମ ଜାରି ରହିଛି।**



- ଖନନବେଳେ ମିଳିଛି ୪ ହଜାର ବର୍ଷ ପୁରୁଣା ସାମଗ୍ରୀ
- ଡିସ୍କଭରିରେ ଆସୁଛି 'ସିକ୍ରେଟ୍ସ ଅଫ୍ ସିନୋଲି'

**ବାଗ୍‌ପତ:** ଦିଲ୍ଲୀଠାରୁ ପ୍ରାୟ ୭୦ କି.ମି. ଦୂର ତଥା ଗଙ୍ଗା, ଯମୁନା ନଦୀ କୂଳରେ ଉତ୍ତରପ୍ରଦେଶ ବାଗପତ୍ ଜିଲାର ସିନୋଲି ଗାଁ, ଯେଉଁଠାରେ କେତେଜଣ ଚାଷୀ ଅଚାନକ ସେମାନଙ୍କ କ୍ଷେତରୁ ପୁରାତନ ଯୁଗର କିଛି ପାତ୍ର ପାଇଥିଲେ। ଖବର ବାହାରକୁ ଆସିବା ପରେ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ ସେଠାରେ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖୋଦେଇବେଳେ ସେଠାରୁ ୨୦୦୦ ବିସି ବା ପ୍ରାୟ ୪ ହଜାର ବର୍ଷର ପୁରାତନ ସାମଗ୍ରୀ ମିଳିବା ପରେ ଏହାକୁ ଭାରତର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଖନନ ବୋଲି କୁହାଯାଉଛି।

## ୧୧୬ ସମାଧି

ସିନୋଲିରେ ପ୍ରଥମେ ୨୦୦୫ରେ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ ସେଠାରୁ ମିଳିଥିଲା ୧୧୬ଟି ସମାଧି ସ୍ଥଳ। ଏହି କାରଣରୁ ତାହାକୁ ଚାଲ୍‌କୋଲିଥିକ ଯୁଗର ସବୁଠାରୁ ବଡ଼ ସମାଧିସ୍ଥଳ ବା ନେକ୍ରୋପଲିସ୍ ବୋଲି କୁହାଯାଉଛି। ସିନ୍ଧୁ ସଭ୍ୟତା (ଇଣ୍ଡସ୍‌ଭ୍ୟାଲି ସିଭିଲାଇଜେଶନ୍)ଠାରୁ ଏହି ସମାଧି ସମ୍ପୂର୍ଣ୍ଣ ଅଲଗା। ଭୂତଳ କୋଠରିରେ ୪ ଗୋଡ଼ ବିଶିଷ୍ଟ କଫିନ୍‌ରେ କଙ୍କାଳ ରହିଥିବା ଦେଖିବାକୁ ମିଳିଥିଲା। ଏଥିସହ କବରଗୁଡ଼ିକରେ ଶରୀର ନିକଟରେ ବ୍ୟବସ୍ଥିତ ଭାବରେ କିଛି ପାତ୍ର, ହାଣ୍ଡି ଏବଂ ସେଥିରେ ଚାଉଳ ଆଦି ରଖାଯାଇଥିଲା। ଗୋଟିଏ କଫିନ୍‌ରେ ମଣିଷ ଭଳି ଆକୃତିର କିଛି ଚିତ୍ର ଥିବା ମଧ୍ୟ ଦେଖିବାକୁ ମିଳିଥିଲା, ଯାହା କି ସେତେବେଳେ ମଧ୍ୟ କଳାକୃତିର ବ୍ୟବହାର ସମ୍ପର୍କରେ ଧାରଣା ହୋଇଛି। ସମାଧିଗୁଡ଼ିକ ବୈଦିକ ସଂସ୍କୃତି ସହିତ ମେଳ ଖାଉଥିବାବେଳେ ସିନ୍ଧୁ ସଭ୍ୟତାଠାରୁ ତାହା ସମ୍ପୂର୍ଣ୍ଣ ଅଲଗା। ସେହିପରି ହିନ୍ଦୁ ରୀତିନୀତି ଭଳି ମରଶରୀରକୁ କପଡ଼ାରେ ଗୁଡ଼ା ଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

## ରଥ, ଯୁଦ୍ଧାସ୍ତ୍ର ଉଦ୍ଧାର



୨ ବର୍ଷ ଧରି ଖନନ ପରେ ଏଏସ୍ଆଇ ପକ୍ଷରୁ କାର୍ଯ୍ୟ ବନ୍ଦ ରହିଥିଲା। କିନ୍ତୁ ୨୦୧୮ରେ ସିନୋଲିରେ କୃଷକମାନେ ପୁଣି ସେମାନଙ୍କ ଜମିରେ ତମ୍ବାପାତ୍ର ପାଇବା ପରେ ପ୍ରତ୍ନତତ୍ତ୍ୱ ବିଭାଗ ଖନନ ଆରମ୍ଭ କରିଥିଲା। ଏଥିରେ ମାଟିତଳୁ ମିଳିଥିଲା ୨ଟି ଘୋଡ଼ା ଟଣା ରଥ, ଯାହା ପ୍ରାୟ ୫ ହଜାର ବର୍ଷ ପୁରୁଣା। ଏହି ରଥ ଆଧୁନିକ ଶୈଳୀରେ ନିର୍ମାଣ ହୋଇଛି। ଏଥିସହ ମାଟିତଳୁ କପର ଆଣ୍ଟିନା ଥିବା ଖଣ୍ଡା, ଯୁଦ୍ଧବେଳେ ବ୍ୟବହୃତ ଢାଲ ମଧ୍ୟ ମିଳିଛି। ଏଗୁଡ଼ିକ କଫିନ ନିକଟରେ ରଖାଯାଇଥିବାରୁ ମୃତଦେହଗୁଡ଼ିକ କୌଣସି ଯୁଦ୍ଧ ସମୟର କିମ୍ବା ଯୋଦ୍ଧା ବର୍ଗର ଲୋକଙ୍କ ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି। ପଶୁମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ବ୍ୟବହୃତ ଚାବୁକ ବିଭାଗ ହାତରେ ଲାଗିଛି। କଙ୍କାଳଗୁଡ଼ିକ ମଧ୍ୟରେ ଅନେକ ପୁରୁଷ ଏବଂ ମହିଳା ରହିଛନ୍ତି। ସେମାନଙ୍କ କବରରେ ଯୁଦ୍ଧାସ୍ତ୍ର ଆଦି ରଖାଯାଇଥିବାରୁ ଏହି ସଭ୍ୟତାରେ ମହିଳାମାନେ ମଧ୍ୟ ଯୁଦ୍ଧ କରୁଥିଲେ କିମ୍ବା ଅସ୍ତ୍ରଶସ୍ତ୍ର ଚଲାଇପାରୁଥିଲେ ବୋଲି କୁହାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟ କରିଦେବା ଭଳି କଥା ହେଉଛି, ସେହି ମହିଳା କଙ୍କାଳଗୁଡ଼ିକର ଗୋଡ଼କୁ ବଳା ଗଣ୍ଠିରୁ କାଟିଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହାର କାରଣ କ'ଣ ଜାଣିବାକୁ ବିଭାଗ ଅନୁସନ୍ଧାନ ଜାରି ରଖିଛି।

## ଡିସ୍କଭରିରେ ଡକ୍ୟୁମେଣ୍ଟାରି




ସିନୋଲିର ରହସ୍ୟକୁ ନେଇ ଡିସ୍କଭରୀ ପ୍ଲସ୍ ଚ୍ୟାନେଲରେ ପ୍ରସାରିତ ହେଉଛି 'ସିକ୍ରେଟ୍ସ ଅଫ୍ ସିନୋଲି'। ପ୍ରତ୍ନତତ୍ତ୍ୱ ବିଭାଗ ସହଯୋଗରେ ଲୋକପ୍ରିୟ ଅଭିନେତା ମନୋଜ ବାଜପେୟୀଙ୍କ ଦ୍ୱାରା ବର୍ଣ୍ଣିତ ଏବଂ ଫିଲ୍ମ ନିର୍ମାତା ନୀରଜ ପାଣ୍ଡେଙ୍କ ଦ୍ୱାରା ଉପସ୍ଥାପିତ ଏହି ଡକ୍ୟୁମେଣ୍ଟାରୀ ଫେବୃୟାରୀ ୯ରୁ ପ୍ରସାରଣ କରାଯାଉଛି। ଏକ ଟୁଇଟ୍‌ରେ ମନୋଜ ବାଜପେୟୀ କହିଥିଲେ, ଜ୍ଞାନୀମାନଙ୍କ ମତରେ ଯାହାକୁ ଭବିଷ୍ୟତ ଦେଖିବାକୁ ଇଚ୍ଛା ସେ ଭୂତ(ଇତିହାସ) ଦେଖିନିଅନ୍ତୁ। ସିନୋଲିର ରହସ୍ୟ ଆପଣଙ୍କ ଆଖି ଖୋଲିଦେବ। ସିନୋଲିଠାରେ ଖନନ ଓ ଏହା ପଛର ରହସ୍ୟ ଉପରେ ଏହି ଡକ୍ୟୁମେଣ୍ଟାରି ଆଧାରିତ। ରାଘବ ଜୟରଥ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଭାରତ ଏହାର ସଂସ୍କୃତି, ବିବିଧତା ଓ ଐତିହ୍ୟ ପାଇଁ ଜଣାଶୁଣା। ଇତିହାସର ନୂତନ ତଥ୍ୟ ଅନୁସନ୍ଧାନ ଏବଂ ଅନ୍ୱେଷଣ ହିଁ ଏହି ପ୍ରକଳ୍ପ ପାଇଁ ଉତ୍ସାହିତ କରିଥିବା ରାଘବ କହିଛନ୍ତି।




# ବଲିଉଡ୍ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ ଅଭିଷେକ

**ମୁମ୍ବାଇ:** ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ତାଙ୍କ କ୍ୟାରିୟରରେ କିଛି ସ୍ମରଣୀୟ ଭୂମିକାରେ ଅଭିନୟ କରିଛନ୍ତି। କିନ୍ତୁ ତାଙ୍କୁ ଅନେକ ସମୟରେ ସୋସିଆଲ ମିଡିଆରେ ଟ୍ରୋଲ କରାଯାଇଥାଏ। ସେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ପୁଅ ହୋଇଥିବାରୁ ପ୍ରଶଂସକମାନେ ତାଙ୍କଠାରୁ ଅଧିକ ଆଶା କରୁଥିଲେ। କିନ୍ତୁ ଅଭିଷେକ ଅମିତାଭଙ୍କ ଭଳି ଫିଲ୍ମରେ ନିଜ ଛାପ ଛାଡି ପାରି ନ ଥିଲେ। ଏଭଳି ପରିସ୍ଥିତିରେ ଅଭିଷେକ ବଚ୍ଚନ ଥରେ ଏତେ ରାଗି ଯାଇଥିଲେ ଯେ ସେ ବଲିଉଡ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ତା'ପରେ ତାଙ୍କ ବାପା ଅମିତାଭ ବଚ୍ଚନ ତାଙ୍କୁ ଏପରି ନ କରିବାକୁ କହିଥିଲେ। ଏକ ସାକ୍ଷାତକାରରେ ଅଭିଷେକ କହିଛନ୍ତି, ଏକ ସମୟରେ ମୁଁ ଅନୁଭବ କରିବାକୁ ଲାଗିଲି ଯେ, ଫିଲ୍ମ ଶିଳ୍ପ ମୋ ପାଇଁ ତିଆରି ହୋଇନାହିଁ। କିଛି ଲୋକ ମୋର ଅଭିନୟ ଉପରେ ପ୍ରଶ୍ନ କରନ୍ତି ଏବଂ କୁହନ୍ତି ଯେ ମୁଁ ଅଭିନୟ ଜାଣେ ନାହିଁ। ପରେ ମୁଁ ଅନୁଭବ କରିବାକୁ ଲାଗିଲି ଯେ ମୁଁ ଏହି ବୃତ୍ତି ଗ୍ରହଣ କରି ଭୁଲ୍ କରିଛି। ତା'ପରେ ବାପାଙ୍କ ନିକଟକୁ ଯାଇ ବଲିଉଡ ଛାଡିବା ବିଷୟରେ କହିଲି। ତା'ପରେ ସେ ମୋତେ କହିଥିଲେ ଯେ ସେ ମୋତେ ଛାଡିବା ପାଇଁ ବଢାଇ ନାହାଁନ୍ତି। ଜଣେ ଅଭିନେତା ଭାବରେ ତୁମେ ପ୍ରତ୍ୟେକ ଚଳଚ୍ଚିତ୍ରରେ ଆଗକୁ ବଢୁଛ। ଏହା ଶୁଣିବା ପରେ ମୋ ନିଷ୍ପତ୍ତି ବଦଳାଇ ଦେଇଥିଲି ବୋଲି ଅଭିଷେକ କହିଛନ୍ତି।

# ଭାକ୍ସିନ୍‌ର ରସପୁଟିନ୍ ଚ୍ୟାଲେଞ୍ଜ

**ଥିରୁଭାନନ୍ତପୁରମ୍:** କରୋନା ନେଇ ଲୋକଙ୍କୁ ସଚେତନ କରିବା ପାଇଁ ଏବେ ବିଭିନ୍ନ ପ୍ରକାରରେ ଉଦ୍ୟମ କରାଯାଉଛି। କିଛି ନୂଆ ଉପାୟରେ ଲୋକଙ୍କୁ ଆକୃଷ୍ଟ କରି ସଚେତନ କରାଇବା ଉଦ୍ଦେଶ୍ୟରେ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ରସପୁଟିନ୍ ଚ୍ୟାଲେଞ୍ଜର ସାହାରା ନେଇଛି କେରଳ ପୋଲିସ। କରୋନା ସଂକ୍ରମଣ ରୋକିବା ପାଇଁ ସମସ୍ତେ ଭାକ୍ସିନ୍ ନିଅନ୍ତୁ। ଲୋକଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ନିମନ୍ତେ ଏବେ କେରଳ ପୋଲିସ ରସପୁଟିନ୍ ଡ୍ୟାନ୍ସ ଚ୍ୟାଲେଞ୍ଜର ସାହାରା ନେଇଛି। କେରଳ ପୋଲିସ ତା' ଅଫିସିଆଲ ଟୁଇଟର ଆକାଉଣ୍ଟରେ ଏକ ଭିଡିଓ ଶେୟାର କରି ଏହା ବୁଝାଇବାକୁ ଚେଷ୍ଟା କରିଛି। ରସପୁଟିନ୍ ଚ୍ୟାଲେଞ୍ଜ ଭଳି ଭିଡିଓରେ କୋଭାକ୍ସିନ୍ ଏବଂ କୋଭାସିଲ୍ଡ ଦୁଇ ପ୍ରକାରର ଭାକସିନ୍ ସୁନ୍ଦରଭାବେ ନାଚ କରୁଛନ୍ତି। ଏହି ନାଚର ଠିକ୍ ପରେ ପରେ ଏକ ଖବର ମଧ୍ୟ ଭିଡିଓରେ ଦେଖିବାକୁ ମିଳୁଛି ଯେ ନିକଟସ୍ଥ କେନ୍ଦ୍ରକୁ ଯାଇ ଭାକ୍ସିନ୍ ନେଇଯାଆନ୍ତୁ। କେରଳ ପୋଲିସର ଏଭଳି ଏକ ଅଭିନବ ପନ୍ଥାରେ ସଚେତନତାକୁ ସୋସିଆଲ ମିଡିଆରେ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ମାତ୍ର




ଦିନକ ପରେ ଏହି ଭିଜୁଆଲକୁ ୨ ହଜାରରୁ ଅଧିକ ଲୋକ ଦେଖି ସାରିଛନ୍ତି। କେରଳ ପୋଲିସର ଏଭଳି ଢଙ୍ଗରେ ସଚେତନତା ଲୋକଙ୍କୁ ଅନେକାଂଶରେ ଭାକ୍ସିନ୍ ନେବା ପାଇଁ ପ୍ରଭାବିତ କରିପାରିବ ବୋଲି ଆଶା କରାଯାଉଛି।



# ଛୋଟ ବୟସରେ ବଡ଼ ଆବିଷ୍କାର

**ନୂଆଦିଲ୍ଲୀ:** ଦୃଢ ନିଷ୍ଠା ଆଉ କଠିନ ପରିଶ୍ରମ ବଳରେ ମଣିଷ ସବୁକିଛି ହାସଲ କରିପାରେ। ଏହାର ଏକ ଉଦାହରଣ ହେଉଛନ୍ତି ଆର୍ଯ୍ୟନ୍ ମିଶ୍ର। ଦିଲ୍ଲୀର ଏକ ବସ୍ତିରେ ରହୁଥିବା ଆର୍ଯ୍ୟନ୍ ଏବେ ଏକ କ୍ଷୁଦ୍ର ଗ୍ରହ ଆବିଷ୍କାର କରି ପାରିଛନ୍ତି। ମାତ୍ର ୧୯ ବର୍ଷ ବୟସରେ ଏଭଳି ଏକ ସଫଳତା ହାସଲ କରି ଏବେ ଆରୟନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ବସ୍ତିରେ ରହୁଥିବା ଜଣେ ହକରଙ୍କ ପୁଅ ହେଉଛନ୍ତି ଆରୟନ୍। ଘରେ ଘରେ ଖବରକାଗଜ ବାଣ୍ଟୁଥିବା ତାଙ୍କ ବାପା ତାଙ୍କୁ ପାଠ ପଢିବା ନିମନ୍ତେ ସବୁ ପ୍ରକାରର ସାହାଯ୍ୟ କରିବାକୁ ସକ୍ଷମ ହୋଇପାରି ନ ଥିଲେ ବି ଆରୟନ୍ କିନ୍ତୁ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ତାଙ୍କ ପାଖରେ ପାଠ ପଢିବା ନିମନ୍ତେ ବିଭିନ୍ନ ପ୍ରକାରର ବହି ନାହିଁ କି ଲାପଟପ୍ ବି ନାହିଁ। ଏଥିପାଇଁ ସେ ସାଇବର କାଫେରେ କମ୍ପ୍ୟୁଟର ଆଗରେ ବସି ଘଣ୍ଟା ଘଣ୍ଟା ପାଠ ପଢନ୍ତି। ଆଉ ଏବେ ସେ ଏକ ନୂତନ କ୍ଷୁଦ୍ରଗ୍ରହ ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଆର୍ଯ୍ୟନ୍‌ଙ୍କ ଏହି ସଫଳତା ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟିଛି। ଆର୍ଯ୍ୟନ୍‌ଙ୍କ ପ୍ରତିଭା ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବା ସହିତ ଅନେକଙ୍କୁ ଆଗକୁ ବଢିବାର ବାଟ ଦେଖାଇବ ବୋଲି ଲୋକେ ମତ ରଖିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

EASY FINANCE
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in " EASY FINANCE "
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View, Ph: 0674-3561582, 0674-3569237
Website www.easyfinance.org.in
Bhubaneswar : 8093095943, 8093095941
Nayagarh : 8093095930
Khurda : 8093095931, 8093095935, 8093095940
Jagatsinghpur : 8093095932, 8093095934
Puri : 8093095936, 8093095957
REST OF ODISHA (RM) 7077318777

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା, କନ୍ଧମାଳ ସମେତ ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, ବାଲେଶ୍ୱର, ଭଦ୍ରକ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୮ | ୨୬.୫ |
| ଚାନ୍ଦବାଲି | ୩୭.୩ | ୨୪.୭ |
| କଟକ | ୩୭.୦ | ୨୫.୦ |
| ପାରାଦୀପ | ୩୨.୧ | ୨୬.୦ |
| ଭୁବନେଶ୍ୱର | ୩୮.୯ | ୨୫.୬ |
| ଗୋପାଳପୁର | ୩୩.୦ | ୨୬.୩ |
| ପୁରୀ | ୩୨.୮ | ୨୭.୦ |
| ଅନୁଗୋଳ | ୩୭.୭ | ୨୪.୦ |
| ବାରିପଦା | ୩୭.୪ | ୨୩.୬ |
| ଝାରସୁଗୁଡ଼ା | ୩୯.୮ | ୨୩.୪ |
| କେନ୍ଦୁଝର | ୩୫.୪ | ୨୧.୬ |
| ସମ୍ବଲପୁର | ୩୯.୪ | ୨୫.୧ |
| ସୁନ୍ଦରଗଡ଼ | ୩୭.୦ | ୨୧.୦ |
| ହୀରାକୁଦ | ୩୮.୭ | ୨୩.୯ |
| ତାଳଚେର | ୩୮.୭ | ୨୩.୯ |
| ଭବାନୀପାଟଣା | ୩୯.୦ | ୨୪.୫ |
| ବଲାଙ୍ଗୀର | --- | ୨୩.୩ |
| କୋରାପୁଟ | ୩୩.୪ | ୧୯.୨ |
| ଫୁଲବାଣୀ | ୩୭.୮ | ୨୨.୫ |
| ଟିଟିଲାଗଡ଼ | ୪୦.୦ | ୨୬.୮ |
| ମାଲକାନଗିରି | ୩୯.୦ | ୨୨.୫ |
| ସୋନପୁର | ୩୯.୩ | ୨୪.୫ |
| ଦାରିଙ୍ଗିବାଡ଼ି | ୩୧.୦ | ୧୯.୦ |
| ନୟାଗଡ଼ | ୩୮.୩ | ୨୫.୦ |
| ବୌଦ୍ଧ | ୪୦.୦ | ୨୩.୫ |
| ଛତ୍ରପୁର | ୩୨.୦ | ୨୫.୦ |
| ପାରଳାଖେମୁଣ୍ଡି | ୩୪.୫ | ୨୨.୫ |
| ରାୟଗଡ଼ା | --- | ୨୧.୮ |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



✓ ପିତାମ୍ବର ରଥ
ବାଣୀବିହାର, ଆସିକା ଗଞ୍ଜାମ
ଆବିର୍ଭାବ : ୨୦-୦୧-୧୯୪୬
ତିରୋଧାନ : ୦୨-୦୪-୨୦୨୧

ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ପରମପିତାଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

- ଶୋକସନ୍ତପ୍ତ ପତ୍ନୀ ସୁବାସିନୀ,
ପୁତ୍ର - ସତ୍ୟପ୍ରିୟ ଓ ପ୍ରଶାନ୍ତ
କନ୍ୟା - ବବିତା, ମଧୁସ୍ମିତା
ପୁତ୍ରବଧୂ - ଗିତାଞ୍ଜଳୀ, ଜ୍ୱାଇଁ- ରାଜେଶ୍
ପୌତ୍ର - ଆରିୟନ୍ ରାଜ୍ ଓ ଆଶୁତୋଷ
ଏବଂ ପରିବାର ବର୍ଗ

ଧ-୨୦୪୯୮

# ଶପିଂ ମୋହ

**ମହିଳାମାନଙ୍କୁ ଶପିଂ କରିବା ପାଇଁ ଭଲ ଲାଗେ। କିନ୍ତୁ ଅନେକ ସମୟରେ ଆବଶ୍ୟକ ନ ଥାଇ ସେମାନଙ୍କର ଶପିଂ କରିବା ଏକ ନିଶାଭଳି ହୋଇ ଯାଇଥାଏ। ସମୟ ପୂର୍ବରୁ ଏନେଇ ସଚେତନ ନ ହେଲେ କେବଳ ଖର୍ଚ୍ଚାନ୍ତ ହେବା ହିଁ ସାର ହୋଇଥାଏ...**







ଘର ପରିବାର ସମସ୍ତଙ୍କ ପାଇଁ ଆବଶ୍ୟକ ଜିନିଷସବୁ କିଣିବାର ଦାୟିତ୍ୱ ପ୍ରାୟତଃ ମହିଳାଙ୍କର। ଏଥିପାଇଁ ତ ସେମାନେ ହିଁ ଅଧିକାଂଶ ସମୟରେ ମାର୍କେଟିଂ କରିଥାନ୍ତି। କିନ୍ତୁ ଶପିଂ କରିବା ସମୟରେ ବେଳେବେଳେ ସେମାନେ ଏଭଳି ମାୟାଜାଲରେ ଫଶିଯାନ୍ତି ଯେ ଅନାବଶ୍ୟକ ଖର୍ଚ୍ଚ କରି ବସନ୍ତି। ଦରକାର ନ ଥାଇ ବି ଅନେକଗୁଡ଼ିଏ ଜିନିଷ କିଣି ପକାନ୍ତି। ଏଥିପାଇଁ ଖର୍ଚ୍ଚାନ୍ତ ତ ହେବାକୁ ପଡେ ତା' ସାଙ୍ଗକୁ ଅର୍ଥହାନି ବି ହୁଏ। ଅନ୍ୟପଟେ ଦୋକାନୀମାନେ ଅଧିକ ବିକ୍ରି କରିବା ପାଇଁ ବିଭିନ୍ନ ଅଫର, ଡିସକାଉଣ୍ଟ ଆଦିର ଲୋଭ ଦେଖାଇ ଗ୍ରାହକମାନଙ୍କୁ ଆକୃଷ୍ଟ କରିଥାନ୍ତି। ଆଉ ଦୋକାନୀଙ୍କର ଏଭଳି ଲୋଭନୀୟ ଅଫର ମୋହରେ ବିଶେଷଭାବେ ଆକୃଷ୍ଟ ହୋଇଥାନ୍ତି ମହିଳାମାନେ। ତେଣୁ ଏଭଳି ମାୟାଜାଲରୁ ମୁକୁଳିବା ପାଇଁ ମହିଳାମାନେ ମାର୍କେଟିଂ ସମୟରେ ସତର୍କ ରୁହନ୍ତୁ।

**ଶସ୍ତା ସେଲ୍:** ବେଳେବେଳେ ମହିଳାମାନେ ଅଯଥାରେ କିଣାକିଣି କରିବାକୁ ଯାଆନ୍ତି, କାହିଁକି ନା ସେମାନେ ଖବର ପାଇଥାନ୍ତି ଶସ୍ତାରେ ବିଭିନ୍ନ ସାମଗ୍ରୀ ସେଲ୍ ହେଉଛି। ତେଣୁ ଆବଶ୍ୟକତା ନ ଥିଲେ ବି ଅନେକ ସମୟରେ ଏମିତି ଶସ୍ତାରେ ବିକ୍ରି ହେଉଥିବା କହି ସେମାନେ ଅନେକଗୁଡ଼ିଏ ଜିନିଷ କିଣିପକାନ୍ତି। ଏପରି କରିବା ଫଳରେ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ, ଯାହା ବଜେଟ ମ୍ୟାନେଜମେଣ୍ଟକୁ ବିଗାଡ଼ି ଦେଇଥାଏ।

**କ୍ରେଡିଟ୍ କାର୍ଡ ଶପିଂ:** କ୍ରେଡିଟ କାର୍ଡରେ କିଛି ଜିନିଷ କିଣିବାର ଅର୍ଥ ଋଣ ବା ଧାର କରି କିଣିବା। ବିଶେଷକରି ଶପିଂ କରିବା ସମୟରେ କ୍ରେଡିଟ କାର୍ଡ ଆବଶ୍ୟକ ହୋଇଥାଏ। ବେଳେବେଳେ ସଉକରେ ମହିଳାମାନେ ନିଜ ପାଇଁ ସୁନାଗହଣା ହେଉ କିମ୍ବା ଲୁଗାପଟା ଅବା ଘର ପାଇଁ କିଛି ଜିନିଷ କ୍ରେଡିଟ କାର୍ଡ଼ରେ କିଣି ଦେଇଥାନ୍ତି। କିନ୍ତୁ ଏକଥା ଭୁଲି ଯାଇଥାନ୍ତି ଯେ କ୍ରେଡିଟ କାର୍ଡରେ ଅର୍ଥ ଶୁଝିବା ସମୟରେ ଅନେକ ସମୟରେ ଟ୍ୟାକ୍ସ ବି ଅଧିକ ଦେବାକୁ ପଡ଼ିଥାଏ। ତେଣୁ କ୍ରେଡିଟ କାର୍ଡରେ ଅଧିକ କିଣାକିଣି କରିବା ଫଳରେ ତାହା ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇଥାଏ। ତେଣୁ ଲଗ୍‌ଜୁରୀ ଶପିଂ ନିମନ୍ତେ କ୍ରେଡିଟ କାର୍ଡ ବ୍ୟବହାର କରିବା ଉଚିତ ନୁହେଁ।

**ଡିସକାଉଣ୍ଟ ପାଇବାକୁ :** ଅଧିକ ଜିନିଷ କିଣାକିଣି କରିବା ପାଇଁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଦୋକାନୀମାନେ ଡିସ୍‌କାଉଣ୍ଟର ଲୋଭ ଦେଖାଇଥାନ୍ତି। ଆଉ ଗ୍ରାହକମାନେ ବି ଏହି ଡିସକାଉଣ୍ଟ ଜାଲରେ ଫଶି ଯାଆନ୍ତି। ତିନୋଟି କିଣିବା ପରେ ଗୋଟିଏ ଫ୍ରି କିମ୍ବା ୩ ହଜାର ଟଙ୍କାର କିଣିବା ପରେ ପାଞ୍ଚ ଶହ ଟଙ୍କାର ଫ୍ରି ଏମିତି ଅଫରରେ ଆକୃଷ୍ଟ ହୋଇ ମହିଳାମାନେ ଆବଶ୍ୟକ ନ ଥାଇ ଅଧିକ କିଣାକିଣି କରି ଦିଅନ୍ତି। କିନ୍ତୁ ଏମିତି କରିବା ଫଳରେ ଆବଶ୍ୟକଠାରୁ ଅଧିକ ପଇସା ଖର୍ଚ୍ଚ ହୋଇଯାଏ।

**ଅନଲାଇନ୍ ଶପିଂ ଡିଲ୍ :** ବେଳେବେଳେ ଅନ୍‌ଲାଇନ୍ ଶପିଂ ଡିଲ୍ ଦେଖି ମହିଳାମାନେ କିଣାକିଣି କରିଥାନ୍ତି। ସୋସିଆଲ ମିଡିଆରେ ଦେଖିବାବେଳେ କିଛି ଜିନିଷ ଶସ୍ତାରେ ବିକ୍ରି ହେଉଥିବା ଦେଖି ସେମାନେ ଜିନିଷ କିଣି ଦେଇଥାନ୍ତି। ଶପିଂ ନିମନ୍ତେ ମୁଡ୍ ନ ଥିଲେ ବି ଅନଲାଇନ୍ ସେଲ୍ ଦେଖି ସଙ୍ଗେ ସଙ୍ଗେ କିଣିବାକୁ ଇଚ୍ଛା ହୁଏ। ଆବଶ୍ୟକ ନ ଥିଲେ ବି ମାତ୍ର ଦୁଇ କିମ୍ବା ତିନି ଦିନ ପାଇଁ ଶପିଂ ଡିଲ୍ ରହିଥିବା ଦେଖି ବହୁତଗୁଡିଏ ଜିନିଷ କିଣି ଦେଇଥାନ୍ତି। ତେଣୁ ଏଭଳି ଅଭ୍ୟାସ ଫଳରେ ବି ଅଯଥାରେ ଖର୍ଚ୍ଚ ହୋଇଯାଏ।

## ଏମାନେ କ'ଣ କହନ୍ତି...

### ଶସ୍ତା ଥିଲାବେଳେ କିଣିଲେ ଲାଭ

ଶସ୍ତା ଥିଲେ ମୁଁ ଅଧିକ ଜିନିଷ କିଣି ଦେଇଥାଏ। ଅନ୍‌ଲାଇନରେ ବି ଶସ୍ତାରେ ଜିନିଷ ଦେଖିଲେ ମୁଁ କିଣିବା ପାଇଁ ଚେଷ୍ଟା କରିଥାଏ। କାହିଁକିନା ଘର ପାଇଁ ଜିନିଷ ତ ଦରକାର ପଡିବ ନା। ଅବଶ୍ୟ ଏବେ ଦରକାର ନ ଥିଲେ ଆଗକୁ ତ ନିଶ୍ଚୟ ଦରକାର ହେବ। ସେଥିପାଇଁ ଶସ୍ତା ଥିବାବେଳେ କିଣିଲେ ଲାଭ ହିଁ ହୋଇଥାଏ।

*–ଅରୁନ୍ଧତୀ ମହାନ୍ତି*
*ଚୂଡ଼ାମଣି, ବାସୁଦେବପୁର, ଭଦ୍ରକ*


ଅରୁନ୍ଧତୀ

### ଆଗକୁ ଦରକାର ହୁଏ

ଶସ୍ତା ଥିବାବେଳେ ଜିନିଷ କିଣି ମୁଁ ଟଙ୍କା ବଞ୍ଚାଇଥାଏ। କାହିଁକିନା ଆଗରୁ କିଣି ରଖିଥିଲେ ଦରକାର ସମୟରେ କିଣିବାକୁ ପଡି ନ ଥାଏ। ସେଥିପାଇଁ ମୋ ପାଇଁ ଆଉ ପିଲାମାନଙ୍କ ଲାଗି ଆଗରୁ ହିଁ ଡ୍ରେସ କିମ୍ବା ଅନ୍ୟ ଜିନିଷ କିଣି ରଖିଥାଏ। ବେଳେବେଳେ ଘରକୁ କେହି ଆସିଲେ ସେମାନଙ୍କୁ ଉପହାର ବି ଦେଇଥାଏ। ତେଣୁ ଥରେ ଖର୍ଚ୍ଚ କରି ମୁଁ ଭବିଷ୍ୟତ ପାଇଁ ସେଭିଂ କରିଥାଏ। ଅବଶ୍ୟ ମୋର ଏମିତି କିଣାକିଣି ଅଭ୍ୟାସକୁ ମୋ ସ୍ୱାମୀ ଅଯଥା ଖର୍ଚ୍ଚ କହିଥାନ୍ତି, କିନ୍ତୁ ମୋ ମତରେ ଏମିତି ଶପିଂ କରିବା ଲାଭଦାୟକ।

*–ପୁଷ୍ପାଞ୍ଜଳି ଗୋଚ୍ଛି*
*ଶିକ୍ଷୟିତ୍ରୀ, ବମିଖାଲ, ଭୁବନେଶ୍ୱର*


ପୁଷ୍ପାଞ୍ଜଳି

### ଡିସକାଉଣ୍ଟରେ କିଣିଲେ ବହୁତ ଖୁସି ଲାଗେ

ମତେ ଶପିଂ କରିବାକୁ ବହୁତ ଭଲଲାଗେ। ସେଥିପାଇଁ ତ ଯେଉଁଠି ବି ସେଲ କିମ୍ବା ଅଫର ଥାଏ ମୁଁ ସେଠାକୁ ଯାଇ ବୁଲି ଆସିଲେ ମତେ ବହୁତ ଭଲ ଲାଗେ। ତା'ଛଡ଼ା ଯଦି ବହୁତ ଶସ୍ତାରେ ଜିନିଷ ମିଳୁଥିବା ଅନୁଭବ କରେ ତା'ହେଲେ କିଛି କିଣାକିଣି ବି ନିଶ୍ଚୟ କରେ। ଆଉ ଏଥିପାଇଁ ସ୍ୱାମୀଙ୍କୁ ବିଭିନ୍ନ କଥା କହି ଟଙ୍କା ନେବାକୁ ପଡ଼ିଥାଏ। ସେ ଯାହା ହେଉ ଡିସକାଉଣ୍ଟରେ କିଣିଲେ ମନ ବହୁତ ଖୁସି ହୋଇଯାଏ।

*–ଦୀପ୍ତିମୟୀ ନାୟକ,* ଦଶପଲ୍ଲା, ନୟାଗଡ଼


ଦୀପ୍ତିମୟୀ

ସୌନ୍ଦର୍ଯ୍ୟ



# ଆଖିତଳ ଦାଗ ଦୂର କରିବାର ଉପାୟ

**ଆଖି ତଳର କଳାଦାଗ ଦୂର କରିବା ପାଇଁ ବିଭିନ୍ନ ପ୍ରକାରର କ୍ରିମ୍ ରହିଛି। ଏହା ସହିତ ବ୍ୟୁଟି ପାର୍ଲରରେ ବି ବିଭିନ୍ନ ପ୍ରକାରର ଉପଚାର କରିହୁଏ। ତେବେ ଏହି ସମସ୍ୟାରୁ ମୁକ୍ତି ପାଇଁ ଘରୋଇ ଉପାୟରେ ମାସ୍କ ତିଆରି କରି ଲଗାନ୍ତୁ...**

➔ଏକ ପାତ୍ରରେ ୪ ବଡ଼ ଚାମଚ କଞ୍ଚା କ୍ଷୀର ଓ ୨ ବଡ଼ ଚାମଚ ବେକିଂ ସୋଡା ମିଶାନ୍ତୁ। ଏହି ମିଶ୍ରଣକୁ ଭଲଭାବେ ଗାଢ଼ କରି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ, ଯେପରି ତାକୁ ଆଖି ତଳେ ଲଗାଇ ହେବ।

➔ଏହି ଘରୋଇ ମିଶ୍ରଣକୁ ଆଖି ତଳେ ଲଗାଇବା ପୂର୍ବରୁ ପ୍ରଥମେ କ୍ଲିଞ୍ଜିଂ ମିଲ୍କରେ ଭଲଭାବେ ସଫା କରନ୍ତୁ।

➔ଆଖିର ତଳ ପଟରେ ହିଁ ମିଶ୍ରଣକୁ ଲଗାନ୍ତୁ। ମିଶ୍ରଣକୁ ସାବଧାନତାର ସହିତ ଲଗାନ୍ତୁ ଯେପରି ତାହା ଆଖି ଭିତରକୁ ନ ଯିବ।

➔ଆଖି ତଳେ ମିଶ୍ରଣକୁ ଲଗାଇବା ପରେ କିଛି ସମୟ ଆଖି ବନ୍ଦ କରି ଆରାମରେ ଶୋଇ ପଡ଼ନ୍ତୁ।

➔କ୍ଷୀର ଏବଂ ବେକିଂ ସୋଡାର ଏହି ମିଶ୍ରଣକୁ ଆଖି ତଳେ ଅତି କମରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ପାଣିରେ ଧୋଇ ଦିଅନ୍ତୁ।

➔ସପ୍ତାହକୁ ଅତିକମରେ ଦୁଇ ଥର ଏହି ମିଶ୍ରଣକୁ ଲଗାନ୍ତୁ। କିଛି ଦିନ ପରେ କଳା ଦାଗ କମ୍ ହେଉଥିବା ଆପଣ ଅନୁଭବ କରିପାରିବେ।



ଖାଦ୍ୟ ରୁଚି

# ମାଣ୍ଡିଆ ଦୋସା

**ଆବଶ୍ୟକ ସାମଗ୍ରୀ**

ମାଣ୍ଡିଆ ଚୂନା– ୧ ଚାମଚ, କଟା ପିଆଜ– ୨ ବଡ଼ ଚାମଚ, ଧନିଆ ପତ୍ର– ଅଳ୍ପ (କଟା), ଭୁର୍ସଙ୍ଗପତ୍ର– ଅଳ୍ପ (କଟା), କଞ୍ଚା ଲଙ୍କା– ୩ଟି (କଟା), ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ମାଣ୍ଡିଆଚୂନା ସହିତ ପାଣି ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଘୋଳକୁ ବେଶି ବହଳିଆ କରନ୍ତୁ ନାହିଁ କିମ୍ବା ବେଶି ପତଳା ମଧ୍ୟ କରନ୍ତୁ ନାହିଁ। ଏହାପରେ ଏହି ଘୋଳରେ କଟା ପିଆଜ, କଟା ଧନିଆ ପତ୍ର, କଟା ଭୁର୍ସଙ୍ଗପତ୍ର, କଟା କଞ୍ଚା ଲଙ୍କା ଆଦି ପକାନ୍ତୁ। ସେଥିରେ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏବେ ଗ୍ୟାସରେ ମଧ୍ୟମ ଆଞ୍ଚରେ ତାୱା ଗରମ କରି ସେଥିରେ ଅଳ୍ପ ତେଲ ଲଗାଇ ମିଶ୍ରଣକୁ ଦୋସା ଭଳି କରନ୍ତୁ। ସାଧାରଣ ଦୋସା ଭଳି ଏହି ମାଣ୍ଡିଆ ଦୋସା ଭଲଭାବେ ପତଳା ହୋଇପାରିବ ନାହିଁ। ତେଣୁ ଏହାକୁ ତାୱାରେ ଶୀଘ୍ର ଆକାର ଦେବାକୁ ହିଁ ହେବ। ଦୋସାକୁ ଓଲଟାଇ ଦୁଇପଟ ଭଲଭାବେ ସେକି ତାୱାରୁ ବାହାର କରି ଦିଅନ୍ତୁ। ମାଣ୍ଡିଆ ଦୋସାକୁ ଅଧିକ ସ୍ୱାଦିଷ୍ଟ କରିବା ନିମନ୍ତେ ଏହା ଉପରେ ଘିଅ ଲଗାଇ ପାରିବେ। ଯେକୌଣସି ଚଟଣି ସହିତ ଏହି ଦୋସାକୁ ଗରମ ଗରମ ଖାଆନ୍ତୁ।



# ଶ୍ୱେତପ୍ରଦରର ଉପଚାର



ଶ୍ୱେତପ୍ରଦର ରୋଗ ନାରୀମାନଙ୍କୁ ହୋଇଥାଏ। ଅସାମଞ୍ଜସ୍ୟ ଆହାର, ବିହାର, ଦୂଷିତ ପରିବେଶ, ଅତ୍ୟଧିକ ପରିଶ୍ରମ, ମାସିକ ଋତୁସ୍ରାବ ସମୟରେ ପରିଷ୍କାର ନ ରହିବା ଦ୍ୱାରା ଏହି ରୋଗ ହୋଇଥାଏ।

ଏହି ରୋଗରେ ଆକ୍ରାନ୍ତ ରୋଗୀର ଯୌନାଙ୍ଗ ସର୍ବଦା ଅସ୍ୱଚ୍ଛ ଓ ଦୁର୍ଗନ୍ଧଯୁକ୍ତ ହୋଇଥାଏ ଏବଂ ଲଜ୍ଜା ଓ ସଙ୍କୋଚ କରି ଉକ୍ତ ରୋଗକୁ ଲୁଚାଇଥାନ୍ତି ; ଯଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏବେ ଶତକଡା ୬୫ ପ୍ରତିଶତ ମହିଳା ଏହି ରୋଗରେ ଆକ୍ରାନ୍ତ। ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା କଲେ ଏହି ରୋଗକୁ ପ୍ରତିରୋଧ କରାଯାଇପାରିବ।

**ରୋଗର କାରଣ:** ଶରୀର ବିକାରଗ୍ରସ୍ତ କାରଣରୁ ଜରାୟୁରୁ ଅସ୍ୱାଭାବିକ ବା ସର୍ବଦା ଧଳାସ୍ରାବ ଯୌନାଙ୍ଗରୁ ନିର୍ଗତ ହେବାକୁ ଶ୍ୱେତପ୍ରଦର କୁହାଯାଏ। ଏହି ରୋଗର ପ୍ରମୁଖ କାରଣ ଅହିତକର ଆହାର, ଦୂଷିତ ପରିବେଶ ଅର୍ଥାତ ଅଧିକ ମାତ୍ରାରେ ତେଲ, ଲୁଣ, ବାସି ଖାଦ୍ୟ, ଖଟା, ରାଗ ଓ ତେଲମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଲୁଣି ମାଛ, ଶୁଖୁଆ, କଙ୍କଡ଼ା ଆଦି ଅଧିକ ପରିମାଣର ଭୋଜନ ଦ୍ୱାରା ଏହି ରୋଗ ହୋଇଥାଏ। ଏହା ବ୍ୟତୀତ ଖାଦ୍ୟର ଅନୁପଯୁକ୍ତ ସମୟ ତଥା ଯୌନାଙ୍ଗରେ ଦୂଷିତ କପଡ଼ା ବ୍ୟବହାର କରିବା ଏବଂ ଯୌନାଙ୍ଗ ଅପରିଷ୍କାର ରହିବା ଦ୍ୱାରା ଧଳାସ୍ରାବ ହୋଇଥାଏ।

ଏତଦ୍‌ବ୍ୟତୀତ ସିଫିଲିସ୍, ଗନେରିଆଯୁକ୍ତ ବ୍ୟକ୍ତିଙ୍କ ସହ ଯୌନ ସମ୍ବନ୍ଧ ସ୍ଥାପନାର ପ୍ରଥମ ଲକ୍ଷଣ ମଧ୍ୟ ଶ୍ୱେତପ୍ରଦର ହୋଇଥାଏ। ଏହି କାରଣରୁ ଯୋନିକଣ୍ଡୁ ଉତ୍ପନ୍ନ ହୋଇଥାଏ, ଯାହାଦ୍ୱାରା ଅପରିଷ୍କାର ଦ୍ରବ୍ୟ ବା ଅଙ୍ଗୁଳି ଦ୍ୱାରା କୁଣ୍ଡାଇଲେ ମଧ୍ୟ ସଂକ୍ରମଣ ହୋଇ ଏହି ରୋଗ ବଢ଼ିଯାଏ। ଏହି ରୋଗ ପୁରୁଣା ହେଲେ ଶରୀର ଦୁର୍ବଳ ହୋଇଯାଏ। ରୋଗୀ ସର୍ବଦା ଶୋଇବାକୁ ଇଚ୍ଛା କରେ ଓ ଚିଡିଚିଡା ହୋଇଯାଏ। ହାତଗୋଡ଼, ଅଣ୍ଟା ଦରଜ ହୁଏ, ଜ୍ୱର ହେଲାପରି ଲାଗେ। ସର୍ବଦା ଥଣ୍ଡା ଧରେ। ହାତ, ପାଦ, ମୁଖ ମଧ୍ୟ ଜ୍ୱଳନ ହେଲାପରି ଲାଗେ। ମାସିକ ଋତୁସ୍ରାବ ମଧ୍ୟ ଠିକ୍ ହୋଇ ନ ଥାଏ। ପରିସ୍ରା ମଧ୍ୟ ଜ୍ୱଳନ କରେ ଏବଂ ହଳଦିଆ ପରିସ୍ରା ହୋଇଥାଏ।

**ରୋଗର ଲକ୍ଷଣ:** ରୋଗ ଆରମ୍ଭରୁ ରୋଗୀକୁ ଅଜୀର୍ଣ୍ଣ, ଅରୁଚି, ଅଗ୍ନିମାନ୍ଦ୍ୟ, ଅମ୍ଳପିତ୍ତ, ମୁଣ୍ଡବ୍ୟଥା, ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା ତଥା ଧଳାସ୍ରାବ ସମୟରେ କଷ୍ଟ ହୋଇଥାଏ। ଏହି ରୋଗ ପୁରୁଣା ହେଲେ ସ୍ରାବରୁ ଉତ୍କଟ ଦୁର୍ଗନ୍ଧ ହୋଇଥାଏ। ରୋଗ ବହୁଦିନର ହୋଇଗଲେ ଭୋକ କମିଯିବା, ଓଜନ କମିବା, ରକ୍ତ କମ୍ ହୋଇଯିବା, ଶରୀର ବ୍ୟଥା ହେବା ଏବଂ ଦେହରେ ଜ୍ୱଳନ ହୋଇଥାଏ।

ଅନେକ ସମୟରେ ସନ୍ତାନହାନି, ଶରୀର ରୁକ୍ଷତା, ଜ୍ୱର, କୋଷ୍ଠକାଠିନ୍ୟ, ମୁଖମଣ୍ଡଳ ମଳିନ ଦେଖାଯିବା, ଆଖି ଭିତରକୁ ପଶିଯିବା, ଅନ୍ୟମନସ୍କ ଆଦି ଲକ୍ଷଣ ପ୍ରକାଶ ପାଏ। ରୋଗ ପୁରୁଣା ହେଲେ ଜରାୟୁ କର୍କଟ ମଧ୍ୟ ହେବାର ସମ୍ଭାବନା ଅଧିକ ମାତ୍ରରେ ରହିଥାଏ। ଚିକିତ୍ସଙ୍କ ବିନା ପରାମର୍ଶରେ ବାରମ୍ବାର ଗର୍ଭ ନଷ୍ଟ ପାଇଁ ଔଷଧ ସେବନ କରିବା ଦ୍ୱାରା ମଧ୍ୟ ସ୍ରାବ ହୋଇଥାଏ।

**ପ୍ରତିକାର:** ଶ୍ୱେତପ୍ରଦର ରୋଗୀ ଶୁଦ୍ଧ ଆହାର ସୁସ୍ଥ ପରିବେଶରେ ରହିବା ଆବଶ୍ୟକ ଏବଂ ସର୍ବଦା ସାତ୍ତ୍ୱିକ ଭୋଜନ କରିବା ଉଚିତ।

**ଅନୁଭୂତ ଚିକିତ୍ସା**

୧– ଅଁଳାଚୂର୍ଣ୍ଣ– ୮ ଭାଗ, ଚିନି– ୧ ଭାଗ ମିଶାଇ ରଖିବେ। ସକାଳ ଓ ସନ୍ଧ୍ୟାରେ ୨ ରୁ ୩ ଗ୍ରାମ୍ ମାତ୍ରାରେ ମହୁ ମିଶାଇ ସେବନ କରିବେ।

୨– ଦାରୁହଳଦୀର କ୍ୱାଥ (ହଳଦୀ ସିଝାଇ ଛଣା ହୋଇଥିବା ପାଣି) ସହିତ ମହୁ ମିଶାଇ ସେବନ କଲେ ଉପଶମ ମିଳେ।

୩– ଅଶୋକ ଛାଲିର କ୍ୱାଥ ଓ ମହୁ କିଛି ଦିନ ସେବନ କଲେ ରୋଗ ଭଲ ହୁଏ।

୪– ପାଚିଲାକଦଳୀକୁ କଞ୍ଚା ଗୋଦୁଗ୍ଧରେ ଚକଟି ଖାଇଲେ ରୋଗରୁ ଉପଶମ ମିଳିଥାଏ।

୫– ହରିହରିକା ପତ୍ରର ରସ ଓ ମହୁ କିଛିଦିନ ସେବନ କରିବା ପରେ ରୋଗ ଉପଶମ ହୋଇଥାଏ।

୬– ରୋଗୀ ଅମ୍ଳ, ତିକ୍ତ, କଟୁ, ବାସି, ଅଧିକ ରାଗ, ତେଲମସଲାଯୁକ୍ତ ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ତଥା ଫାଷ୍ଟ ଫୁଡ ସେବନ କରନ୍ତୁ ନାହିଁ।

ଶ୍ୱେତପ୍ରଦର ରୋଗରୁ ଉପଶମ ନିମନ୍ତେ ଆୟୁର୍ବେଦରେ ପୁଷ୍ପ୍ୟାନୁଗ ଚୂର୍ଣ୍ଣ, ପ୍ରଦରାନ୍ତକ ଲୌହ, ଲାଧ୍ରାଦି ଚୂର୍ଣ୍ଣ, ଅଶୋକାରିଷ୍ଟ, ମେଥିମୋଦକ, ପତଙ୍ଗାସବ ଭଳି ଔଷଧସବୁ ସେବନ କରିବା ଦ୍ୱାରା ମଧ୍ୟ ଶ୍ୱେତପ୍ରଦର ରୋଗରୁ ଆରୋଗ୍ୟଲାଭ କରିଥାନ୍ତି। ତେବେ ଔଷଧ ସେବନ ପୂର୍ବରୁ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ।

**–ଡା. ରଙ୍ଗନାଥ ଦାଶ**
*ପୁରୀଘାଟ ଥାନା ପାଖ, କଟକ*
*ମୋ: ୯୪୩୭୦୧୯୯୬୦*



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୩/୨୦୨୧ Bhubaneswar, Tuesday, April 13/ 2021

# ସଞ୍ଜୁଙ୍କ ଶତକ ସତ୍ତ୍ୱେ ରୟାଲ୍ସ ପରାସ୍ତ

**ମୁମ୍ବାଇ, ୧୨।୪**

ଅଧିନାୟକ ସଞ୍ଜୁ ସାମସନଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ରାଜସ୍ଥାନ ରୟାଲ୍ସ ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ପଞ୍ଜାବ କିଙ୍ଗ୍ସଠାରୁ ୪ ରନରେ ହାରି ଯାଇଛି। ହାଇସ୍କୋରିଂ ମ୍ୟାଚରେ ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୨୨୧ ରନ କରିଥିବାବେଳେ ରାଜସ୍ଥାନ ପୂରା ଓଭର ଖେଳି ୭ ଉଇକେଟ ହରାଇ ୨୧୭ ରନରେ ସୀମିତ ରହିଥିଲା। ଫଳରେ ରୋମାଞ୍ଚକ ମ୍ୟାଚରେ ବିଜୟ ସହ ପଞ୍ଜାବ ଏହାର ଅଭିଯାନ ଆରମ୍ଭ କରିଛି।

ଟସ୍ ଜିତି ରାଜସ୍ଥାନ ରୟାଲ୍ସର ନୂଆ ଅଧିନାୟକ ସଞ୍ଜୁ ସାମସନ ପ୍ରଥମେ ଫିଲ୍ଡିଂ ନେଇଥିଲେ। ପଞ୍ଜାବ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଓପନିଂ ଯୋଡ଼ିରେ ୧୬ ବଲ୍‌ରୁ ୨୨ ରନ ସଂଗ୍ରହ ହୋଇଥିବାବେଳେ ଓପନର ମୟଙ୍କ ଅଗ୍ରୱାଲ ବ୍ୟକ୍ତିଗତ ୧୪(୯ ବଲ, ୨ ଚୌକା) ରନ କରି ଆଉଟ ହୋଇଥିଲେ। ସୌରାଷ୍ଟ୍ରର ୨୩ ବର୍ଷୀୟ ବାମହାତୀ ମିଡିୟମ ଫାଷ୍ଟ ବୋଲର ଚେତନ ସାକାରିୟା ରୟାଲ୍ସକୁ ପ୍ରଥମ ଉଇକେଟ ଦେଇଥିଲେ। ତେବେ ଏହା ପଞ୍ଜାବ ରନ ହାର ଉପରେ ଅଙ୍କୁଶ ଲଗାଇପାରି ନ ଥିଲା। ଲୋକେଶ ରାହୁଲ ଓ କ୍ରିସ୍ ଗେଲ୍ ଦ୍ୱିତୀୟ ଉଇକେଟରେ ୪୫ ବଲ୍‌ରୁ ୬୭ ରନ କରି ଇନିଂସ ସମ୍ଭାଳି ନେଇଥିଲେ। ଗେଲ୍ ୨୮ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୦ ରନ କରିଥିବାବେଳେ ରିୟାନ ପରାଗଙ୍କ ବଲ୍‌ରେ ବେନ୍ ଷ୍ଟୋକ୍ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦୀପକ ହୁଦା କ୍ରିଜ୍‌ରେ ଯୋଗଦେବା ପରେ ପଞ୍ଜାବ ରନ ହାର ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା। ଉଭୟ ରାହୁଲ ଓ ହୁଦା ରୟାଲ୍ସ ବୋଲରଙ୍କୁ ଧୁଲେଇ କରି ତୃତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ିବା ସହ ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୪୭ ବଲ୍‌ରୁ ୧୦୫ ରନ ସଂଗ୍ରହ ପରେ ଧୂଆଁଧାର ବ୍ୟାଟିଂ କରିଥିବା ହୁଦା ବ୍ୟକ୍ତିଗତ ୬୪ ରନ କରି ଆଉଟ ହୋଇଥିଲେ। ମାତ୍ର ୨୮ଟି ବଲ୍ ଖେଳିଥିବା ହୁଦା ନିଜ ଇନିଂସ ମଧ୍ୟରେ ୪ ଚୌକା ଓ ୬ ଛକା ମାରିଥିଲେ। ରାହୁଲ କିନ୍ତୁ ଅଧିନାୟକ ଇନିଂସ ଖେଳି ୫୦ ବଲ୍‌ରୁ ୭ ଚୌକା ଓ ୫ ଛକା ସହ ସର୍ବାଧିକ ୯୧ ରନ ସ୍କୋର କରି ଦଳକୁ ବୃହତ୍ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଫଳରେ ନିକୋଲସ ପୁରନ ଓ ଝେ ରିଚାର୍ଡଶନ ଖାତା ଖୋଲିପାରି ନ ଥିଲେ ହେଁ ତାହାର ବିଶେଷ ପ୍ରଭାବ ପଡ଼ି ନ ଥିଲା। ଶେଷ ଓଭରରେ ଚମତ୍କାର ବୋଲିଂ କରିଥିବା ସାକାରିୟା ୩୧ ରନ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ପ୍ରଥମ ୩ ଓଭରରେ ପ୍ରଭାବହୀନ ରହିଥିବା ଦାମୀ ଖେଳାଳି କ୍ରିସ୍ ମୋରିସ ନିଜ ଶେଷ ଓଭରରେ ୨ଟି ଉଇକେଟ ନେଇଥିଲେ। ରିୟାନ ପରାଗଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



୯୧ ରନ୍‌ର ଇନିଂସ ଅବସରରେ ଲୋକେଶ ରାହୁଲ।

ବୃହତ୍ ସ୍କୋରର ପିଛା କରି ରାଜସ୍ଥାନ ପ୍ରଥମ ଓଭରରେ ବେନ୍ ଷ୍ଟୋକ୍ସଙ୍କ ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା। ଅନ୍ୟତମ ଓପନର ମନନ ଭୋରା ମଧ୍ୟ ୮ ବଲ୍‌ରୁ ୧୨ ରନ କରି ଆଉଟ ହେବାରୁ ୨୫ ରନରେ ଦଳର ଦ୍ୱିତୀୟ ଉଇକେଟ ପଡ଼ିଥିଲା। ତେବେ ଯୁବ ଅଧିନାୟକ ସାମସନ ଧୈର୍ଯ୍ୟ ନ ହରାଇ ଲଢ଼େଇ ଜାରି ରଖିଥିଲେ। କେବଳ ସେତିକି ନୁହେଁ ସାମସନ ଓ ମିଡିଲ ଅର୍ଡରର ଅନ୍ୟ ବ୍ୟାଟ୍ସମ୍ୟାନମାନେ ଉନ୍ନତ ରନହାର ମଧ୍ୟ ବଜାୟ ରଖିଥିଲେ। ଜୋସ ବଟଲରର ୧୩ ବଲ୍‌ରୁ ୨୫(୫ ଚୌକା) ଓ ଶିବମ୍ ଦୁବେ ୧୫ ବଲ୍‌ରୁ ୨୩(୩ ଚୌକା) ଉପଯୋଗୀ ଅବଦାନ ଦେଇଥିଲେ। ସାମସନଙ୍କ ସହ ରିୟାନ ପରାଗ କ୍ରିଜରେ ଯୋଗଦେବାପରେ ରନହାର ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା। ତେବେ ପରାଗ ୧୧ ବଲ୍‌ରୁ ୨୫(୧ ଚୌକା, ୩ ଛକା) ରନ କରି ଆଉଟ ହେବା ପଞ୍ଜାବକୁ ଆଶ୍ୱସ୍ତ କରିଥିଲା। ମାତ୍ର ସଞ୍ଜୁ ଲଢୁଆ ପ୍ରଦର୍ଶନ କରି ଶେଷ ବଲ୍ ପର୍ଯ୍ୟନ୍ତ ରାଜସ୍ଥାନ ଆଶା ଉଜ୍ଜୀବିତ କରିଥିଲେ। ଶେଷ ବଲ୍‌ରୁ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିବାବେଳେ ସେ ଅର୍ଶଦୀପ ସିଂଙ୍କ ବଲ୍‌ରେ ଛକା ମାରିବାକୁ ଯାଇ ଦୀପକ ହୁଦାଙ୍କ ହାତରେ ଧରା ପଡ଼ି ଯାଇଥିଲେ। ୬୩ଟି ବଲ୍ ଖେଳିଥିବା ସାମସନ ୧୨ ଚୌକା ଓ ୭ ଛକା ସହାୟତାରେ ୧୧୯ ରନ ସ୍କୋର କରିଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ୩ଟି, ମହମ୍ମଦ ସାମି ୨ଟି ଏବଂ ଝେ ରିଚାର୍ଡଶନ ଓ ରିଲି ମେରେଡିଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୨୧/୬(ଲୋକେଶ ରାହୁଲ-୯୧, ଦୀପକ ହୁଦା-୬୪, କ୍ରିସ୍ ଗେଲ୍-୪୦, ଚେତନ ସାକାରିଆ-୩/୩୧, କ୍ରିସ୍ ମୋରିସ-୨/୪୧, ରିୟାନ ପରାଗ-୧/୭)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୭/୭(ସଞ୍ଜୁ ସାମସନ-୧୧୯, ଜୋସ ବଟଲର-୨୫, ରିୟାନ ପରାଗ-୨୫, ଶିବମ ଦୁବେ-୨୩, ଅର୍ଶଦୀପ ସିଂ-୩/୩୫, ମହମ୍ମଦ ସାମି-୨/୩୩, , ଝେ ରିଚାର୍ଡଶନ-୧/୫୫, ରିଲି ମେରେଡିଥ-୧/୪୯)।

# ଆର୍ଜେଣ୍ଟିନାକୁ ହରାଇଲା ଭାରତ

**ବୁଏନ୍ସ ଆରିଜ, ୧୨।୪**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତ ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନା ବିପକ୍ଷରେ ଡବଲ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଶୁଟ୍ ଆଉଟ ୩-୨ ଗୋଲରେ ବିଜୟୀ ହୋଇଥିବା ଭାରତ ସୋମବାର ଦ୍ୱିତୀୟ ମ୍ୟାଚରେ ଘରୋଇ ଦଳକୁ ୩-୦ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତ ପଏଣ୍ଟ ଟେବୁଲରେ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।

ପୂରା ମ୍ୟାଚରେ ପ୍ରଭାବ ବିସ୍ତାର କରି ଖେଳିଥିଲା ଭାରତ। ୧୧ତମ ମିନିଟରେ ଗୋଲ ଦେଇ ହରମନପ୍ରୀତ ସିଂ ପ୍ରଥମ କ୍ୱାର୍ଟରରେ ଭାରତକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟ୍‌ରେ ଲଳିତ ଉପାଧ୍ୟାୟ ଏକ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨-୦ରେ ଅଗ୍ରଣୀଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ଉଭୟ ଦଳ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ଦେଇପାରି ନ ଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭାରତ ଆକ୍ରମଣକୁ ଜୋରଦାର କରିଥିବାବେଳେ ୫୮ତମ ମିନିଟରେ ମନପ୍ରୀତ ସିଂ ଏକ ଗୋଲ ଦେଇ ଦଳର ୩ ପଏଣ୍ଟ ହାସଲକୁ ନିଶ୍ଚିତ କରିଥିଲେ। ଏହି ମ୍ୟାଚ ଜିତିବା ସହ ଭାରତ ୮ ଗେମ୍‌ରୁ ୩ ବିଜୟ, ୩ ଶୁଟ୍ ଆଉଟ ବିଜୟ ଓ ୨ ପରାଜୟ ସହ ୧୫ ପଏଣ୍ଟ ପାଇଛି। ଦଳ ୨୨ଟି ଗୋଲ ଦେଇଥିବାବେଳେ ୧୭ ବରଣ କରିଛି। ଆର୍ଜେଣ୍ଟିନା ୧୨ ଗେମ୍‌ରୁ ୧୧ ପଏଣ୍ଟରେ ରହି ୬ଷ୍ଠ ସ୍ଥାନରେ ରହିଛି। ଆଗାମୀ ଅଲିମ୍ପିକ୍ସରେ ଭାରତ, ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ଗୋଟିଏ ଗ୍ରୁପ୍‌ରେ ରହିଥିବାରୁ ପରସ୍ପର ବିପକ୍ଷରେ ମ୍ୟାଚ ଖେଳିବେ। ତେଣୁ ଭାରତ ପାଇଁ ଏହା ଭଲ ମ୍ୟାଚ ପ୍ରାକ୍ଟିସ ସଦୃଶ ହୋଇଛି। ଏହି ୩ ଦଳ ସହ ପୁଲ୍ 'ଏ'ରେ ସ୍ପେନ, ନ୍ୟୁଜିଲାଣ୍ଡ ଓ ଘରୋଇ ଫେଭରାଇଟ ଜାପାନ ସ୍ଥାନ ପାଇଛି। "ଦ୍ୱିତୀୟ ମ୍ୟାଚରେ ଆର୍ଜେଣ୍ଟିନା ଭଲ ଖେଳିଥିଲା। ମାତ୍ର ଭାରତର ଦୃଢ଼ ରକ୍ଷଣଭାଗ ଯୋଗୁ ଗୋଲ ଦେଇପାରି ନ ଥିଲା" ବୋଲି ଭାରତୀୟ ଗୋଲକିପର କ୍ରିଷ୍ଣନ ପାଠକ ପ୍ରକାଶ କରିଥିଲେ। ପାଠକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆର୍ଜେଣ୍ଟିନା ରକ୍ଷଣଭାଗ ମଧ୍ୟ ଦୃଢ଼। ତେବେ ଆମ ଖେଳାଳିମାନେ ଚକ୍‌ମା ଦେବାରେ ସକ୍ଷମ ହେଲେ ବୋଲି ସେ କହିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ଗ୍ରେଟ ବ୍ରିଟେନ। ଭାରତ ସେଠାକୁ ଯାଇ ମେ ୮ ଓ ୯ ତାରିଖରେ ୨ଟି ଲିଗ୍ ମ୍ୟାଚ ଖେଳିବ। ବେଲଜିୟମ ୧୩ ମ୍ୟାଚରୁ ସର୍ବାଧିକ ୩୨ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନରେ ରହିଥିବାବେଳେ ଜର୍ମାନୀ ୮ ମ୍ୟାଚରୁ ୧୯, ନେଦରଲାଣ୍ଡ ୧୧ ମ୍ୟାଚରୁ ୧୮ ପଏଣ୍ଟ ପାଇ ପ୍ରଥମ ୩ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୧୪ ପଏଣ୍ଟ ପାଇ ଭାରତ ପଛକୁ ୫ମ ସ୍ଥାନ ଅଧିକାର କରିଛି।



ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

# ପାସନ କ୍ଲବ ଦିବାରାତ୍ର କ୍ରିକେଟ ଉଦ୍‌ଯାପିତ

**ଭୁବନେଶ୍ୱର, ୧୨।୪(କ୍ରୀଡ଼ା ପ୍ରତିନିଧି)**

ୟୁନିଟ୍-୪ର ଏମ୍‌ଏଲ୍‌ଏ କଲୋନୀସ୍ଥିତ ପାସନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଟେନିସ ଷ୍ଟାର ଚାମ୍ପିୟନ ଓ ଏଲ୍‌ଏଲ୍‌ସିସି ଦଳ ରନର୍ସଅପ୍ ହୋଇଛି। ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତି, ସାମାଜିକ କର୍ମୀ ରୁଦ୍ର ସାମନ୍ତରାୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍‌କୁ ୧୨,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଜାଫର ଇକବାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ସୌରେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ କର୍ପୋରେଟର ନରେନ କୁମାର ସାହୁ, କ୍ଲବ ସଭାପତି ଅଶୋକ କୁମାର ପଲାଇ, ସମ୍ପାଦକ ସେଖ୍ ତସବୀର, ଶିବ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।




ଚାମ୍ପିୟନ ଟେନିସ ଷ୍ଟାର ଦଳର ଖେଳାଳିମାନେ ପୁରସ୍କାର ନେଉଛନ୍ତି।

# ଦ୍ୱିତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକା ବିଜୟୀ

**ଜୋହାନ୍ସବର୍ଗ, ୧୨।୪:** ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୪ ମ୍ୟାଚବିଶିଷ୍ଟ ସିରିଜ ୧-୧ ସ୍ତରକୁ ଚାଲିଆସିଛି। ଦୁଇ ଦଳ ମଧ୍ୟରେ ଗତ ଶନିବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ପାକିସ୍ତାନ ୪ ଉଇକେଟରେ ବିଜୟ ଲାଭ କରିଥିଲା। ତୃତୀୟ ଟି୨୦ ସେଞ୍ଚୁରିଅନର ସୁପର ସ୍ପୋର୍ଟପାର୍କଠାରେ ଖେଳାଯିବ। ସୋମବାର ମ୍ୟାଚରେ ୧୪୧ ରନର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୪ ଓଭରରେ ୪ ଉଇକେଟ ବିନିମୟରେ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ: ୨୦ ଓଭରରେ ୧୪୦/୯। ଦକ୍ଷିଣ ଆଫ୍ରିକା: ୧୪ ଓଭରରେ ୧୪୧/୪।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ମୁମ୍ବାଇ

**ଚେନ୍ନାଇ, ୧୨।୪**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମୁକାବିଲା ହେବ। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଉଦ୍‌ଘାଟନୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନିକଟରୁ ୨ ଉଇକେଟରେ ପରାଜିତ ହୋଇଥିଲା। ଏକଦା ଖରାପ ସ୍ଥିତିରେ ଥିଲେ ମଧ୍ୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ସଂଘର୍ଷପୂର୍ଣ୍ଣ କରିଦେଇଥିଲା। ତେଣୁ ଆଗାମୀ ମ୍ୟାଚରେ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି ରୋହିତ ଶର୍ମାଙ୍କ ଦଳ।

କୋଲକାତା କିନ୍ତୁ ଏଥର ପାଇଥିବା ମୋମେଣ୍ଟମକୁ ଧରିରଖି ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛି। ନିଜ ପ୍ରଥମ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୧୦ ରନରେ ହରାଇଥିବା ଇଅନ ମୋର୍ଗାନଙ୍କ ଦଳ ଏଥର ଭିନ୍ନ କମ୍ବିନେଶନରେ ପଡ଼ିଆକୁ ଓହ୍ଲାଇଛି। ଗତ ୨ ସଂସ୍କରଣରେ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଛି। ତେଣୁ ମୋର୍ଗାନ ଏଥର ସେହି ଧାରା ଭାଙ୍ଗିବାକୁ ଯୋଜନା କରିଛନ୍ତି। ପୂର୍ବ ମ୍ୟାଚଗୁଡ଼ିକରେ କୋଲକାତା ସାଧାରଣତଃ ଟପ୍ ଅର୍ଡରରେ ସୁନୀଲ ନାରିନଙ୍କ ଉପରେ ଭରସା କରିଥାଏ। ମାତ୍ର ମୋର୍ଗାନ ଏଥର ଏଥିରେ ପରିବର୍ତ୍ତନ କରିଥିଲେ। ଟପ୍ ଅର୍ଡରରେ ନୀତୀଶ ରାଣା ଓ ରାହୁଲ ତ୍ରିପାଠୀ ବିସ୍ଫୋରକ ଆରମ୍ଭ କରିଥିବାବେଳେ ନିର୍ଭୀକ ବ୍ୟାଟିଂ କରି ରୋମାଞ୍ଚକ ଫିନିଶ୍ ଆଣିଥିଲେ ଦୀନେଶ କାର୍ତ୍ତିକ। ଦୁଇ ଓପନର ଶୁମବନ ଗିଲ ଓ ନୀତୀଶ ପ୍ରଥମ ବଲ୍‌ରୁ ହିଁ ଆକ୍ରମଣ ଆରମ୍ଭ କରିଥିଲେ। ଡ୍ରେସିଂ ରୁମ୍‌ରୁ ହିଁ ଏଥିପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଥିଲା। ୨୦୨୦ରେ ଆନ୍ଦ୍ରେ ରସେଲ, କାର୍ତ୍ତିକ ଓ ମୋର୍ଗାନ ମିଡିଲ ଅର୍ଡରରେ ଚମତ୍କାର ବ୍ୟାଟିଂ କରିଥିଲେ ହେଁ କେତେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଆଶାନୁରୂପ ଫଳ ମିଳି ନ ଥିଲା। ଏଥର ମୋର୍ଗାନ ପୂରା ସିଜନ ପାଇଁ ଅଧିନାୟକ ହୋଇଥିବାବେଳେ ମିଡିଲ ଅର୍ଡରରେ ବାଂଲାଦେଶ ସୁପରଷ୍ଟାର ଶାକିବ ଅଲ ହାସନଙ୍କ ଉପସ୍ଥିତି କୋଲକାତା ସମ୍ଭାବନାକୁ ବଢ଼ାଇ ଦେଇଛି।

ରବିବାର ମ୍ୟାଚରେ ରାଣାଙ୍କ ରିଷ୍ଟ ୱର୍କ ଏବଂ ଶକ୍ତିଶାଳୀ ପ୍ରହାର ଖୁବ୍ ଦର୍ଶନୀୟ ଥିଲା। ଫଳରେ ବିପକ୍ଷ ଦଳର ରଶିଦ ଖାଁ ଗିଲ୍ ଏବଂ ରସେଲଙ୍କୁ ଶୀଘ୍ର ଆଉଟ କରିଥିଲେ ହେଁ ତାହାର ପ୍ରଭାବ ପଡ଼ି ନ ଥିଲା।

**ଆଜିର ମ୍ୟାଚ**



ନାଇଟ ରାଇଡର୍ସ **ବନାମ** ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ

ସ୍ଥାନ : ଚେନ୍ନାଇ

ସମୟ : ସନ୍ଧ୍ୟା ୭.୩୦

ଷ୍ଟାର ସ୍ପୋର୍ଟ୍ସ

**ଭିଭିଏସ୍ ଲକ୍ଷ୍ମଣ**

# ପ୍ରତିଭାଙ୍କ ପାଇଁ ପ୍ଲାଟ୍‌ଫର୍ମ

ଆଇପିଏଲ୍ ସିଜନ ୧୪ର ଭଲ ଆରମ୍ଭ ହୋଇଛି। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ବହୁ ତାରକା ଖେଳାଳିଙ୍କୁ ନେଇ ଗଠିତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ବାଙ୍ଗାଲୋର ଅନ୍ତିମ ବଲ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଥିଲା। ୫ଉଇକେଟ ସଫଳତା ପାଇଥିବା ହର୍ଶଲ ପଟେଲ ମ୍ୟାଚ୍‌ର ଥିଲେ ଷ୍ଟାର ଖେଳାଳି। ଆଇପିଏଲ୍ ଏକ ପ୍ଲାଟଫର୍ମ ଯେଉଁଥିରେ ପ୍ରତିଭାସମ୍ପନ୍ନ ଖେଳାଳି ତାଙ୍କ ଦକ୍ଷତା ପ୍ରତିପାଦନ କରିବା ଲାଗି ସୁଯୋଗ ପାଇଥାନ୍ତି। ଏହା ହେଉଛି ଟୁର୍ନାମେଣ୍ଟର ମୂଳ ଉଦ୍ଦେଶ୍ୟ। ପ୍ରଭାବୀ ପ୍ରଦର୍ଶନ ଲାଗି ହର୍ଶଲ କିଛିଦିନ ପାଇଁ ଚର୍ଚ୍ଚାରେ ରହିବେ। ୫ ଉଇକେଟ ସଫଳତା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ନିଶ୍ଚୟ। ଦ୍ୱିତୀୟ ମ୍ୟାଚ୍‌ରେ ପୃଥ୍ୱୀ ଶ'ଙ୍କ ଖେଳ ଦର୍ଶନୀୟ ଥିଲା। ସେ ବିନା ଚାପରେ ନିଜସ୍ୱ ଷ୍ଟାଇଲ୍‌ରେ ଖେଳୁଥିଲେ। ଭାରତୀୟ ଦଳରେ ସ୍ଥାନ ହରାଇଥିବାରୁ ତାଙ୍କୁ କେତେ ପରିମାଣରେ ବାଧୁଛି ଏଥିରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ଏହି ୟଙ୍ଗଷ୍ଟାର ଖେଳାଳିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଥିବା ମନେହେଉଛି। ରବିବାର କୋଲକାତା ନାଇଟ ରାଇଡର୍ସଠାରୁ ସନରାଇଜର୍ସ ହାଇଦ୍ରାବାଦର ପରାଜୟ ନୈରାଶ୍ୟଜନକ ଥିଲା। ୧୦ରନରେ ପରାଜୟ ଅର୍ଥ ମ୍ୟାଚ ପ୍ରତିଦ୍ୱନ୍ଦ୍ୱିତାମୂଳକ ଥିଲା। ଆମ ଦଳର ବୋଲିଂ ପ୍ରଶଂସନୀୟ ଥିଲା। କିନ୍ତୁ ପାୱାରପ୍ଲେରେ ଆମେ ବହୁତ ୱାଇଡ୍ ବଲ୍ ପକାଇଥିଲୁ। ନୀତୀଶ ରାଣା ଓ ରାହୁଲ ତ୍ରିପାଠୀ ଏଥିରୁ ଫାଇଦା ଉଠାଇ ସେମାନଙ୍କ ପ୍ରଭାବ ଜାହିର କରିପାରିଥିଲେ। ରସିଦ ଖାଁ ତ ସବୁବେଳେ ଭଲ ପ୍ରଦର୍ଶନ କରିଥାନ୍ତି। ମ୍ୟାଚ୍‌ରେ ସେ ତାହାର ଏକ ନମୁନା ଦେଖାଇଥିଲେ। ଆମ ଦଳ ପାଇଁ ଏହା ସିଜନର ପ୍ରଥମ ମ୍ୟାଚ୍ ଥିଲା। କେତେକ କ୍ଷେତ୍ରରେ ଆମର ତ୍ରୁଟି ପରିଲକ୍ଷିତ ହୋଇଛି। ସେଥିରେ ସୁଧାର ଆଣିବାକୁ ପଡ଼ିବ। ଆମେ ଆମର ପରବର୍ତ୍ତୀ ମ୍ୟାଚ ବୁଧବାର ଆର୍‌ସିବି ବିପକ୍ଷରେ ଖେଳିବୁ। ସେଥିରେ ଆମ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବୁ ବୋଲି ମୋର ଆଶା ରହିଛି। ଆମ ଦଳ ତ୍ରୁଟି ଯୋଗୁ କେକେଆର୍ ୧୫ରୁ ୨୦ ଅଧିକ ରନ ସଂଗ୍ରହ କରିପାରିଥିଲା, ଯାହାକି ଆମ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ବଡ଼ ଟାର୍ଗେଟ୍ ହାସଲ କରିବା ଲାଗି ଆମ ବ୍ୟାଟିଂ ଲାଇନ୍‌ଅପ୍‌ର ସାମର୍ଥ୍ୟ ରହିଛି। ମାତ୍ର ଡେଭିଡ୍ ୱାର୍ନର ଓ ରିଦ୍ଧିମାନ ଶାହା ଶୀଘ୍ର ଆଉଟ୍ ହୋଇଯିବାରୁ ଆମ ଯୋଜନା ବିଗିଡ଼ି ଯାଇଥିଲା। କିନ୍ତୁ ପରେ ଜନି ବେୟାରଷ୍ଟୋ ଓ ମନୀଷ ପାଣ୍ଡେ ଲଢୁଆ ପ୍ରଦର୍ଶନ କରି ଆବଶ୍ୟକ ରନ୍‌ରେଟ୍ ହାତଛଡ଼ା କରିବାକୁ ଦେଇ ନ ଥିଲେ। ବେୟାରଷ୍ଟୋ ଚମତ୍କାର ବ୍ୟାଟିଂ କରିଥିଲେ। କିନ୍ତୁ କେନ୍ ୱିଲିୟମସନଙ୍କଭଳି ପାର୍ଟନର ଅଭାବ ପରିଲକ୍ଷିତ ହୋଇଥିଲା। ଏଲ୍‌ବୋ ଇଞ୍ଜୁରି ଯୋଗୁ ସେ ଏହି ମ୍ୟାଚରେ ଖେଳି ନ ଥିଲେ। ବେୟାରଷ୍ଟୋ ଆଉଟ୍ ହେବା ପରେ ଆମର ସମ୍ଭାବନା ମଉଳିଯାଇଥିଲା। ସେତେବେଳେ ୧୨ ବଲ୍‌ରେ ଆମେ ୩୮ ରନ ଆବଶ୍ୟକ କରୁଥିଲୁ। ମାତ୍ର ଅବ୍‌ଦୁଲ ସମାଦଙ୍କ ଆଗମନ କିଛିଟା ଆଶା ସଞ୍ଚାର କରିଥିଲା। ସେ ପ୍ୟାଟ୍ କୁମିନ୍ସଙ୍କ ପ୍ରଥମ ବଲ୍‌କୁ ଏକ ବିଶାଳ ଛକା ଲଗାଇଥିଲେ। ସେ ଜଣେ କୁଶଳୀ ଓ ପ୍ରତିଭାସମ୍ପନ୍ନ ଖେଳାଳି ନୁହନ୍ତି, ତାଙ୍କର ମନୋବଳ ଖୁବ୍ ଦୃଢ଼ ବୋଲି ତାଙ୍କ ଖେଳରୁ ଜଣାପଡ଼ିଥିଲା। ସେ ଓ ମନୀଷ ଯଦି ଦଳକୁ ଜିତାଇପାରିଥାନ୍ତେ ବହୁତ ବଡ଼ କଥା ହୋଇଥାନ୍ତା। ତଥାପି ଉଦ୍ୟମ ପ୍ରଶଂସନୀୟ। ଆଗକୁ କିଛି କରିଦେଖାଇବାକୁ ହେବ।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

Dr. Juneja's
ଡା.ଅର୍ଥୋ ତେଲ
Divisa
www.divisastore.com
ନକଲକାରୀଙ୍କ ପ୍ରତି ସାବଧାନ
ଗ୍ରାହକମାନେ ଦୟାକରି ଧାନ ଦିଅନ୍ତୁ, ଆମ ଜ୍ଞାତସାରକୁ ଏହା ଆସିଛି ଯେ, 'ଡା. ଅର୍ଥୋ' ତେଲ ମାଗିଲେ କେତେଜଣ ଦୋକାନୀ ଭାଇ ନିଜ କମିଶନ ଲୋଭରେ ଏକା ସଦୃଶ ନାମର, ବିଜ୍ଞାପନ କରୁଥିବା ପ୍ରଡକ୍ଟ ଗ୍ରାହକମାନଙ୍କୁ ଦେଉଛନ୍ତି । ଦୟାକରି ସଚେତନ ରୁହନ୍ତୁ, ଏପରି ନକଲି ଔଷଧ ସ୍ୱାସ୍ଥ୍ୟକୁ ଖରାପ କରିପାରେ। ତେଣୁ ପୂରା ନାମ 'ଡା. ଅର୍ଥୋ' ପଢ଼ି ଓ ପ୍ରଦର୍ଶିତ କରାଯାଇଥିବା ପ୍ୟାକିଂ ସହିତ ମିଶାଇ କିଣନ୍ତୁ । ଡା. ଅର୍ଥୋ ଆୟୁର୍ବେଦିକ ତେଲର ଅନ୍ୟ କୌଣସି ଉତ୍ପାଦ କିମ୍ବା ବିଜ୍ଞାପନ ସହିତ କୌଣସି ସମ୍ପର୍କ ନାହିଁ ।
ଯୋଗାଯୋଗ କରନ୍ତୁ
7876977777




ଗଣ୍ଠି ବ୍ୟଥାର ଅବ୍ୟର୍ଥ ଔଷଧ

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସାନିଟାଇଜ ହେଲା କୃଷ୍ଣ ନଗର

ଜି.ଉଦୟଗିରି,(ଡି.ଏନ.ଏ.): କରୋନାର ଦ୍ୱିତୀୟ ଲହରରେ ଜି.ଉଦୟଗିରି କୃଷ୍ଣ ନଗରରୁ ଜଣେ ପଜିଟିଭ ଚିହ୍ନଟ ହେବା ପରେ ସେହି ସାହିକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ଏବେ ବସଷ୍ଟାଣ୍ଡ ସାହି, ନୂଆସାହି, କନବାଗିରି, ଶ୍ରୀରାମପଦା ଅଞ୍ଚଳରୁ ପଜିଟିଭି ଆସିବା ପରେ ସେହି ସାହିଗୁଡ଼ିକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ବସଷ୍ଟାଣ୍ଡ ସାହିର ପଜେଟିଭି ଆସିଥିବା ବ୍ୟକ୍ତି ଅଡିଥି ଘରକୁ ଆସି ଫେରିଯାଇ ଥିବାରୁ ସେ ସାହିକୁ କଣ୍ଟେନମେଣ୍ଟରୁ ବାଦ ଦିଆଯାଇଛି ବୋଲି ଏନ୍ଏସି କର୍ତ୍ତୃପକ୍ଷ କହିଛନ୍ତି । ଏଥିସହିତ ଏହି ସାହି ଗୁଡ଼ିକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ସାନିଟାଇଜ୍ କରିଛନ୍ତି।

## ସଂକ୍ଷେପରେ

### ବନ୍ଧୁକ ଜବତ, ଶିକାରୀ ଗିରଫ

ଭଞ୍ଜନଗର, ୧୨।୪ (ଡି.ଏନ.ଏ): ଜଗନ୍ନାଥପ୍ରସାଦ ରେଞ୍ଜ ବେଲଗୁଣ୍ଠା ସେକ୍ସନର ଲଣ୍ଡେଇହିଲ୍‌ରେ ରବିବାର ରାତିରେ ବନ କର୍ମଚାରୀମାନେ ଜଣେ ଶିକାରୀଙ୍କୁ କାବୁ କରିଛନ୍ତି । ସେ ହେଲେ ଢଉପଲ୍ଲୀର ବଳରାମ ମଳିକ । ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ରାତିରେ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବଳରାମ ବନ୍ଧୁକ ଧରି ବୁଲୁଥିବା ଡିଏଫଓ ଅଭୟକାନ୍ତ ଦଳେଇ ସୂଚନା ପାଇଥିଲେ। ଏ ନେଇ ପଦକ୍ଷେପ ନେବାକୁ ସେ ରେଞ୍ଜର ଉମାକାନ୍ତ ଦାସ ଓ ବନପାଳ ବବୁଲ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ କର୍ମଚାରୀ ବଳରାମଙ୍କୁ ଗିରଫ କରିବା ପରେ ସୋମବାର ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିବା ଏସିଏଫ୍ ସୁଦର୍ଶନ ବାଦୀ କହିଛନ୍ତି ।

# ପରମ୍ପରା ରକ୍ଷା, ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଅନୁମତି

■ ଶ୍ରୀରାମନବମୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

■ ମେଳା, ମହୋତ୍ସବ ବନ୍ଦ ନିଷ୍ପତ୍ତି

ଓଡ଼ଗାଁ, ୧୨।୪ (ସ୍ୱ.ପ୍ର.)

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରା ନିମନ୍ତେ ସୋମବାର ମନ୍ଦିର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତହସିଲଦାର ବିଜୟିତା ସାମନ୍ତସିଂହାର, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଏନଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ଥାନା ଅଧିକାରୀ ସ୍ନେହଲତା ପ୍ରଧାନ, ଅଗ୍ନିଶମ ଅଧିକାରୀ ପ୍ରତାପ ପ୍ରଧାନ,



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ଓ ଜିଲା ପରିଷଦ ସଦସ୍ୟ ବିଭୁପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୨୧ ତାରିଖ ଶ୍ରୀରାମ ନବମୀରୁ ନବଦିନ ବ୍ୟାପୀ ମନ୍ଦିର ପରମ୍ପରା ଅନୁସାରେ ପୂଜା ପରମ୍ପରା ପାଳନ କରାଯିବ । ପ୍ରତିଦିନ କୋଭିଡ୍ କଟକଣା ଅନୁଯାୟୀ ମହିଳା ଓ ପୁରୁଷମାନେ ଦୁଇ ଧାଡିରେ ସିଂହଦ୍ୱାରା ଦେଇ ଶ୍ରୀଜୀଉଙ୍କ ସନ୍ଧ୍ୟା ବେଶ ଦର୍ଶନ କରିପାରିବେ । କେବଳ ପୂଜକ ପରିଷଦ, ପ୍ରଶାସକ ଓ ପୋଲିସ ଉପସ୍ଥିତିରେ ନିରାଡମ୍ବର ସହିତ ସଦିତା ବିବାହ ସମ୍ପନ୍ନ କରିବାକୁ ନିଷ୍ପତ୍ତି ନିଆଯାଇଛି । ମନ୍ଦିର ବେଢାରେ କୌଣସି ଯାତ୍ରୀ କିମ୍ବା ଶ୍ରଦ୍ଧାଳୁଙ୍କୁ ରହିବାକୁ ଦିଆଯିବନାହିଁ । ୨୧ ତାରିଖ ମଧ୍ୟାହ୍ନରେ ଜନ୍ମ ନାରାୟଣ ବିଧାନ ଓ ସନ୍ଧ୍ୟାରେ ଜନ୍ମନାରାୟଣ ବେଶ ଅନୁଷ୍ଠିତ ହେବ। ୨୨ରେ ସାଧାରଣ ବେଶ, ୨୩ରେ ତାଡକା ବଧ, ୨୪ରେ ଅହଲ୍ୟା ଉଦ୍ଧାରଣ, ୨୫ରେ ଗଙ୍ଗାପାର, ୨୬ରେ ଧନୁଭଗ୍ନ ବା ସୀତା ବିବାହ, ୨୭ରେ ବନବାସ, ୨୮ରେ ଚିତ୍ରକୂଟ, ୨୯ ସାଧାରଣ ବେଶ, ୩୦ରେ ଅଷ୍ଟାବଧାନ, ମେ ୧ରେ ଯୁଦ୍ଧଯାତ୍ରା, ମେ ୨ରେ ଅଭିଷେକ ବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି । ସର୍ବୋପରି ବିନା ମାସ୍କରେ ମନ୍ଦିର ପ୍ରବେଶ ବାରଣ କରାଯାଇଛି । ରାମ ନବମୀ ଯାତ୍ରା ପାଇଁ ମନ୍ଦିର ପରିସରରେ କିମ୍ବା ବାହାରେ କୌଣସି ଷ୍ଟଲ ଖୋଲିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଦୃଢ ନିଷ୍ପତ୍ତି ନିଆଯାଇଛି । ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ମନ୍ଦିର ପୂଜକ ପରିଷଦ, ଖବରଦାତା ଓ ଶ୍ରଦ୍ଧାଳୁ ସ୍ୱେଚ୍ଛାସେବୀମାନେ ବୈଠକରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ପ୍ରେମିକ ଦୁଆରେ ପ୍ରେମିକାଙ୍କ ଧାରଣା

ନୟାଗଡ଼ ଅଫିସ/ଓଡ଼ଗାଁ,୧୨।୪(ସ୍ୱ.ପ୍ର.): ବୋହୂର ମାନ୍ୟତା ଦାବିରେ ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକା ସୋମବାରଠାରୁ ଧାରଣା ଦେଇଛନ୍ତି । ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ଭାଡିକିଲାରେ ଏହି ଧାରଣା ଚାଲିଛି। ଭାଡିକଳା ଗାଁର ଜଣେ ଯୁବକ ବ୍ରହ୍ମଗିରି ଅଞ୍ଚଳରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ଯୁବକଙ୍କ ପରିବାର ଲୋକେ ଏକଥା ଜାଣିବା ପରେ ବିବାହ କରାଇ ନ ଦେବାକୁ ଉଦ୍ୟମ ଆରମ୍ଭ କରିଥିଲେ । ସେମାନେ ସେହି ଘରୋଇ ସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଯୁବକଙ୍କ ବଦଳି ବ୍ରହ୍ମଗିରିରୁ ରାଉରକେଲାକୁ କରି ଦେଇଥିଲେ । ଯୁବକ ଜଣକ ରାଉରକେଲା ଅଫିସରେ ଜଏନ୍ କରିବା ପରେ ତାଙ୍କ ପରିବାର ଲୋକେ ସ୍ଥାନୀୟ ଅଞ୍ଚଳରେ ପୁଅର ବିବାହ ପାଇଁ ଉଦ୍ୟମ କରିଥିଲେ । ଏହି ଖବର ଜଣାପଡିବା ପରେ ସମ୍ପୃକ୍ତ ଯୁବତୀ ଭାଡିକଳା ଗାଁରେ ପହଞ୍ଚି ପ୍ରେମିକଙ୍କ ଘର ଆଗରେ ସୋମବାର ଧାରଣା ଦେଇଛନ୍ତି ।

## ଗଜପତିରେ ୧୪ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି, ୧୨।୪ (ଡି.ଏନ୍.ଏ.): ଗଜପତି ଜିଲାରେ ସୋମବାର ୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରରୁ ୭ ଜଣ, ଆର. ଉଦୟଗିରିରୁ ୫, ମୋହନା ବ୍ଲକରୁ ଜଣେ ଏବଂ ପୁରୁଣାପାଟଣା ଗ୍ରାମରୁ ଜଣେ କରୋନା ଆକ୍ରାନ୍ତ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୪୧୨୫ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଦ୍ୱିତୀୟ ଲହର କରୋନାରେ ଆକ୍ରାନ୍ତ ସଂଖ୍ୟା ୩୬ରେ ପହଞ୍ଚିଛି।

# ଭାଜପାକୁ ସବୁବେଳେ ସମର୍ଥନ ଦେଇଆସୁଛି ବିଜେଡି: ଅଠାୱାଲେ

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ବିଜେଡି ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାରକୁ ପୂର୍ଣ୍ଣ ସମର୍ଥନ ଦେଇଆସୁଛି। ରାଜ୍ୟ ସଭା ଏବଂ ଲୋକ ସଭାରେ ଏନ୍‌ଡିଏ ସରକାର ଆଣୁଥିବା ବିଲ୍‌କୁ ବିଜେଡି ସବୁବେଳେ ସମର୍ଥନ କରୁଛି। ବିଜେଡି ଯଦି ଏନ୍‌ଡିଏ ସହ ଆସେ ରାଜ୍ୟକୁ ଆହୁରି ଫାଇଦା ମିଳିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଠାୱାଲେ କହିଛନ୍ତି, କୃଷକମାନଙ୍କ ଆନ୍ଦୋଳନକରୁ ନେଇ ଅକାଳୀ ଦଳ ଏନ୍‌ଡିଏଠାରୁ ସମର୍ଥନ ଫେରାଇ ନେଇଛି। ସେହିପରି ପୁରୁଣା ସହଯୋଗୀ ଶିବସେନା ମଧ୍ୟ କଂଗ୍ରେସ ଓ ଏନ୍‌ସିପି ସହ ମିଶି ମହାରାଷ୍ଟ୍ରରେ ସରକାର କରିବା ପରେ ଏନ୍‌ଡିଏଠାରୁ ଦୂରେଇ ଯାଇସାରିଛି। ତେଣୁ ବିଜେଡି ଯଦି ଏନ୍‌ଡିଏ ସହ ମିଶିଯାଏ ଭଲ ହେବ ଏବଂ ଏହା ତାଙ୍କ ବ୍ୟକ୍ତିଗତ ମତ ବୋଲି ଅଠାୱାଲେ କହିଛନ୍ତି।


ଭୁବନେଶ୍ୱର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେ, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଓ ଅନ୍ୟମାନେ।

ଅଠାୱାଲେ ଆହୁରି କହିଛନ୍ତି, କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଟିକା ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟ ମଧ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସମସ୍ତ ବ୍ୟକ୍ତି ଅଧିକ ସଂଖ୍ୟାରେ ନିଜର ନିକଟସ୍ଥ ଟିକାଦାନ କେନ୍ଦ୍ରରେ କୋଭିଡ୍ ଟିକା ଗ୍ରହଣ କରିବା ଲାଗି ସେ ନିବେଦନ କରିଛନ୍ତି। ପୂର୍ବରୁ ସତର୍କତା ଓ ସମୟୋଚିତ ପଦକ୍ଷେପ କାରଣରୁ ଆମେ କରୋନା ମହାମାରୀ ବିରୋଧରେ ବିଜୟ ହାସଲ କରିପାରିଥିଲେ। ମାତ୍ର ବର୍ତ୍ତମାନ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। କରୋନା ମହାମାରୀ ସତ୍ତ୍ୱେ ଦେଶର ବିକାଶଧାରା ଜାରି ରଖିବା ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରୁଛନ୍ତି। ଏହି ଅବସରରେ ଅଠାୱାଲେ ବିଭିନ୍ନ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି, ୨୦୧୪ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ସାରା ଦେଶରେ ୪୨ କୋଟି ୨୦ ଲକ୍ଷ ୬ ହଜାର ଆକାଉଣ୍ଟ ଖୋଲାଯାଇଥିବା ବେଳେ ସେଥିରେ ବର୍ତ୍ତମାନ ୧,୪୦,୫୫୦.୮୦ କୋଟି ଟଙ୍କା ରହିଛି। ସେହିପରି ଏହି ସମୟରେ ଉକ୍ତ ଯୋଜନାରେ ଓଡ଼ିଶାରେ ୧ କୋଟି ୭୩ ଲକ୍ଷ ୧୭ ହଜାର ଆକାଉଣ୍ଟ ଖୋଲାଯାଇଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ହିସାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆୟୁଷ୍ମାନ ଭାରତ ମାଧ୍ୟମରେ ସାରା ଦେଶରେ ୧ କୋଟି ୭୬ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଲାଭାନ୍ୱିତ ହୋଇଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହି ଯୋଜନା ଲାଗୁ କରନ୍ତୁ। ଏହାଦ୍ୱାରା ବହୁ ଗରିବ ଲୋକ ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ରାଜ୍ୟ କର୍ମଚାରୀଙ୍କୁ ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ସଂରକ୍ଷଣ ନେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଦେଶରେ ଦଳିତ, ବଞ୍ଚିତ, ପଛୁଆ ବର୍ଗ, ସଂଖ୍ୟାଲଘୁ ତଥା ସମସ୍ତ ବର୍ଗର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗତ ୬ ବର୍ଷରେ ଦେଶର ବିକାଶଧାରାରେ ପ୍ରତିଫଳିତ ହେଉଛି ବୋଲି ଅଠାୱାଲେ କହିଛନ୍ତି।

# ଜଣେ ପୋଲିସ ଫସିଲେ, ୪ ଖସିଲେ

## ଟାଉନ ରେଳ ଷ୍ଟେଶନ ଭଙ୍ଗାରୁଜା ଘଟଣା


କମ୍ପ୍ୟୁଟର ସେଟ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ଭଙ୍ଗାରୁଜା କରାଯାଇଛି।


ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ରକୁ ପୋଡ଼ିଦିଆଯାଇଛି।


ଅଟକ ଯୁବକଙ୍କୁ ପୋଲିସ ଥାନାକୁ ନେଉଛି।


ଗିରଫ ଆକ୍ରମଣକାରୀମାନେ।

ନୟାଗଡ଼ ଅଫିସ,୧୨।୪

ରବିବାର ରାତିରେ ନୟାଗଡ଼ ଟାଉନ ରେଳ ଷ୍ଟେଶନରେ ଭଙ୍ଗାରୁଜା, ମାରପିଟ୍ ଓ ପୋଡାଜଳା ହୋଇଛି । ଏହି ଘଟଣାରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୧୦ଜଣ ଜେଲ ଯାଇଛନ୍ତି । ତେବେ ଏହି ଘଟଣାରେ ଅନ୍ୟ ୩ରୁ ୪ଜଣ ପୋଲିସ କର୍ମଚାରୀ ସଂପୃକ୍ତି ଥିବା ଜଣାପଡିଛି । ହେଲେ ସେମାନଙ୍କର ପଲା ଭାରିଥିବାରୁ ସେମାନଙ୍କୁ ଖସାଇ ଦିଆଯାଇଥିବାର ଚର୍ଚ୍ଚା ହେଉଛି। ଏହି ଘଟଣା ଲୋକ ଲୋଚନକୁ ଆସିବା ପରେ ପୋଲିସ ଉପରେ ଲୋକଙ୍କ କ୍ଷୋଭ ଓ ଅସନ୍ତୋଷ ବଢ଼ିଛି । ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ନିରଞ୍ଜନ ମିଶ୍ର, ଖେଖ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ, ଅଶୋକ ମଲ୍ଲ, କୈଳାଶ ପ୍ରଧାନ ପ୍ରମୁଖ ଦାବି ଜଣାଇଛନ୍ତି ।

### ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ

ନୟାଗଡ଼ ଟାଉନ ରେଳ ଷ୍ଟେଶନ ଅସମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେଠାରେ ବ୍ରାଉନସୁଗାର ବିକ୍ରି ଅବାଧରେ ଚାଲିଛି । ପୁଣି ନିଶାଖୋର ବ୍ୟକ୍ତିମାନେ ମଦ, ଗଞ୍ଜେଇ ଖାଇବା ପାଇଁ ସେହି ସ୍ଥାନକୁ ନିରାପଦ ସ୍ଥଳୀ ବାଛି ନେଇଛନ୍ତି । ପୁଣି ପ୍ରତ୍ୟହ ସେଠାରେ ଗଣ୍ଡଗୋଳ ହେବା ସାଧାରଣ ଘଟଣାରେ ପରିଣତ ହୋଇଛି । କରୋନା ଯୋଗୁ ଟ୍ରେନ ଚଳାଚଳ ବନ୍ଦ ହେବା ପରେ ଅସମାଜିକ କାର୍ଯ୍ୟ ବଢ଼ି ଚାଲିଛି । ପୋଲିସ ପାଟ୍ରୋଲିଂ ନ ଥିବାରୁ ଏଥିରେ ଲଗାମ ଲାଗି ପାରୁ ନାହିଁ । ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନ ଥିଲା । ତେବେ ରବିବାର ରାତିର ପୋଡ଼ା ଜଳା, ମାରପିଟ୍ ପରେ କିଛିଟା ପରିବର୍ତ୍ତନ ହେବାରେ ଆଶା କରାଯାଉଛି ।

### ଆଜିଠୁ ଟ୍ରେନ ଚଳାଚଳ ଆରମ୍ଭ

ମଙ୍ଗଳବାର ଖୋର୍ଦ୍ଧା ବଲାଙ୍ଗୀର ରେଳପଥରେ ଟ୍ରେନ ଯାତାୟତ କରିବ । କରୋନା କଟକଣା ଯୋଗୁ ରେଳ ଚଳାଚଳ ବନ୍ଦ ଥିଲା । ତେବେ ତା'ପୂର୍ବରୁ ରବିବାର ରାତିରେ ନୟାଗଡ ଟାଉନ ରେଳ ଷ୍ଟେଶନ ଭଙ୍ଗାରୁଜା, ପୋଡାଜଳା ଭୟର ବାତାବରଣ ସୃଷ୍ଟି କରିଛି । ପୋଲିସ ପକ୍ଷରୁ ଯଦିଓ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ତେବେ ଆଉ କେତେଜଣ ବର୍ତ୍ତୀ ଯାଇଛନ୍ତି । ରେଳବାଇ ବିଭାଗ ପକ୍ଷରୁ ଏନେଇ ଚିନ୍ତା ପ୍ରକାଶ ପାଇଛି। ଅନ୍ୟପକ୍ଷେ ମଙ୍ଗଳବାରଠାରୁ ରେଳ ଚଳାଚଳକୁ ନୟାଗଡ଼ ଜିଲାବାସୀ ସ୍ୱାଗତ କରିଛନ୍ତି ।

DADLS-01



## ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ

ତା.୧୩.୦୪.୨୦୨୧

ସକାଳ ୮ ଘଟିକା : ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି – ଡ. ସୂର୍ଯ୍ୟ ନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସମ୍ମାନିତ ଅତିଥି– ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ
ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା
ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
ଡ. ଲେନିନ୍ ମହାନ୍ତି, ସମ୍ପାଦକ
ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ ।

ଆୟୋଜକ :
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ ।
ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ ।
Zoom Link : https://us02web.zoom.us/j/87105986093

**ନାବାଳିକାଙ୍କ ବାହାଘର ବନ୍ଦ ହେଲା**

ନୟାଗଡ଼ ଅଫିସ:ନୟାଗଡ଼ ବ୍ଲକ ମୁକ୍ତାପୁରରେ ୧୩ ବର୍ଷୀୟା ନାବାଳିକାଙ୍କ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା । ନିର୍ବନ୍ଧ ଶେଷ ହୋଇ ସାରିଥିଲା । ମେ'ମାସରେ ଗୋବିନ୍ଦପୁରରେ ବିବାହ ହୋଇଥାନ୍ତା । ଖବର ପାଇ ନୟାଗଡ଼ ଚାଇଲ୍ଡ ଲାଇନ, ନୟାଗଡ଼ ସିଡିପିଓ ନାବାଳିକାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଏହି ବିବାହର କୁଫଳ ଉପରେ ବୁଝାଇଥିଲେ । ଏପରି କି ନାବାଳିକାଙ୍କୁ ସିଡବ୍ଲୁସିରେ ହାଜର କରାଇ ଶିଶୁଗୃହରେ ରଖାଯାଇଛି ।

## ସଂକ୍ଷେପରେ

### ପୁଣି ୭ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୨।୪:** ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ସୋମବାର ହ୍ରାସ ପାଇଛି। ସୋମବାର ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୩ରେ ପହଞ୍ଚିଛି । ତେବେ ଅଧିକାଂଶ ଅମାନିଆ ସରକାରୀ ନିୟମକୁ ଅଣଦେଖା କରି ବିନା ମାସ୍କରେ ବୁଲୁଥିବା ଦେଖିବାକୁ ମିଳୁଛି ।

### ନାଟ୍ୟ ନିର୍ଦ୍ଦେଶକଙ୍କ ଜୟନ୍ତୀ ପାଳିତ

**ନୟାଗଡ଼ ଅଫିସ,୧୨।୪:** ଓଡ଼ିଶା ନାଟ୍ୟ ଜଗତର ମହାନ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ୧୩୭ତମ ଜୟନ୍ତୀ ସ୍ଥାନୀୟ ନୟାଗଡ଼ ପୌରପରିଷଦ ସଭାଗୃହରେ ପାଳିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ଖବରଦାତା ପ୍ରଦୀପ୍ତ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ର, ସାହିତ୍ୟ ଏକାଡେମୀର ନୟାଗଡ଼ ଜିଲା ସଦସ୍ୟ ଅଧ୍ୟାପକ ଅଶୋକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଟ୍ୟରଥୀଙ୍କ ବିଭିନ୍ନ କୃତି ଉପରେ ଆଲୋଚନା କରିଥିଲେ। ସେହିପରି ସୋମବାର ପ୍ରତ୍ୟୁଷରେ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଥିବା ନାଟ୍ୟରଥୀ ଶୂରଦେଓଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ସାହିତ୍ୟାନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ବ୍ରଜେନ୍ଦ୍ର ହାଇସ୍କୁଲ ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ, ଜିଲା ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ, ଅଶୋକ ମଲ୍ଲ, ଉମାକାନ୍ତ ମିଶ୍ର, ନିରଞ୍ଜନ ମିଶ୍ର, ଲକ୍ଷ୍ମୀକାନ୍ତ ରଥ ପ୍ରମୁଖ ସାମିଲ ହୋଇ ନାଟ୍ୟରଥୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାରେ ବିଳମ୍ବକୁ ନେଇ ଜନ ଅସନ୍ତୋଷ

**ଖଣ୍ଡପଡ଼ା,୧୨।୪(ସ୍ୱ.ପ୍ର.)**-ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଅଞ୍ଚଳରେ ଅବ୍ୟବସ୍ଥା ଲାଗି ରହିଛି । ଅଧିକାଂଶ ସମୟରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି । ଏହାର ପ୍ରତିକାର ପାଇଁ ସ୍ଥାନୀୟ ଉପଭୋକ୍ତାମାନେ ବାରମ୍ବାର ଦାବି କରି ଆସିଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ । ସ୍ଥାନୀୟ ଅଞ୍ଚଳରେ ଏକ ଗ୍ରୀଡ୍ ସ୍ଥାପନ କରାଗଲେ ଉପରୋକ୍ତ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ନୟାଗଡ଼ ଜିଲା ଖଣ୍ଡପଡ଼ାରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ୫୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଉକ୍ତ ଅନୁଦାନ ଅର୍ଥରେ ଖଣ୍ଡପଡ଼ା ସହରର ଉପକଣ୍ଠରେ ବିଦ୍ୟୁତ୍ ଗ୍ରୀଡ୍‌ପ୍ରତିଷ୍ଠା ନିମନ୍ତେ ୧୫ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗା ଚିହ୍ନଟ କରାଯାଇଛି। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାରେ ଅଯଥା ବିଳମ୍ବ ହେଉଥିବା ଅଞ୍ଚଳବାସୀ କହିଛନ୍ତି । ଖଣ୍ଡପଡ଼ାରେ ଉକ୍ତ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ହେଲେ ଖଣ୍ଡପଡା,କଣ୍ଟିଲୋ ସମେତ ଭାପୁର ଓ ଗଣିଆ ବ୍ଲକ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଉକ୍ତ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ଦ୍ୱାରା ବାରମ୍ବାର ବିଦ୍ୟୁତ୍ କାଟ, ଅଘୋଷିତ ବିଦ୍ୟୁତ୍ କାଟ ସମେତ ଲୋଭୋଲ୍‌ଟେଜ୍ ସମସ୍ୟା ଦୂର ହୋଇପାରିବ । ପ୍ରସ୍ତାବିତ ସ୍ଥାନରେ ବିଦ୍ୟୁତ୍ ଗ୍ରୀଡ୍ ତୁରନ୍ତ ପ୍ରତିଷ୍ଠା ବିଭିନ୍ନ ମହଲରୁ ଦାବି ହେଉଛି ।

### ନନ୍ଦପୁରରେ ଅଗ୍ନିକାଣ୍ଡ, ଜଳିଗଲା ୩ ବଖରା



**ନୟାଗଡ଼ ଅଫିସ,୧୨।୪:** ନୟାଗଡ଼ ତହସିଲ ଗମ୍ଭାରଡିହି ପଞ୍ଚାୟତ ନନ୍ଦପୁର ଗାଁରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୩ ବଖରା ଘର ଜଳି ଯାଇଛି । ଏଥିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଛି। ସୂଚନା ଅନୁଯାୟୀ, ନନ୍ଦପୁର ଗାଁର ଦୂତୀକୃଷ୍ଣ ପ୍ରଧାନଙ୍କ ଘରେ ରୋଷେଇ ବେଳେ ଅସାବଧାନତଃର ନିଆଁ ଲାଗି ଯାଇଥିଲା। ଏଥିରେ ଦୂତୀକୃଷ୍ଣଙ୍କ ଭାଇ ବୃନ୍ଦାବନ ପ୍ରଧାନଙ୍କ ଘର ଜଳି ଯାଇଥିଲା। ସ୍ଥାନୀୟ ଲୋକ ଓ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ନୟାଗଡ଼ ଷ୍ଟେଶନରେ ପୋଡ଼ାଜଳା, ଭଙ୍ଗାରୁଜା

**ନୟାଗଡ଼ ଅଫିସ,୧୨।୪**

ନିଶାଖୋରଙ୍କୁ ଆକଟ କରିବା ନୟାଗଡ଼ ଷ୍ଟେଶନ ମାଷ୍ଟରଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଏହି ଘଟଣାକୁ କେନ୍ଦ୍ର କରି ରବିବାର ରାତିରେ ଜଣେ ପୋଲିସ କନଷ୍ଟେବଲଙ୍କ ସମେତ ୨୦ରୁ ୨୫ ନିଶାସକ୍ତ ଯୁବକ ନୟାଗଡ଼ ଟାଉନ ରେଳ ଷ୍ଟେଶନରେ ପଶି ବ୍ୟାପକ ପୋଡ଼ାଜଳା, ଭଙ୍ଗାରୁଜା କରିବା ସହ ମାରପିଟ୍ କରିଛନ୍ତି । ଏଥିରେ ଷ୍ଟେଶନ ମାଷ୍ଟର ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ୪ କର୍ମଚାରୀ ଆହତ ହୋଇଥିବା ଅଭିଯୋଗ ହୋଇଛି । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଓ ଏସ୍‌ପି ପହଞ୍ଚି ତଦନ୍ତ କରିଛନ୍ତି । ରେଳ ବିଭାଗର ଏଡିଆରଏମ୍ ଅଶୋକ କୁମାର, ଡିଏସ୍‌ସି ଆର୍‌ପିଏଫ୍ ଏମ୍. ଶମ୍ଭାଶିବ ରାଓ, ଡିଭିଜନାଲ ଅପରେଟିଂ ମ୍ୟାନେଜର ପ୍ରମୁଖ ଘଟଣାର ତଦନ୍ତ କରି ଫେରିଛନ୍ତି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନୟାଗଡ଼ ରିଜର୍ଭ ଭିଏଚ୍‌ଏଫ୍ କଣ୍ଟ୍ରୋଲ ରୁମରେ କାର୍ଯ୍ୟରତ କନଷ୍ଟେବଲ ତଥା ନୟାଗଡ ଓଲ୍ଡ ହଷ୍ଟେଲର ଚିତ୍ତରଞ୍ଜନ ଜେନା ଓରଫ ଫେଲୁ(୩୪)ଙ୍କୁ ଏସ୍‌ପି ନିଲମ୍ବନ କରିଛନ୍ତି। ସେହିପରି କନ୍‌ଷ୍ଟେବଲ ଚିତ୍ତ ରଞ୍ଜନଙ୍କ ସମେତ ନୟାଗଡ଼ ଟାଉନ ଥାନା ଅଧୀନ ଖଣ୍ଡପଡ଼ା ରୋଡ ହନୁମାନ ନଗରର ବିକାଶ ଲେଙ୍କା(୧୯) ଓ ସିଦ୍ଧାର୍ଥ ଦାସ(୨୨), ପୋଲିସ ଷ୍ଟେଶନ ଅଞ୍ଚଳର ରାଜା କୁମାର ପ୍ରଧାନ ଓରଫ ସୁମନ(୨୩), ମିଶ୍ର ଲେନ୍‌ର ବସନ୍ତ ମହାପାତ୍ର ଓରଫ ପିଣ୍ଟୁ(୨୫), ହାଟପଦାର ଦୀପକ ମହାପାତ୍ର(୧୯), ଲେଙ୍କୁଡିପଡାର ଦିଲ୍ଲୀପ ଜେନା ଓରଫ କାହ୍ନା(୨୩), ଗଣିଆ ଥାନା ଅଧୀନ ଇନ୍ଦିପଟା ଗାଁର ବିଶ୍ୱ ଭୂଷଣ ପାଣିଗ୍ରାହୀ ଓରଫ ହାପି(୨୫), ଫତେଗଡ ଥାନା ଅଧୀନ ଜଗନ୍ନାଥପ୍ରସାଦର କାହ୍ନା ପ୍ରଧାନ (୧୯), ନୟାଗଡ ସଦର ଥାନା ଲକ୍ଷ୍ମୀପ୍ରସାଦର ଆଲୋକ ମହାପାତ୍ର ଓରଫ ଚୁଇଁ(୨୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।



ଆହତ ଷ୍ଟେଶନ ମାଷ୍ଟର।

- ନିଶାଖୋରଙ୍କୁ ଆକଟ କରିବାରୁ ଆକ୍ରମଣ
- ଷ୍ଟେଶନ ମାଷ୍ଟରଙ୍କ ସହ ୪ ଆହତ
- ୧୦ ଆକ୍ରମଣକାରୀ ଗିରଫ
- ମୁଖ୍ୟ ଅଭିଯୁକ୍ତ ପୋଲିସ କନ୍‌ଷ୍ଟେବଲ ନିଲମ୍ବିତ



କଣ୍ଟ୍ରୋଲ ରୁମ୍ ଭଙ୍ଗାରୁଜା ଓ ପୋଡ଼ାଜଳା।

ଅଭିଯୋଗ ଅନୁସାରେ, ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ନୟାଗଡ଼ ଟାଉନ ଷ୍ଟେଶନ ନିକଟରେ ୨୦ରୁ ୨୫ ଜଣ ଯୁବକ ନିଶା ଖାଉଥିଲେ। ଏହାଦେଖି ଷ୍ଟେଶନର କର୍ମଚାରୀମାନେ ବାରଣ କରିବା ସହ ଘରକୁ ପଳାଇ ଯିବାକୁ ପରାମର୍ଶ ଦେଇଥିଲେ । ହେଲେ ସମ୍ପୃକ୍ତ ଯୁବକମାନେ ସେଠାରେ ଡିଜେ ବଜାଇ ନାଚଗୀତ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପାଟ୍ରୋଲିଂ କରୁଥିବା ଷ୍ଟେଶନ ମାଷ୍ଟରଙ୍କ ସମେତ ୪ କର୍ମଚାରୀ ଏହାର ପ୍ରତିବାଦ କରିବାରୁ ସେହି ଯୁବକମାନେ ଷ୍ଟେଶନ ମାଷ୍ଟର ଓ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ଏତିକିରେ କଥା ସରି ନ ଥିଲା । ରାତି ପ୍ରାୟ ୧୦.୪୫ରେ ସମ୍ପୃକ୍ତ ଯୁବକମାନେ ଏକାଠି ହୋଇ ହାତରେ ଲୁହାରଡ ଓ ଜିଆଇ ପାଇପ୍ ଧରି ଷ୍ଟେଶନ ମାଷ୍ଟରଙ୍କ ସମେତ ୪ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ପରେ ଷ୍ଟେଶନ ଭିତରେ ପଶି ପୁରୁଷ ଓ ମହିଳା ୱେଟିଂରୁମ୍‌ର ଆସବାବପତ୍ର, ଷ୍ଟେଶନ ମାଷ୍ଟରଙ୍କ ପ୍ୟାନେଲ ରୁମ୍‌ରେ ଥିବା କମ୍ପ୍ୟୁଟର ଓ କବାଟ ଭଙ୍ଗାରୁଜା କରିଥିଲେ । ଫୁଲକୁଣ୍ଡ ଫୋପାଡି ଦେଇଥିଲେ । ଏହି ସୁଯୋଗରେ ସେମାନେ ଷ୍ଟେଶନ ମାଷ୍ଟରଙ୍କ ସୁନା ଚେନ୍ ଓ ୨ ହଜାର ଟଙ୍କା ଲୁଟି ନେଇଥିଲେ। ଏହାପରେ ସେମାନେ ବୋତଲରେ ପେଟ୍ରୋଲ ଆଣି କଣ୍ଟ୍ରୋଲ ରୁମ ଭିତରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରରେ ନିଆଁ ଲଗାଇ ଦେବା ସହ ଭଙ୍ଗାରୁଜା କରିଥିଲେ । କର୍ମଚାରୀମାନେ ସେହି ନିଆଁକୁ ଆୟତ୍ତ କରି ନେଇଥିଲେ ।

ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ରେଲୱେ କର୍ମଚାରୀମାନେ ଅଟକ ରଖିଥିବା କାହ୍ନା ପ୍ରଧାନଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ । କାହ୍ନାଙ୍କୁ ପଚରାଉଚୁରା ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା । ତେବେ ନୟାଗଡ଼ର ଦାନୀ କଳସ ଫେରାର ଥିବା ଜଣାପଡିଛି । ଏନେଇ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ଷ୍ଟେଶନ ମାଷ୍ଟର ସଞ୍ଜୟ କୁମାର ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ୩୪୧, ୨୯୪, ୩୨୩, ୩୦୭, ୩୫୩, ୩୩୨, ୩୨୫, ୪୨୭, ୪୩୫, ୩୭୯, ୫୦୬, ୩୪ ଆଇପିସି, ପ୍ରିଭେନସନ ଅଫ୍ ଡ୍ୟାମେଜ ଟୁ ପବ୍ଲିକ ପ୍ରପର୍ଟି ଆକ୍ଟ ୧୯୮୪(୩), ରେଲୱେ ଆକ୍ଟ ୧୯୮୯(୧୪୫, ୧୪୬ ଓ ୧୪୭) ଦଫାରେ ୧୧ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଏହି ଘଟଣାରେ ଅନ୍ୟ କିଏ ସଂପୃକ୍ତି ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଛି । ପ୍ରାଥମିକ ପର୍ଯ୍ୟାୟରେ କନଷ୍ଟେବଲ ଜେନାଙ୍କୁ ନିଲମ୍ବନ କରାଯାଇଛି । ତଦନ୍ତ ଚାଲୁ ରହିଛି । ଅଧିକ ପ୍ରମାଣ ମିଳିଲେ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

# ପାଣି ପାଇଁ ଲଡୁବାବାଙ୍କୁ ଗୁହାରି




ପାନୀୟ ଜଳ ପାଇଁ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ବାଉଁଶିଆ ଗ୍ରାମବାସୀ ଗରା,ବାଲ୍‌ଟି ଧରି ଅଭିନବ ଉପାୟରେ ଗୁହାରୀ କରୁଛନ୍ତି ।

**ନୟାଗଡ଼ ଅଫିସ,୧୨।୪**

## ବାଉଁଶିଆରେ ପାନୀୟଜଳ ସଙ୍କଟ

ନୟାଗଡ଼ ଜିଲା ଶରଣକୁଳ ପଞ୍ଚାୟତ ବାଉଁଶିଆରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି । ଗାଁର ପାଣି ସମସ୍ୟା ନେଇ ସ୍ଥାନୀୟ ଲୋକ ଓଡ଼ଗାଁ ବିଡିଓ, ଆରଡବ୍ଲ୍ୟୁଏସଏସ ଓ ବ୍ଲକ ଏସ୍‌ଡିଓ ଏବଂ ଜେଇ, ପଞ୍ଚାୟତ ଅଫିସରେ ଜଣାଇଥିଲେ। ସବୁଠାରୁ ପ୍ରତିଶ୍ରୁତି ମିଳିଥିଲେ ହେଁ କେହି ସମସ୍ୟା ସମାଧାନ କରିଲେ ନାହିଁ । ଶେଷରେ ଗ୍ରାମବାସୀ କ୍ଷୋଭ ପ୍ରକାଶ କରି ବାଲଟି ଓ ଗରା ଧରି ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କୁ ସୋମବାର ନିଜ ଦୁଃଖ ଜଣାଇ ଥିଲେ । ହେ ଲଡୁବାବା ପାନୀୟ ଜଳ ସଙ୍କଟ ଦୂର କରିବାକୁ କହିଥିଲେ । ଏଥିରେ ପୂର୍ବତନ ସମିତି ସଭ୍ୟ କୃଷ୍ଣ ତ୍ରିପାଠୀ, ୱାର୍ଡ ସଭ୍ୟ ପ୍ରସନ୍ନ ଦାସ, ଗାଁ ସଭାପତି ମାନସ ଦାସ ପ୍ରମୁଖ ଏପରି ଅଭିନବ ପ୍ରତିବାଦରେ ସାମିଲ ହୋଇଥିଲେ ।

## ସପ୍ତାହରେ ୨ ଥର ଲୁଟ, ପୋଲିସର ତନାଘନା ଜାରି

**ଓଡ଼ଗାଁ,୧୨।୪ (ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ନିକଟ ତଥା ମନ୍ଦିର ରୋଡ ବଜାର ଅଞ୍ଚଳରୁ ସପ୍ତାହ ବ୍ୟବଧାନରେ ଦୁଇଥର ଲୁଟ ଘଟଣା ଘଟିଥିବା ଥାନାରେ ଅଭିଯୋଗ ହୋଇଛି । ଗତ ୮ ତାରିଖରେ ଚେମେଡି ଗାଁରେ ଜଣେ ଚାଷୀଙ୍କ ବାଇକ୍ ଡିକି ଭାଙ୍ଗି ୨ ଲୁଟେରା ୪୦ ହଜାର ଟଙ୍କା ନେଇ ମୋଟର ସାଇକେଲରେ ଚମ୍ପଟ ମାରିଥିଲେ । ସେହିପରି ସୋମବାର ଅପରାହ୍ନ ୨ଟାବେଳେ ଜାରିଙ୍ଗି ଗାଁର ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ମହିଳା ସଦସ୍ୟ ମାନେ ବ୍ୟାଙ୍କରୁ ଟଙ୍କା ଉଠାଇ ଚାଲି ଚାଲି ଯାଉଥିବା ବେଳେ ସେମାନଙ୍କୁ ଏକ ଧଳା ବାଇକରେ ପିଛା କରୁଥିବା ଦୁଇ ଲୁଟେରା ବ୍ୟାଗ୍‌ରେ ଥିବା ୭୦ ହଜାର ଟଙ୍କା ଝାମ୍ପି ନେଇ ଦ୍ରୁତ ଗତିରେ ଚାଲି ଯାଇଥିବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଲୁଟେରାମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ସ୍ଥାନୀୟ ବଜାରରେ ଲାଗିଥିବା ସିସି ଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରୁଥିବା ସୂଚନା ମିଳିଛି। ହେଲେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଲୁଟ ଟଙ୍କା ଉଦ୍ଧାର କିମ୍ବା ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇପାରିନାହିଁ ।

## କରୋନା ସମୀକ୍ଷା କଲେ ଆରଡିସି

**ନୟାଗଡ଼ ଅଫିସ,୧୨।୪:** ସୋମବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଅରଡିସି) ଅନିଲ କୁମାର ସାମଲ ଏକ ଦିବସୀୟ ନୟାଗଡ଼ ଗସ୍ତରେ ଆସି ଜିଲାର କରୋନାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । କରୋନା ମୁକାବିଲା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ସମ୍ପର୍କରେ ଜିଲାପାଳ ପୋମା ଟୁଡୁ ଅବଗତ କରାଇଥିଲେ। କୋଭିଡ୍ କଣ୍ଟ୍ରୋଲ ରୁମ୍, ଆମ୍ବୁଲାନ୍ସ, କରୋନା ପରୀକ୍ଷା, ଟିକାକରଣ ଓ ରୋଗୀଙ୍କ ସମ୍ପର୍କରେ ଆରଡିସି ପଚାରି ବୁଝିଥିଲେ। କରୋନାକୁ ପ୍ରତିହିତ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରିବାକୁ ପରାମର୍ଶ ଦିଆଯାଇଛି । ପୋଲିସର ସହଯୋଗ ନେବାକୁ ଆରଡିସି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ମିଶ୍ର, ବିଭିନ୍ନ ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ଟିକା ନେଇ ନାହାନ୍ତି

**ଦଶପଲ୍ଲା,୧୨।୪(ଡି.ଏନ.ଏ.):** ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକ୍ ଭୌଗୋଳିକ ଦୃଷ୍ଟି କୋଣରୁ ଯେମିତି ବଡ ଜନସଂଖ୍ୟା ଦୃଷ୍ଟିରୁ ମଧ ସେମିତି ବୃହତ୍ତର । ଗୋଟିଏ ଏନ୍‌ଏସି ଏବଂ ୨୦ ଗ୍ରାମପଞ୍ଚାୟତ ବିଶିଷ୍ଟ ଏହି ବ୍ଲକର ଜନସଂଖ୍ୟା ଏକ ବେସରକାରୀ ସୂତ୍ର ଅନୁଯାୟୀ ୧ଲକ୍ଷରୁ ଊର୍ଦ୍ଧ୍ୱ । ସେଥିମଧ୍ୟରୁ ୪୫ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ୪୦ହଜାରରୁ ଅଧିକ । ମାର୍ଚ୍ଚ ପ୍ରଥମ ସପ୍ତାହରେ ଆରମ୍ଭ କରାଯାଇଥିବା କରୋନା ପ୍ରତିଷେଧକ ଟିକା ଦାନ ଚାଲିଛି । ଏପ୍ରିଲ ୧୧ତାରିଖ ମଧ୍ୟରେ ଏହି ବ୍ଲକର ୭ହଜାର ୩୨୨ଜଣଙ୍କୁ ଟିକା ଦିଆଯାଇଛି । ଏନ୍‌ଏସି ଅଞ୍ଚଳରେ ୪୨୧୦ ଜଣ ଟିକା ନେଇଥିବା ବେଳେ ମଧ୍ୟଖଣ୍ଡରେ-୧୨୫୩, ଘୋଳାହାଣ୍ଡିରେ-୭୬୪, ଚଡେୟାପଲ୍ଲୀରେ-୨୪୧, କଳସାଖମଣରେ-୬୮, ନୂଆଗାଁରେ-୮୭, ଟାକରାରେ- ୩୨୦, ବାଣିଗୋଛାରେ-୨୬୬, କୁଜାମେଣ୍ଡିରେ-୧୧୩ ଜଣଙ୍କୁ ଟିକା ଦିଆଯାଇଛି । ବାହାରକୁ କାମ ଆଶାରେ ଯାଇଥିବା ଲୋକଙ୍କୁ ଛାଡି ଏବେବି ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଟିକା ନେବା ପାଇଁ ଅପେକ୍ଷା କରିଛନ୍ତି । ତା'ପରେ ପୁଣି ଦ୍ୱିତୀୟ ଡୋଜ୍ ଦିଆଯିବ । ଏବେ ଦଶପଲ୍ଲାରେ ଟିକାର ଅଭାବ ରହିଛି । ସେଥିପାଇଁ ଟିକା ଦେବା ଏକ ପ୍ରକାର ବନ୍ଦ ରହିଛି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଡା.ରଶ୍ମୀ ରଞ୍ଜନ ଭଦ୍ରା କହିଛନ୍ତି, ଟିକା ଆମ ପାଖରେ ପହଞ୍ଚିବା ପରେ ଶୀଘ୍ର ଦିଆଯିବାର ବ୍ୟବସ୍ଥା କରାଯିବ ।

# ସୂଚନା ଅଧିକାର ତଥ୍ୟକୁ ମିଛ କହୁଛି ପ୍ରଶାସନ

**ନୟାଗଡ଼ ଅଫିସ,୧୨।୪**

ନୟାଗଡ଼ ଜିଲା ଭାପୁର ବ୍ଲକ ବଡସରା ପଞ୍ଚାୟତ ଗୋପାଳପ୍ରସାଦ ଗାଁରେ ପ୍ରାୟ ୮୫୦ମିଟର ରାସ୍ତାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍‌ଆରଇଜିଏସ୍)ରେ ୨୧ ଥର ବିଲ୍ କରାଯାଇଛି । ଏପରି ଅଭିଯୋଗ ଉଠିବା ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା । ତଦନ୍ତ ରିପୋର୍ଟ ମିଳିବା ପରେ ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇ ନ ଥିବା ଜିଲାପାଳ ଗଣମାଧ୍ୟମକୁ କହିଥିଲେ । ଜିଲାପାଳଙ୍କ ବିବୃତି ପରେ ରାସ୍ତା ତଦନ୍ତର ସ୍ୱଚ୍ଛତା ଉପରେ ଭାପୁର ବ୍ଲକ ଅଞ୍ଚଳର ଦୁଇ ସୂଚନା କର୍ମୀ କୃଷ୍ଣଚନ୍ଦ୍ର ସାହୁ ଓ ନବ କିଶୋର ବରାଡ ପ୍ରଶ୍ନ ଉଠାଇଛନ୍ତି। ଏନେଇ ନୟାଗଡ଼ରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଅଧିକାର କର୍ମୀ ଦ୍ୱୟ କହିଛନ୍ତି ଚାପରେ ଚେପା ହୋଇଛି ଜିଲା ପ୍ରଶାସନ । ରାସ୍ତାର ଦୁର୍ନୀତି ନେଇ ଅଭିଯୋଗ ପୂର୍ବରୁ ମାତ୍ର ଗୋଟିଏ ନାମଫଳକ ଥିଲା । ତେବେ ତଦନ୍ତ ପୂର୍ବରୁ ତରବରିଆ ଭାବେ ୪ ନାମଫଳକ ନିର୍ମାଣ କରାଗଲା । ତଦନ୍ତକାରୀ ଟିମ୍ ଓ ଜିଲା ପ୍ରଶାସନ ଏହା ଜାଣି ଅଜଣା ପରି ରହିଲେ। ତଦନ୍ତକୁ ନିଜ ସପକ୍ଷରେ ନେଇ ସବୁ କିଛି ଠିକ୍ ଦର୍ଶାଇଲେ । ଆଉ କିଛି ନାମଫଳକ ନ ଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି କହି ଦୁର୍ନୀତିର ଫାଇଲକୁ ଶୀତଳ ଭଣ୍ଡାରକୁ ଫୋପାଡି ଦେଲେ । ଅନ୍ୟପକ୍ଷେ ଯଦି ଏହି ରାସ୍ତା ପାଇଁ ୨୧ ଥର ବିଲ୍ ନ ହୋଇ ୧୧ ଥର ବିଲ୍ ହୋଇଛି ବୋଲି ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଉଛି ଅବଶିଷ୍ଟ ବିଲର ଅନୁଦାନ ଗଲା କୁଆଡେ । ଖର୍ଚ୍ଚ ହୋଇଥିବା ଟଙ୍କାକୁ କାହିଁକି ତଦନ୍ତ ପରିସରଭୁକ୍ତ କରାଗଲା ନାହିଁ । ପୁଣି ୨୦୧୮ରୁ ୨୦୨୧ ମଧ୍ୟରେ ଏମଜିଏନଆରଇଜିଏସ୍‌ରେ ରାସ୍ତା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଥିଲା । ଏହାରି ଭିତରେ ଗୋପାଳପ୍ରସାଦ ଗାଁର ରାସ୍ତାକୁ ଆରଡି ବିଭାଗ ପିଚୁ କରିଛି କହି ଦୋଷ ଖସାଇ ଦିଆଯାଇଛି । କିନ୍ତୁ ଆରଡି ବିଭାଗ ୨୦୧୫ ପୂର୍ବରୁ ଏହି ରାସ୍ତାକୁ ପିଚୁ କରିଥିବା ଜଣାପଡିଛି , ଯାହା ତଦନ୍ତ ସାପେକ୍ଷ । ଏଣୁ ଆରଡି ବିଭାଗର ନାଁ ନେଇ ଏମ୍‌ଜିଏନଆରଇଜିଏସର ଦୁର୍ନୀତିକୁ ଚାପିବାର ପ୍ରୟାସ କରାଯାଇଛି । ଅନ୍ୟପକ୍ଷେ ଭାପୁର ବ୍ଲକ୍‌ରୁ ମିଳିଥିବା ସୂଚନା ଅଧିକାର ତଥ୍ୟରେ ୨୧ ଥର ବିଲ୍ ହୋଇଥିବା ଜଣାପଡିଥିଲା । ଜିଲା ପ୍ରଶାସନ ସତ ମାନିବାକୁ ଯଦି ଅରାଜି ହେଉଛି ତେବେ ସୂଚନା ଅଧିକାର ତଥ୍ୟ କଣ ଭୁଲ୍ । ଯଦି ଭୁଲ୍ ତେବେ ସୂଚନା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିଭଳି ଉକ୍ତ ରାସ୍ତା କାର୍ଯ୍ୟରେ ୨୧ଟି ବିଲ୍ ହୋଇଥିବା ଯାହା କୁହାଯାଉଛି, ସେଥିରେ ପୁଣି ଆଉ ଦୁଇଟି ଅନିୟମିତତା ସାମିଲ୍ ହୋଇ ସାରିଲାଣି। ଗୋପାଳପ୍ରସାଦ ଗାଁରୁ ବାଇଗୁଣିଆଁକୁ ସଂଯୋଗ ରାସ୍ତା ନ ଥିଲେ ମଧ ୨ଟି ବିଲ କରାଯାଇଛି, ଯାହା ଫଲ୍‌ସ ହୋଇଥିବା ଜଣା ପଡିଲାଣି। ସେହିଭଳି ଦୁର୍ନୀତିକୁ ଘଷ୍ଟ ଘୋଡାଇବା ପାଇଁ ବାଇଗୁଣିଆଁ ପଞ୍ଚାୟତର ଧଳାବନ୍ଧ ରାସ୍ତାରେ ତରବରିଆ ଭାବେ କାମ କରାଯାଇଛି । ପୁଣି ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ବସନ୍ତପୁର ଗାଁର ରାସ୍ତାକୁ ଏଥିରେ ସାମିଲ କରାଯାଇଛି । ପ୍ରଶାସନ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ନାଁ ଦୁର୍ନୀତିକୁ ଚାପିବ ବୁଝିହେଉନି । ଏଣୁ ଆମେ ଏହାର ନିରପକ୍ଷେ ତଦନ୍ତ ଦାବି କରୁଛୁ ବୋଲି ଦୁଇ ସୂଚନା ଅଧିକାର କର୍ମୀ କହିଛନ୍ତି । ଏନେଇ ଆମେ ପରାମର୍ଶ ଜାରି ରଖିଛୁ । କୋର୍ଟ ଯିବା ପାଇଁ ପ୍ରସ୍ତୁତି କରୁଛୁ। ତେବେ ଆମକୁ ଜୀବନରେ ମାରିଦେବାର ଧମକ ମିଳିଲାଣି । ଆମ ନାଁରେ ମିଥ୍ୟା ମାମଲା କରାଗଲାଣି । ରାସ୍ତା ଦୁର୍ନୀତି ନେଇ ନୀରବତା ଅବଲମ୍ବନ କରିବାକୁ ଚାପ ପଡୁଛି । ଆମେ କିନ୍ତୁ ଦୁର୍ନୀତିର ପର୍ଦ୍ଦାଫାଶ ନ ହେବା ପର୍ଯ୍ୟନ୍ତ ଚୁପ ହୋଇ ରହିବୁ ନାହିଁ ବୋଲି ଉଭୟ କହିଛନ୍ତି । ସୂଚନାଯୋଗ୍ୟ, ଗୋପାଳପ୍ରସାଦ ଗାଁରେ ପ୍ରାୟ ୮୫୦ମିଟର ରାସ୍ତାକୁ ଜଙ୍ଗଲଠାରୁ ଧଳାବନ୍ଧ ରାସ୍ତା, ଗୋପାଳପୁରଠାରୁ ଖଣି ଟ୍ୟାପରାସ୍ତା, ଗୋପାଳପ୍ରସାଦର ନୂଆସାହିଠାରୁ ଜଙ୍ଗଲରାସ୍ତା ଏପରି ଭିନ୍ନ ଭିନ୍ନ ନାଁରେ ୨୦୧୮-୧୯ ଆର୍ଥିକ ବର୍ଷରେ ୬ଥର , ୨୦୧୯-୨୦ରେ ୯ଥର ଓ ୨୦୨୦-୨୧ରେ ୬ଥର ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା ।



ଖବରଦାତା ସମ୍ମିଳନୀ ସୂଚନା କର୍ମୀ କୃଷ୍ଣଚନ୍ଦ୍ର ସାହୁ ଓ ନବ କିଶୋର ବରାଡ ।

**ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ ଘଟଣା**
- ତଦନ୍ତ ରିପୋର୍ଟରେ ସ୍ୱଚ୍ଛତା ନାହିଁ
- ତଦନ୍ତ ପୂର୍ବରୁ ନିର୍ମାଣ କରାଗଲା ୪ ଫଳକ